

ଯା ଦେବୀ ସର୍ବଭୂତେଷୁ...


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ସୋମବାର ୩୧ ଅଗଷ୍ଟ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 31 August 2026

Vol.No. 36 ■ No.228 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା

ସାଗରିକା

(ରଥ ସଂଖ୍ୟା)

ଡିଜିଟାଲ ଫର୍ମାଟରେ

ମଧ୍ୟ ଉପଲବ୍ଧ...

ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ବସଷ୍ଟାଣ୍ଡ ସାମ୍ନା, ବାଲେଶ୍ୱର

website : sagarika.in.net


## ଉଜବେକିସ୍ତାନ ସହ ଭାରତର ବଡ଼ ଚୁକ୍ତି: ୟୁରାନିୟମ୍ ଯୋଗାଣରେ ମିଳିଲା ସଫଳତା



ନୂଆଦିଲ୍ଲୀ,୩୦/୮ : ମଧ୍ୟପ୍ରାଚ୍ୟରେ ଯୁଦ୍ଧର ମାହୋଲ ଭିତରେ ଭାରତର ବିଦେଶ ନୀତିକୁ ମିଳିଛି ବଡ଼ ସଫଳତା। ଦୁଇ ଦିନିଆ ଉଜବେକିସ୍ତାନ ଗସ୍ତ ସମୟରେ ଭାରତ ଓ ଉଜବେକିସ୍ତାନ ମଧ୍ୟରେ ୟୁରାନିୟମ୍ ଯୋଗାଣକୁ ନେଇ ହୋଇଛି ଗୁରୁତ୍ୱପୂର୍ଣ୍ଣ ଆଲୋଚନା। ଭାରତକୁ ଦୀର୍ଘମିଆଦୀ ୟୁରାନିୟମ୍ ଯୋଗାଣ ପାଇଁ ଉଭୟ ଦେଶ ଏକ ଚୁକ୍ତି କରିବା ଦିଗରେ ଆଗକୁ ବଢ଼ିଛନ୍ତି। ଏଥିସହ ୨୦୩୦ ସୁଦ୍ଧା ଭାରତ ଓ ଉଜବେକିସ୍ତାନ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟକୁ ୫ ବିଲିୟନ୍ ଡଲାରରୁ ଅଧିକ କରିବାକୁ ଲକ୍ଷ୍ୟ ରଖାଯାଇଛି। ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ମଧ୍ୟ ଏସିଆର କେନ୍ଦ୍ରସ୍ଥଳରେ ଉଜବେକିସ୍ତାନର ରଣନୈତିକ ଗୁରୁତ୍ୱ ରହିଛି । ଭାରତ ଓ ଉଜବେକିସ୍ତାନର ମଜବୁତ ସମ୍ପର୍କ ମଧ୍ୟ ଏସିଆରେ ଶାନ୍ତି, ପ୍ରଗତି ଓ ସମୃଦ୍ଧି ପାଇଁ ଏକ ଶକ୍ତିଶାଳୀ ଭୂମିକା ନେବ। ବିଦେଶ ମନ୍ତ୍ରଣାଳୟର ପଶ୍ଚିମ ବିଭାଗର ସଚିବ ସିବି ଜର୍ଜ କହିଛନ୍ତି, ଭାରତକୁ ୟୁରାନିୟମ୍ ଯୋଗାଣ ନେଇ ଉଭୟ ଦେଶ ମଧ୍ୟରେ ସକାରାତ୍ମକ ଆଲୋଚନା ହୋଇଛି। ଦୀର୍ଘମିଆଦୀ ଯୋଗାଣ ପାଇଁ ଖୁବ୍‌ଶୀଘ୍ର ଏକ ଚୁକ୍ତି ସ୍ୱାକ୍ଷର ହେବାର ସମ୍ଭାବନା ରହିଛି। ଏହା ସହ ଭାରତ-ଉଜବେକିସ୍ତାନ ସମ୍ପର୍କକୁ 'ବ୍ୟାପକ ରଣନୈତିକ ସହଭାଗିତା' ସ୍ତରକୁ ଉନ୍ନୀତ କରାଯାଇଛି। ଦୁଇ ଦେଶ ମଧ୍ୟରେ ବିଦେଶ ମନ୍ତ୍ରୀ ସ୍ତରରେ ନୂଆ ସମନ୍ୱୟ ବ୍ୟବସ୍ଥା ଗଠନ କରାଯିବ। ଭାରତ-ଉଜବେକିସ୍ତାନ ଆର୍ଥିକ ସମ୍ପର୍କକୁ ଆହୁରି ମଜବୁତ କରିବା ଉପରେ ଦୁଇ ଦେଶ ଗୁରୁତ୍ୱ ଦେଇଛନ୍ତି। ୨୦୩୦ ସୁଦ୍ଧା ବାଣିଜ୍ୟକୁ ୫ ବିଲିୟନ୍ ଡଲାରରୁ ଅଧିକ କରିବା ସହ ଇନ୍‌ଫ୍ରାଷ୍ଟ୍ରକ୍ଚର, ଡିଜିଟାଲ୍ ପବ୍ଲିକ୍ ଇନ୍‌ଫ୍ରାଷ୍ଟ୍ରକ୍ଚର, ଏଆଇ, ଗୁରୁତ୍ୱପୂର୍ଣ୍ଣ ଖଣିଜ, ଶକ୍ତି ଓ ମହାକାଶ କ୍ଷେତ୍ରରେ ସହଯୋଗ ବଢ଼ାଇବାକୁ ନିଷ୍ପତ୍ତି ହୋଇଛି। ବ୍ୟବସାୟ ପାଇଁ ବଜାର ପ୍ରବେଶକୁ ସହଜ କରିବା ସହ ଯୋଗାଯୋଗ, ବ୍ୟାଙ୍କିଙ୍ଗ୍ ଓ ପେମେଣ୍ଟ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରାଯିବ। ଭାରତ ଓ ଉଜବେକିସ୍ତାନ ପ୍ରତିରକ୍ଷା କ୍ଷେତ୍ରରେ ମଧ୍ୟ ସହଯୋଗ ବଢ଼ାଇବାକୁ ରାଜି ହୋଇଛନ୍ତି। ଦୁଇ ଦେଶର ପ୍ରତିରକ୍ଷା ଶିଳ୍ପ ମଧ୍ୟରେ ସିଧାସଳଖ ଯୋଗାଯୋଗ ବଢ଼ାଇବା ସହ ସାମରିକ ଉପକରଣର ଯୁଗ୍ମ ବିକାଶ ଓ ଉତ୍ପାଦନ ଉପରେ ଗୁରୁତ୍ୱ ଦିଆଯିବ। ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ଭାରତ ଓ ଉଜବେକିସ୍ତାନ ମଧ୍ୟରେ ରହିଥିବା ଘନିଷ୍ଠ ପ୍ରତିରକ୍ଷା ଓ ସୁରକ୍ଷା ସମ୍ପର୍କ ପରସ୍ପର ମଧ୍ୟରେ ଥିବା ବିଶ୍ୱାସର ପ୍ରତୀକ। ଆଗାମୀ ଦିନରେ ପ୍ରତିରକ୍ଷା ଶିଳ୍ପରେ ମିଳିତ ବିକାଶ ଓ ଉତ୍ପାଦନକୁ ଆହୁରି ବଢ଼ାଯିବ। ଆତଙ୍କବାଦ, ଉଗ୍ରବାଦ ଓ ବିଚ୍ଛିନ୍ନତାବାଦକୁ ଉଭୟ ଦେଶ ଗୁରୁତର ଚ୍ୟାଲେଞ୍ଜ ଭାବେ ଗ୍ରହଣ କରିଛନ୍ତି। ଏହି ଆହ୍ୱାନଗୁଡ଼ିକ ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଜାରି ରଖିବାକୁ ଭାରତ ଓ ଉଜବେକିସ୍ତାନ ସହମତ ହୋଇଛନ୍ତି। ଉଭୟ ଦେଶ ମଧ୍ୟରେ ସମସ୍ତ କ୍ଷେତ୍ରର ସହଯୋଗକୁ ଆହୁରି ସୁଦୃଢ଼ କରିବା ପାଇଁ ବିଦେଶ ମନ୍ତ୍ରୀ ସ୍ତରରେ ଏକ ନୂଆ କୋଅର୍ଡିନେସନ୍ କାଉନସିଲ୍ ଗଠନ କରାଯିବ। ଉଜବେକିସ୍ତାନର ଦୁଇ ଦିନିଆ ଗସ୍ତ ଶେଷ କରିବା ପରେ ପ୍ରଧାନମନ୍ତ୍ରୀ ମୋଦୀ ଏବେ ୨୬ତମ ଶାଂଘାଇ ସହଯୋଗ ସଂଗଠନ ଶିଖର ସମ୍ମିଳନୀରେ ଯୋଗଦେବା ପାଇଁ କିର୍ଗିଜସ୍ତାନ ଗସ୍ତ କରିବେ।

## ମେଘାଳୟରେ ବିଜେପି ସହିତ ମିଶ୍ରଣ ପାଇଁ ଯୋଗାଯୋଗରେ ୯ ୟୁଡିପି ବିଧାୟକ



ନୂଆଦିଲ୍ଲୀ,୩୦/୮ : ମେଘାଳୟର ରାଜନୈତିକ ସମୀକରଣରେ ନାଟକୀୟ ପରିବର୍ତ୍ତନ ଆସିବାକୁ ଯାଉଛି। ବିଜେପିରେ ମିଶ୍ରଣ ପାଇଁ ୟୁନାଇଟେଡ ଡେମୋକ୍ରାଟିକ ପାର୍ଟି (ୟୁଡିପି)ର ୯ ବିଧାୟକ ଯୋଗାଯୋଗରେ ଥିବା କୁହାଯାଉଛି। ବିଜେପି ପରି ୟୁଡିପି ମଧ୍ୟ ଶାସକ ଏନ୍‌ପିପି ନେତୃତ୍ୱାଧୀନ ମେଣ୍ଟର ଏକ ଅଂଶ। ୬୦ ଜଣିଆ ବିଧାନସଭାରେ ବିଜେପିର ମାତ୍ର ଦୁଇ ଜଣ ବିଧାୟକ ଅଛନ୍ତି ଓ ଏହି ସମ୍ଭାବ୍ୟ ରାଜନୈତିକ କସରତ ପରେ ଦଳର ଶକ୍ତି ଦୁଇ ଅଙ୍କରେ ପହଞ୍ଚିବ। ୟୁଡିପି ବିଧାୟକ ଓ କେନ୍ଦ୍ର ଗୃହମନ୍ତ୍ରୀ ତଥା ବିଜେପି ନେତା ଅମିତ ଶାହଙ୍କ ମଧ୍ୟରେ ନିକଟରେ ହୋଇଥିବା ବୈଠକ ପରେ ରାଜନୈତିକ ଷଡ଼ଯନ୍ତ୍ର ଅଧିକ ଘନୀଭୂତ ହୋଇଛି। ୟୁଡିପି କହିଛି ଯେ, ଆଲୋଚନାରେ ବିଦେଶୀ ଅନୁଦାନ ନିୟନ୍ତ୍ରଣ ଆଇନ (ଏଫସିଆରଏ) ଓ ମେଘାଳୟ ସମ୍ବନ୍ଧୀୟ ଅନ୍ୟାନ୍ୟ ପ୍ରସଙ୍ଗ ଉପରେ କେନ୍ଦ୍ରିତ ଥିଲା। ତେବେ ସଦ୍ୟତମ ଘଟଣାକ୍ରମର ପୃଷ୍ଠଭୂମିରେ ଏହି ବୈଠକ ବ୍ୟାପକ ରାଜନୈତିକ ଗୁରୁତ୍ୱ ହାସଲ କରିଛି। ବର୍ତ୍ତମାନ ବିଧାନସଭାରେ ୟୁଡିପିର ୧୨ ଜଣ ବିଧାୟକ ଅଛନ୍ତି। ଯଦି ଅତି କମ୍‌ରେ ଆଠ ଜଣ ବିଧାୟକ ଦଳ ଛାଡି ଦିଅନ୍ତି, ତେବେ ସେମାନେ ଦଳ ବଦଳ ବିରୋଧୀ ଆଇନକୁ ଏଡ଼ାଇ ପାରିବେ ଓ ଏହି ପଦକ୍ଷେପ ରାଜ୍ୟରେ ବିଜେପିର ରାଜନୈତିକ ପ୍ରଭାବକୁ ଯଥେଷ୍ଟ ବୃଦ୍ଧି କରିବ।

## ରାଜ୍ୟରେ ୭ ଦିନ ବଢ଼ିଲା ଧାନ ପଞ୍ଜୀକରଣ ଅବଧି

ଭୁବନେଶ୍ୱର, ୩୦/୮ (ନି.ପ୍ର): ରାଜ୍ୟରେ ୭ ଦିନ ଧାନ ପଞ୍ଜୀକରଣ ଅବଧି ବୃଦ୍ଧି କରାଯାଇଛି । ଏନେଇ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି । ଆସନ୍ତାକାଲି ସରୁଥିଲା ପଞ୍ଜୀକରଣ ଅବଧି । ଅନେକ ଚାଷୀ ପଞ୍ଜୀକରଣ କରିପାରୁନଥିବାରୁ ଅବଧି ବୃଦ୍ଧି କରାଯାଇଛି । ଏଯାବତ ୧୭ ଲକ୍ଷରୁ ଅଧିକ ଚାଷୀ ପଞ୍ଜୀକରଣ କରିଛନ୍ତି । ଗତବର୍ଷ ୧୯ ଲକ୍ଷ ୬୭ ହଜାର ଚାଷୀ ପଞ୍ଜୀକରଣ କରିଥିଲେ । ନେଟୱାର୍କ ସମସ୍ୟା ଯେଉଁଠି ରହିଛି, ବୈଷୟିକ ଟିମ୍ ସହ ଆଲୋଚନା ହୋଇଛି ।

## ଠିକାଦାରଠୁ ୨୦ହଜାର ଟଙ୍କା ଲାଞ୍ଚ ନେଇ ଶ୍ରମ ଅଧିକାରୀ ଗିରଫ

ଭୁବନେଶ୍ୱର, ୩୦/୮ (ନି.ପ୍ର): ଜଣେ ବିଦ୍ୟୁତ୍ ଠିକାଦାର ନିକଟରୁ ୨୦ହଜାର ଟଙ୍କା ଲାଞ୍ଚ ନେଇ କେନ୍ଦୁଝରଜିଲ୍ଲା ଶ୍ରମ ଅଧିକାରୀ ଆକାଶ ବିଷୋୟୀ ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ (ଭିଜିଲାନ୍ସ) ହାତରେ ରଙ୍ଗେହାତ ଧରାପଡ଼ିଛନ୍ତି। ଅଭିଯୋଗ ଅନୁସାରେ, ଠିକାଦାରଙ୍କ କମ୍ପାନୀକୁ ଟିପିଏନ୍‌ଓଡିଏଲ୍‌ର ବୈଦ୍ୟୁତିକ କାମ ପ୍ରଦାନ ହୋଇଥିଲା। ଏହି କାମରେ ଶ୍ରମିକଙ୍କୁ ନିଯୁକ୍ତି କରିବାକୁ ଶ୍ରମ ବିଭାଗ ନିକଟରୁ ଅନୁମତି ନେବାକୁ ପଡ଼ିଥାଏ। ଏଥିପାଇଁ ସେ ୧୪ ଅଗଷ୍ଟରେ ଅନ୍‌ଲାଇନ୍ ମାଧ୍ୟମରେ ଆବେଦନ କରିଥିଲେ। ୧୬ ତାରିଖରେ ସେ ଆବେଦନର ଅଗ୍ରଗତି ସମ୍ପର୍କରେ ଶ୍ରମ ବିଭାଗ ଅଧିକାରୀଙ୍କୁ ପଚାରିଥିଲେ। ତେବେ ଅନୁମତି ପତ୍ର ଦେବା ନିମନ୍ତେ ଶ୍ରମ ଅଧିକାରୀ ବିଷୋୟୀ ୨୦ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏନେଇ ଠିକାଦାର ଜଣକ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗ ଭିତ୍ତିରେ ଭିଜିଲାନ୍ସ ଟିମ୍ ଉକ୍ତ ଶ୍ରମ ଅଧିକାରୀଙ୍କୁ ରଙ୍ଗେହାତ ଧରିବାକୁ ଯୋଜନା କରିଥିଲା। ଆଜି ସନ୍ଧ୍ୟାରେ ଠିକାଦାରଙ୍କ ଠାରୁ ଏହି ଟଙ୍କା ଗ୍ରହଣ କରିବା ବେଳେ ଛପି ରହିଥିବା ଭିଜିଲାନ୍ସ ଟିମ୍ ମାଡ଼ିବସିଥିଲା। ତାଙ୍କ ନିକଟରୁ ରଙ୍ଗବୋଲା ଲାଞ୍ଚ ଟଙ୍କା ଜବତ କରାଯାଇଛି ଏହାପରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଆଶଙ୍କାରେ ଶ୍ରମ ଅଧିକାରୀଙ୍କ ଘର ଓ ସରକାରୀ କାର୍ଯ୍ୟାଳୟରେ ଏକକାଳୀନ ଚଢ଼ାଉ କରାଯାଇଛି। ଏନେଇ ଦୁର୍ନୀତି ନିବାରଣ ଆଇନ ୨୦୧୮ର ଧାରା ୭ରେ ନଂ୧୮/୨୦୨୬ରେ ଏକ ମାମଲା ରୁଜୁ କରାଯାଇଛି। ଲାଞ୍ଚ ନେବା ମାମଲାରେ ଶ୍ରମ ଅଧିକାରୀଙ୍କୁ ଗିରଫ କରାଯାଇଥିବା ଭିଜିଲାନ୍ସ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଲଘୁଚାପ ପ୍ରଭାବରେ ଛେଚୁଛି ବର୍ଷା: ବନ୍ୟା ଭୟରେ ତଳିଆ ଅଞ୍ଚଳ

ଭୁବନେଶ୍ୱର, ୩୦/୮ (ନି.ପ୍ର): ଉତ୍ତର ଓଡ଼ିଶା ଉପକୂଳରେ ସକ୍ରିୟ ଲଘୁଚାପ କ୍ଷେତ୍ର। ପ୍ରଭାବରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଲାଗି ରହିଛି ଲଗାଣ ବର୍ଷା । ଉତ୍ତର ଓଡ଼ିଶାରୁ ଉପକୂଳ ଏବଂ ଉପକୂଳରୁ ଦକ୍ଷିଣ ଓଡ଼ିଶା ପର୍ଯ୍ୟନ୍ତ ତୁହାକୁତୁହା ବର୍ଷା ଜାରି ରହିଛି । ଫଳରେ ଅସ୍ତବ୍ୟସ୍ତ ହୋଇପଡ଼ିଛି ଜନଜୀବନ । ବନ୍ୟା ସ୍ଥିତିରୁ ଲୋକେ ଏଯାଏଁ ସମ୍ପୂର୍ଣ୍ଣ ମୁକୁଳି ନଥିବା ବେଳେ ପୁଣି ଲଘୁଚାପ ବର୍ଷା। ତଳିଆ ଅଞ୍ଚଳବାସୀଙ୍କ ଚିନ୍ତା ବଢ଼ାଇଛି । ରାତିରୁ ଆରମ୍ଭ ହୋଇଥିବା ବର୍ଷା ଥମିବାର ନାଁ ନେଉନାହିଁ ।



କେତେବେଳେ ଝିପିଝିପି ବର୍ଷା ହେଉଛି ତ ପୁଣି କେତେବେଳେ ପ୍ରବଳ ବର୍ଷା ଜନଜୀବନକୁ ପ୍ରଭାବିତ କରୁଛି। ଉପକୂଳ ସମେତ ପଶ୍ଚିମ ଓ ଉତ୍ତର ଓଡ଼ିଶାରେ ମଧ୍ୟ ତୁହାକୁତୁହା ବର୍ଷା ଲାଗି ରହିଛି। ଲଗାଣ ବର୍ଷା ଯୋଗୁଁ ରାଜଧାନୀ ଭୁବନେଶ୍ୱରର ଅନେକ ରାଜରାସ୍ତାରେ ପାଣି ଜମିଥିବା ବେଳେ କଟକର ତଳିଆ ଅଞ୍ଚଳରେ ମଧ୍ୟ ଜଳବନ୍ଦୀ ସ୍ଥିତି ସୃଷ୍ଟି ହୋଇଛି । ବାଲେଶ୍ୱର, ଚାନ୍ଦବାଲି, ଖୋର୍ଦ୍ଧା, କୋରାପୁଟ ଓ ମୟୂରଭଞ୍ଜରେ ମଧ୍ୟ ବର୍ଷାର ପ୍ରଭାବ ରହିଛି । ପାଣିପାଗ ବିଭାଗର ଆକଳନ ଅନୁସାରେ ଆଜି ଓ ଆସନ୍ତାକାଲି ରାଜ୍ୟରେ ପ୍ରବଳ ବର୍ଷା ହୋଇପାରେ। ମୟୂରଭଞ୍ଜ, ବାଲେଶ୍ୱର ଓ କେନ୍ଦୁଝରକୁ ଆସନ୍ତାକାଲି ସକାଳ ପର୍ଯ୍ୟନ୍ତ ରେଡ୍ ୱାର୍ଣ୍ଣିଂ ଜାରି ହୋଇଛି । ଏହାସହ ୧୦ଟି ଜିଲ୍ଲା ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଏବଂ ୧୩ଟି ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ତେବେ ସେପ୍ଟେମ୍ବର ୧ ତାରିଖରୁ ବର୍ଷାର ପ୍ରଭାବ କମିବା ସମ୍ଭାବନା ରହିଛି । କେନ୍ଦୁଝରରେ ଲଘୁଚାପଜନିତ ବର୍ଷା ଯୋଗୁଁ ବୈତରଣୀ ନଦୀର ଜଳସ୍ତର ବଢ଼ିବାରେ ଲାଗିଛି ।

## ସ୍ୱାମୀର କାଠ ଫାଳିଆ ପ୍ରହାରରେ ସ୍ତ୍ରୀ ମୃତ

ଘଟଗାଁ, ୩୦/୮ (ନି.ପ୍ର): ସ୍ୱାମୀର କାଠ ଫାଳିଆ ପ୍ରହାରରେ ସ୍ତ୍ରୀ ମୃତ୍ୟୁ। ଅଭିଯୁକ୍ତକୁ ପୁଲିସ ଗିରଫ କରି ତଦନ୍ତ ଚଳାଇଛି। ଏଭଳି ଘଟଣା ଘଟିଛି ପାଟଣା ଥାନା ଅନ୍ତର୍ଗତ ମଲ୍ଲିପଶି ଭୂମିଜ ସାହିର।ଶନିବାର ବିଳମ୍ବିତ ରାତିରେ ପାରିବାରିକ କଳହରୁ ଜଣେ ବ୍ୟକ୍ତି କାଠ ଫାଳିଆରେ ପିଟି ପିଟି ନିଜ ସ୍ତ୍ରୀ ସବିତାଙ୍କୁ ନୃଶଂସ ଭାବେ ହତ୍ୟା କରିଛି। ଆକ୍ରମଣ ଏତେ ଭୟଙ୍କର ଥିଲା ଯେ ଘଟଣା ସ୍ଥଳରେ ହିଁ ସବିତାଙ୍କ ପ୍ରାଣବାୟୁ ଉଡ଼ିଯାଇଥିଲା।

## ୟୁନିଟ୍-୨ ଅଂଚଳରେ ବିଏମସିର ଖାଦ୍ୟ ସୁରକ୍ଷା ଟିମ୍‌ର ଚଢ଼ାଉ

ଭୁବନେଶ୍ୱର, ୩୦/୮ (ନି.ପ୍ର): ୟୁନିଟ୍‌୨ ଅଂଚଳରେ ବିଏମସିର ଖାଦ୍ୟ ସୁରକ୍ଷା ଟିମ୍‌ପକ୍ଷରୁ ବିଭିନ୍ନ ହୋଟେଲ, ରେଷ୍ଟୁରାଂଟ ଓ ଖାଦ୍ୟ ପ୍ରତିଷ୍ଠାନରେ ସର୍ଭେଲାନ୍ସ ଯାଂଚ କରାଯାଇଛି। ଯାଂଚ ସମୟରେ ଖାଦ୍ୟର ଗୁଣବତ୍ତା ଓ ସ୍ୱଚ୍ଛତାକୁ ନେଇ ଏକାଧିକ ଅବହେଳା ସାମ୍ନାକୁ ଆସିଛି। ମୋଟ ୬ଟି ପ୍ରତିଷ୍ଠାନରେ ଚଢ଼ାଉ କରାଯାଇ ପ୍ରାୟ ୪୦ କିଲୋଗ୍ରାମ ଅପମିଶ୍ରିତ ଓ ଖାଦ୍ୟ ଉପଯୋଗୀ ନଥିବା ସାମଗ୍ରୀ ନଷ୍ଟ କରାଯାଇଛି। ଭାରତ ପେଟ୍ରୋଲିୟମର ଇନ୍ ଆଣ୍ଡ ଆଉଟ ରିଟେଲ୍ ମାର୍ଟରୁ ପ୍ରାୟ ୩୦ କିଲୋଗ୍ରାମ ଫ୍ରୋଜେନ୍ ଏକ୍ସପାୟାର୍ଡ ଖାଦ୍ୟ ସାମଗ୍ରୀ ଜବତ କରାଯାଇଛି। ବିଭିନ୍ନ ବ୍ରାଣ୍ଡର ମିଆଦ ପୂର୍ଣ୍ଣ ଖାଦ୍ୟ ସାମଗ୍ରୀକୁ ମଧ୍ୟ ଘଟଣାସ୍ଥଳରେ ନଷ୍ଟ କରାଯାଇଛି। ନିୟମ ଉଲ୍ଲଂଘନ ପାଇଁ ଇନ୍ ଆଣ୍ଡ ଆଉ ଆଉଟ୍‌ଲେଟ୍‌ଉପରେ ୧ ଲକ୍ଷ ଟଙ୍କା ଜରିମାନା ଲଗାଯାଇଛି । ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରିବା, ସ୍ୱଚ୍ଛତାର ମାନ ବଜାୟ ରଖିବା ଏବଂ ଜନସ୍ୱାସ୍ଥ୍ୟର ସୁରକ୍ଷା ପାଇଁ କଡ଼ା ଯାଂଚ ଓ ନିୟମ କାର୍ଯ୍ୟକାରୀ କରିବା ଜାରି ରଖିବ ବିଏମସି।

## ନେପାଳରେ ଭୟଙ୍କର ବନ୍ୟା: ବିପ୍ଳବ ୫ ଦିନ ପରେ ବି ଥମିନି ଉଦ୍ଧାର କାମ, ୭୮୦ ଟପିଲା ମୃତ୍ୟୁସଂଖ୍ୟା

ନୂଆଦିଲ୍ଲୀ,୩୦/୮ : ନେପାଳ-ତିବ୍ବତ ସୀମାନ୍ତ ନିକଟରେ ଗ୍ଲେସିୟର ଭାଙ୍ଗି ଭୋଟେକୋଶୀ ନଦୀରେ ଆସିଥିବା ଭୟଙ୍କର ଆକସ୍ମିକ ବନ୍ୟାକୁ ୫ ଦିନ ବିତିଛି । ହେଲେ ଏବେ ବି ଥମିନି ଉଦ୍ଧାର କାର୍ଯ୍ୟ। ମାଟି ଓ ବାଲି ତଳେ ଚାଲିଛି ମୃତଦେହ ଖୋଜା । ବଡ଼ ବଡ଼ ଜେସିବି ମେସିନ ସହାୟତାରେ ଦିନରାତି ମାଟିମଟାଳ ହଟାଇ ନିଖୋଜଙ୍କୁ ଖୋଜୁଛନ୍ତି ଉଦ୍ଧାରକାରୀ ଦଳ । ବନ୍ୟାରେ ମୃତ୍ୟୁସଂଖ୍ୟା ୭୮୦ ଟପିଥିବା ବେଳେ ୩ ହଜାରରୁ ଅଧିକ ଲୋକ ଏବେ ବି ନିଖୋଜ ଥିବା ଜଣାପଡ଼ିଛି । ଭୋଟେକୋଶୀ ନଦୀ କୂଳରେ ଥିବା ଜନବସତି ଅଞ୍ଚଳରେ ବନ୍ୟା ପରେ ଚାରିଆଡ଼େ ଦେଖିବାକୁ ମିଳୁଛି ଧ୍ୱଂସର ଚିତ୍ର । ଘରଦ୍ୱାର ଉପରେ ମାଟିମଟାଳ ଚଢ଼ିଯାଇଛି । ବଡ଼ ବଡ଼ କୋଠାକୁ ଛାଡ଼ିଦେଲେ ଅଧିକାଂଶ ଅଞ୍ଚଳ ମାଟି ଓ ବାଲିରେ ପୋତି ହୋଇଯାଇଛି । ଅନେକ ଘର ଭିତରକୁ ଫ୍ଲାସ୍ ଫ୍ଲଡର ପାଣି ପଶିଥିବା ବେଳେ ସେତୁ ଭାଙ୍ଗି ନଦୀରେ ପଡ଼ିଯିବାରୁ ଅନେକ ସ୍ଥାନରେ ଯୋଗାଯୋଗ



ବ୍ୟବସ୍ଥା ମଧ୍ୟ ବାଧାପ୍ରାପ୍ତ ହୋଇଛି । ଚିତୱାନ ଓ ନୱାଲପରାସୀ ପୂର୍ବ ଜିଲ୍ଲାରୁ ସର୍ବାଧିକ ମୃତଦେହ ଉଦ୍ଧାର ହୋଇଛି । ଏପର୍ଯ୍ୟନ୍ତ ୮ ହଜାରରୁ ଅଧିକ ଲୋକଙ୍କୁ ଉଦ୍ଧାର କରାଯାଇଛି । ରେସ୍‌କ୍ୟୁ ଅପରେସନରେ ପ୍ରାୟ ୨୦ ହଜାର ସୁରକ୍ଷାକର୍ମୀ ନିୟୋଜିତ ଅଛନ୍ତି । ଉଦ୍ଧାର ହୋଇଥିବା ଲୋକଙ୍କ ନିକଟରେ ହେଲିକପ୍ଟର ଯୋଗେ ରିଲିଫ୍ ସାମଗ୍ରୀ ପହଞ୍ଚାଯାଉଛି । ବିଭିନ୍ନ ଦେଶରୁ ଆସିଥିବା ରିଲିଫ୍ ସାମଗ୍ରୀ ମଧ୍ୟ କାଠମାଣ୍ଡୁରେ ପହଞ୍ଚିଛି । ବନ୍ୟା ପରେ ତ୍ରିଶୁଳୀ ନଦୀ କୂଳରେ ଥିବା ସୋଲାର ପାୱାର ପ୍ଲାଣ୍ଟ ମଧ୍ୟ ମାଟିରେ ପୋତି ହୋଇଯାଇଛି । ଭୋଟେକୋଶୀ ନଦୀ କୂଳରେ ଅନେକ ଅଞ୍ଚଳରେ ଏବେ ବି ରେସ୍‌କ୍ୟୁ ଅପରେସନ ଜାରି ରହିଛି। ନେପାଳରୁ ସୁରକ୍ଷିତ ଭାବେ ଭାରତ ଫେରିଥିବା କିଛି ଲୋକ ବନ୍ୟାର ଭୟାବହ ଅନୁଭୂତି ବଖାଣିଛନ୍ତି । ଏପଟେ ନେପାଳରେ ଫସିଥିବା ୧୦୮ ଜଣ ଭାରତୀୟଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଏବେ ବି ୧୨୮ ଜଣ ଭାରତୀୟ ନିଖୋଜ ଥିବା ସୂଚନା ମିଳିଛି । ନିଖୋଜଙ୍କ ମଧ୍ୟରେ ଓଡ଼ିଶାର କିଛି ଲୋକ ମଧ୍ୟ ଥିବା ଜଣାପଡ଼ିଛି । ତେବେ ଉଦ୍ଧାର କାର୍ଯ୍ୟ ଶେଷ ହୋଇନଥିବା ବେଳେ ପୁଣି ଏକ ବଡ଼ ବିପଦର ଆଶଙ୍କା ସୃଷ୍ଟି ହୋଇଛି ।

## ସମବାୟ ଇତିହାସରେ ଯୋଡ଼ି ହେବ ନୂତନ ଅଧ୍ୟାୟ: "ସମ୍ବନ୍ଧ"ର ଶୁଭାରମ୍ଭ କରିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୩୦/୮ (ନି.ପ୍ର): ଓଡ଼ିଶା ରାଜ୍ୟ ସମବାୟ ଇତିହାସରେ ଏକ ନୂତନ ଅଧ୍ୟାୟ ଯୋଡ଼ି ହେବାକୁ ଯାଉଛି। ଆସନ୍ତା ମଙ୍ଗଳବାର ସେପ୍ଟେମ୍ବର ୧ ତାରିଖ ଦିନ ମୁଖ୍ୟମନ୍ତ୍ରୀଙ୍କ କରକମଳରେ ରାଜ୍ୟର ସମବାୟ କ୍ଷେତ୍ରର ସମ୍ପ୍ରସାରଣ ପାଇଁ ଏକ ମେଗା ସମବାୟ ସଦସ୍ୟତା ଅଭିଯାନ "ସମ୍ବନ୍ଧ"ର ଶୁଭାରମ୍ଭ ହେବ। ମେଗା ସଦସ୍ୟତା ଅଭିଯାନ 'ସମ୍ବନ୍ଧ' ଆରମ୍ଭ କରାଯିବା ସହ ଡିଜିଟାଲ ମାଧ୍ୟମରେ ସଦସ୍ୟତା ପଞ୍ଜୀକରଣକୁ ସହଜ ଓ ସ୍ୱଚ୍ଛ କରିବା ପାଇଁ ନୂତନ



ମୋବାଇଲ ଆପ୍ଲିକେସନ୍‌ର ଶୁଭାରମ୍ଭ ହେବ। ସର୍ବୋପରି, ଏହି ସଦସ୍ୟତା ଅଭିଯାନ "ସମ୍ବନ୍ଧ" ମାଧ୍ୟମରେ ସମବାୟ ବିଭାଗ ଗ୍ରାମାଞ୍ଚଳର ସମସ୍ତ ଘରୁ ଅତିକମରେ ଜଣଙ୍କୁ ସଦସ୍ୟ କରିବା ପାଇଁ ଲକ୍ଷ୍ୟ ରଖିଛି। ଯାହାକି ସମବାୟ ସେବାକୁ ସମସ୍ତ ଘରେ ଘରେ ପହଞ୍ଚାଇବାର ପଥ ସୁଗମ କରିବ ଓ ଗ୍ରାମୀଣ ଜୀବନ ଶୈଳୀକୁ ସହଜ ଓ ଉନ୍ନତ କରିବାରେ ସହାୟ ହେବ। ଏହି ଅବସରରେ ସମବାୟ କ୍ଷେତ୍ରରେ ଏକାଧିକ ପ୍ରକଳ୍ପର ଶୁଭାରମ୍ଭ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ । ଏହା ସହିତ ଓଡ଼ିଶା ସମବାୟ ଇତିହାସରେ ପ୍ରଥମ ଥର ପାଇଁ ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) ଏବଂ ବୃହଦାକାର ବହୁମୁଖୀ ସମବାୟ ସମିତି (ଲ୍ୟାମ୍ପ୍ସ) ଗୁଡ଼ିକ ଚାଷୀ ସଦସ୍ୟମାନଙ୍କୁ ଲାଭାଂଶ ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି।

## ବିଧାୟକଙ୍କ ଦରମା ବୃଦ୍ଧି ଚିନ୍ତା: ଆଲୋଚନା କଲେ ସଂସଦୀୟ ଯୁଗ୍ମ କମିଟି

ଭୁବନେଶ୍ୱର, ୩୦/୮ (ନି.ପ୍ର):ବିଧାୟକଙ୍କ ଦରମା, ଭତ୍ତା ଆଦି ବୃଦ୍ଧି ପାଇବା ନେଇ ରାଜ୍ୟ ବିଧାନସଭାରେ ପ୍ରସ୍ତାବ ଆସିଥିଲା। କିନ୍ତୁ ବିରୋଧୀ ଦଳ ଓ ରାଜ୍ୟର ବିଭିନ୍ନ ମହଲରୁ ବିରୋଧ ଏବଂ ସମାଲୋଚନା ହେବା ପରେ ଏହା ଅଟକିଯାଇଥିଲା। ବର୍ତ୍ତମାନ ପୁଣି ଏନେଇ ଆଶା ଉଜ୍ଜ୍ୱଳ ହୋଇଛି। ଆଜି ଦରମା ଓ ଭତ୍ତା ସମ୍ପର୍କିତ ସଂସଦୀୟ ଯୁଗ୍ମ କମିଟି ଭୁବନେଶ୍ୱର ଗସ୍ତରେ ଆଜି ବିଧାନସଭା ବାଚସ୍ପତି ଓ ସଂସଦୀୟ ବ୍ୟାପାର ମନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି। ଆଜି (ରବିବାର) ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ, ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ, ବିଧାନସଭାର ସଚିବ ସତ୍ୟବ୍ରତ ରାଉତ ଏବଂ ଅନ୍ୟ ଅଧିକାରୀଙ୍କ ସହ ପୃଥକ ପୃଥକ ଭାବେ ଆଲୋଚନା କରିଛନ୍ତି। ଏଥିରେ ସେମାନେ ଓଡ଼ିଶା ବିଧାନସଭାର ସଦସ୍ୟମାନଙ୍କର ଦରମା ଓ ଅନ୍ୟାନ୍ୟ ଭତ୍ତା ସହ ପୂର୍ବତନ ବିଧାୟକମାନଙ୍କର ପେନ୍‌ସନ୍ ଓ ଭତ୍ତା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଛନ୍ତି। ଏହି ଅବସରରେ ଓଡ଼ିଶାର ବିଧାୟକ ଓ ପୂର୍ବତନ ବିଧାୟକମାନଙ୍କ ପାଇଁ ସଂସଦ ଓ ଅନ୍ୟ ରାଜ୍ୟର ବିଧାୟକମାନଙ୍କ ଦରମା, ଭତ୍ତା ଓ ଆନୁଷଙ୍ଗିକ ସୁବିଧା ସମ୍ପର୍କରେ ମଧ୍ୟ ତୁଳନାତ୍ମକ ବିବରଣୀ ଉପସ୍ଥାପନ କରିବା ସହ ରାଜ୍ୟର ବିଧାୟକ ଓ ପୂର୍ବତନ ବିଧାୟକମାନଙ୍କୁ ମିଳୁଥିବା ଦରମା ଓ ଭତ୍ତାର ପରିବର୍ତ୍ତନର ଆବଶ୍ୟକତା ରହିଛି ବୋଲି ଯୁଗ୍ମ କମିଟି ଅନୁଭବ କରିଥିଲେ।

# ଖଡ଼ିଆଳବାସୀଙ୍କୁ ମଶା କରୁଛନ୍ତି କଲବଲ, ନାଳ ନର୍ଦ୍ଦମାରେ ପଡୁନି ମଶାତେଲ: ଫଗିଂ ବନ୍ଦ ନେଇ ଅସନ୍ତୋଷ

ନୂଆପଡ଼ା,୩୦/୦୮ (ନି।ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନ ସମସ୍ତ ୱାର୍ଡରେ ଗତ କିଛି ମାସ ହେଲା ମଶାଙ୍କ ଉପଦ୍ରବ ଦିନକୁ ଦିନ ବଢ଼ିବାରେ ଲାଗିଛି। ସଂଜ ନଇଁଲେ ଘର ହେଉ କି ବାହାର, କେଉଁଠି ବି ମଶାଙ୍କ ଦାଉରୁ ନିସ୍ତାର ମିଳୁନଥିବା ଅଭିଯୋଗ ହେଉଛି। ଏଥିଯୋଗୁଁ ସହରବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ମଶାବଂଶ ଦମନ ପାଇଁ ପୌର ପରିଷଦ ପକ୍ଷରୁ ନିୟମିତ ଭାବେ ଫଗିଂ କରିବା ସହ ନାଳନର୍ଦ୍ଦମାରେ ମଶାତେଲ ସିଞ୍ଚନ କରାଯାଉଥିଲା। ତେବେ ଗତ କିଛି ଦିନ ହେଲା ଏହି ପ୍ରକ୍ରିୟା ପ୍ରାୟ ବନ୍ଦ ରହିଥିବାରୁ ମଶାଙ୍କ ଉପଦ୍ରବ ବଢ଼ିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସହରର ବିଭିନ୍ନ ସ୍ଥାନରେ ନାଳନର୍ଦ୍ଦମାରେ ଜଳ ଜମି ରହିବା, ପରିତ୍ୟକ୍ତ ଜଳାଶୟ ଓ ଅସ୍ୱଚ୍ଛ ପରିବେଶ ଯୋଗୁଁ ମଶାଙ୍କ ବଂଶବୃଦ୍ଧି ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେଉଛି। ମଶାଙ୍କ ଦାଉରୁ ରକ୍ଷା ପାଇଁ ଲୋକେ ସନ୍ଧ୍ୟା ହେଉ ହେଉ ଘରର କବାଟ ଓ ଝରକା ବନ୍ଦ କରି ରଖୁଥିବା ଦେଖାଯାଉଛି। ଏପରିକି ନାମୀଦାମୀ ବ୍ରାଣ୍ଡର ମଶା ଅଗରବତୀ ମଧ୍ୟ ମଶା ଦାଉରୁ ସମ୍ପୂର୍ଣ୍ଣ ରକ୍ଷା ଦେଇପାରୁନଥିବା ଲୋକେ କହୁଛନ୍ତି। ସହରର ମୁଖ୍ୟରାସ୍ତା ପାର୍ଶ୍ୱରେ ଥିବା ଡ୍ରେନ୍ଗୁଡ଼ିକରେ ଠିକ୍ ଭାବେ ଜଳ ନିଷ୍କାସନ ହୋଇପାରୁନଥିବାରୁ ମଶାଙ୍କ ବଂଶବୃଦ୍ଧି ବଢୁଥିବା ନେଇ ମଧ୍ୟ ଅଭିଯୋଗ ହେଉଛି। ଏହା ଫଳରେ ମ୍ୟାଲେରିଆ ଓ ଫାଇଲେରିଆ ଭଳି ମଶାବାହିତ ରୋଗକୁ ନେଇ ସହରବାସୀଙ୍କ ମଧ୍ୟରେ ଆଶଙ୍କା ବଢ଼ିଛି। ମଶାବଂଶ ନିୟନ୍ତ୍ରଣ ପାଇଁ ଏନଏସି ପକ୍ଷରୁ ସମସ୍ତ ୱାର୍ଡରେ ନିୟମିତ ଫଗିଂ କରିବା ସହ ନାଳନର୍ଦ୍ଦମାରେ ମଶାତେଲ ସିଞ୍ଚନ କରାଯିବାକୁ ବୁଦ୍ଧିଜୀବୀ ଓ ସଚେତନ ନାଗରିକମାନେ ଦାବି କରିଛନ୍ତି। ଏଥିସହ ମଶାଙ୍କ ଲାର୍ଭା ନିୟନ୍ତ୍ରଣ ପାଇଁ ଉପଯୁକ୍ତ ସ୍ଥାନରେ ଗମ୍ବୁସିଆ ମାଛ ଛାଡ଼ିବା ଦିଗରେ ମଧ୍ୟ ପଦକ୍ଷେପ ନେବାକୁ ମତ ପ୍ରକାଶ ପାଇଛି। ଜିଲା ପ୍ରଶାସନ ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ଖଡ଼ିଆଳ ସହରର ସମସ୍ତ ୱାର୍ଡରେ ବ୍ୟାପକ ମଶା ଦମନ ଅଭିଯାନ ଆରମ୍ଭ କରିବା ସହ ଫଗିଂ ଓ ନାଳନର୍ଦ୍ଦମାରେ ମଶାତେଲ ସିଞ୍ଚନ ନିୟମିତ କରିବାକୁ ସାଧାରଣରେ ଦାବି ହେଉଛି। ଏନେଇ ଏନଏସି ଇଓ ସ୍ୱାଧୀନ କେତନ ମହାରଣାଙ୍କୁ ଯୋଗାଯୋଗ କରାଯିବାରୁ ସହରରେ ମଶା ଧୂଆଁ ଦେବା ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ମହିଳା ସୁରକ୍ଷା ଅଧିନିୟମ ଓ ଯୌତୁକ ନିଷେଧ ନେଇ ଜିଲ୍ଲାସ୍ତରୀୟ କର୍ମଶାଳା

ଖୋର୍ଦ୍ଧା,୩୦/୦୮ (ନି।ପ୍ର): ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ, ଖୋର୍ଦ୍ଧା ଆନୁକୂଲ୍ୟରେ ଜିଲ୍ଲା ସମ୍ମିଳନୀ କକ୍ଷରେ ଘରୋଇ ହିଂସାରୁ ମହିଳାମାନଙ୍କ ସୁରକ୍ଷା ଅଧିନିୟମ ୨୦୦୫ ଓ ଯୌତୁକ ପ୍ରଥା ନିଷେଧ ୧୯୬୧ ଆଇନ ସମ୍ପର୍କିତ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ ଏଥିରେ ଅଧ୍ୟକ୍ଷତା କରିଥିଲେ। ଆଇନଜୀବୀ ତଥା ପୂର୍ବତନ ସିଡବ୍ଲୁସି ମେମ୍ବର ମାନସୀ ପାଢ଼ୀ ଯୋଗଦେଇ ମହିଳାମାନେ ଶିକାର ହେଉଥିବା ଘରୋଇ ହିଂସା, ସମସ୍ୟା ତଥା ଶାରୀରିକ ଅତ୍ୟାଚାର ବିରୋଧରେ କିପରି ସଚେତନତା ସୃଷ୍ଟି କରାଯିବ ସେ ବିଷୟରେ ଅବଗତ କରାଇଥିଲେ। ନାରୀଙ୍କୁ ସଚେତନ କରିବା ସହିତ, ପୁରୁଷଙ୍କୁ ମଧ୍ୟ ଶିକ୍ଷାପ୍ରଦ ହେବ ଯେ ଯେପରି ତାଙ୍କ ଦ୍ୱାରା କୌଣସି ବର୍ଗର ନାରୀ ନିର୍ଯ୍ୟାତିତ ନହୁଅନ୍ତି। ଗୋଟିଏ ସମାଜର ଉତଥାନ ପାଇଁ ନାରୀଙ୍କ ସମ୍ମାନ ଓ ଉତଥାନ ନିତାନ୍ତ ଆବଶ୍ୟକ । ଏଥିରେ ଡିଆଇପିଆରଓ, ସମସ୍ତ ପିଓ, ସିଡିପିଓ, ଆଇନଜିବି ଡେପୁଟି ଚିଫ୍ ଡ଼ାଲସା, ଡିଏଚ୍ଇଡବ୍ଲ୍ୟୁ ଖୋର୍ଦ୍ଧା ହବ୍ର ସମସ୍ତ ଷ୍ଟାଫ୍, ଏନଜିଓର୍ ପ୍ରେସିଡେଂଟ ଓ ସେକ୍ରେଟାରୀମାନେ, ଶକ୍ତି ସଦନର ସୁପରିଟେଣ୍ଡେଂଟମାନେ, ସଖୀର ସେଣ୍ଟର ଆଡମିନ୍, କେସ୍ ୱାର୍କ, କାଉନସେଲର, ଆଇନଜିବି ଓ ଫ୍ୟାମିଲି କାଉନସେଲର୍ ପ୍ରମୁଖ ଯୋଗଦେଇ ସମାଜରୁ କିପରି ନାରୀ ନିର୍ଯ୍ୟାତନା କୁ ଉଚ୍ଛେଦ କରି ମହିଳାମାନଙ୍କୁ ସୁରକ୍ଷା ପ୍ରଦାନ କରାଯିବ ସେନେଇ ଆଲୋଚନା କରିଥିଲେ। ଏନେଇ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କହିଛନ୍ତି ଯେ ନାରୀଙ୍କର ସଚେତନତା ଓ ସୁରକ୍ଷା ହିଁ ଦେଶକୁ ଆଗକୁ ନେଇପାରିବ। କାର୍ଯ୍ୟକ୍ରମ ଶେଷରେ ଡିସି ହବ୍ ସମିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ବାରହା ଉପଦ୍ରବରେ ବ୍ୟାପକ କ୍ଷୟକ୍ଷତି : ଚମ୍ପୁଆ ବନାଂଚଳ କାର୍ଯ୍ୟାଳୟରେ ଅଭିଯୋଗ କଲେ ଚାଷୀ

ଚମ୍ପୁଆ,୩୦/୦୮ (ନି।ପ୍ର): ଚମ୍ପୁଆ ରେଞ୍ଜରେ ହାତୀ ଆତଙ୍କ ପରେ ଏବେ ବାରହା ଆତଙ୍କ ଚାଷୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି । ଚାଷୀଙ୍କର କରିଥିବା ଚାଷ ଯଥା ମକା, କନ୍ଦମୂଳ ଆଦି ବାରହା ନଷ୍ଟ କରିଦେଇଥିବାରୁ ଗୋଧୂଳି ଗ୍ରାମର ଚାଷୀ ଚମ୍ପୁଆ ରେଞ୍ଜ ଅଧିକାରୀଙ୍କୁ ତାଙ୍କର ଅଭିଯୋଗ ଜଣାଇଛନ୍ତି । ଚାଷୀଙ୍କର ଏକର ଏକର ମକା ଓ କନ୍ଦମୂଳ ଫସଲ ଉଜାଡି ଦେଇଥିବା ବେଳେ ଚାଷିଙ୍କ ମଧ୍ୟରେ ଅସନ୍ତୋଷ ଚରମ ସିମାରେ ପହଁଚିଲାଣି । ଏହାର ପ୍ରତିକାର ଦାବିରେ ଗୋଧୂଳି ଗ୍ରାମର ଚାଷି ଚମ୍ପୁଆ ବନାଂଚଳ କାର୍ଯ୍ୟାଳୟକୁ ଯାଇ ବନାଂଚଳ ଅଧିକାରୀ ସାଗରରାଜ ନାୟକଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି । ବିଭିନ୍ନ ଜଙ୍ଗଲରୁ ବାରହା ପଲ ଦଳ ଦଳ ହୋଇ ଚାଷୀ କରିଥିବା ଖେତରେ ପଶି ଫସଲ ନଷ୍ଟ କରୁଥିବାରୁ ଚାଷୀମାନେ ବିପୁଳ ଆର୍ଥିକ କ୍ଷତିର ସମ୍ମୁଖୀନ ହୋଇ ଚିନ୍ତାରେ ପଡ଼ିଛନ୍ତି । ଗୋଧୂଳି ଗ୍ରାମର ଚାଷୀମାନେ ନଷ୍ଟ ହୋଇଥିବା ଫସଲର କ୍ଷୟକ୍ଷତି ଆକଳନ କରି ଉଚିତ କ୍ଷତିପୂରଣ ଦାବି କରିବା ସହ ବାରହା ଉପଦ୍ରବ ରୋକିବା ପାଇଁ ତୁରନ୍ତ ପ୍ରତିକାରମୂଳକ ପଦକ୍ଷେପ ନେବାକୁ ଚମ୍ପୁଆ ବନାଂଚଳ ଅଧିକାରୀଙ୍କ ନିକଟରେ ଦାବି କରିଛନ୍ତି । ସୂଚନାଯୋଗ୍ୟକି ମକା ଓ କନ୍ଦମୂଳ ଚାଷକୁ ନେଇ ଗୋଧୂଳି ଗ୍ରାମର ସ୍ୱତନ୍ତ୍ର ପରିଚୟ ରହିଥିବା ବେଳେ ପ୍ରାୟ ୮୦ ଭାଗ ଲୋକ ଏହି ଚାଷ ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରିଆସୁଛନ୍ତି । ବାରହାମାନଙ୍କ ଉପଦ୍ରବରେ ଚାଷୀମାନେ ଅତିଷ୍ଠ ହୋଇପଡ଼ିଛନ୍ତି, ତେଣୁ ବନବିଭାଗ ଏହାର ତୁରନ୍ତ ପଦକ୍ଷେପ ନେବାକୁ ଗୋଧୂଳି ଚାଷୀ ଦାବି କରିଛନ୍ତି । ଖାଲି ସେତିକି ନୁହେଁ ଚମ୍ପୁଆ ବ୍ଲକର ବିଭିନ୍ନ ଗ୍ରାମରେ ବାରହା ମାନେ ଦଳ ଦଳ ହୋଇ ବ୍ୟାପକ ଫସଲ ନଷ୍ଟ କରିଚାଲିଛନ୍ତି ।

# ଜାତୀୟ କ୍ରୀଡ଼ା ଦିବସ ଅବସରରେ ପାରା-ଆଥଲେଟ୍ଙ୍କୁ ସମ୍ବର୍ଦ୍ଧନା

ସମ୍ବଲପୁର,୩୦/୦୮ (ନି।ପ୍ର): ଜାତୀୟ କ୍ରୀଡ଼ା ଦିବସ ଅବସରରେ ସମ୍ବଲପୁର ଜିଲ୍ଲା ପ୍ରଶାସନ, କ୍ରୀଡ଼ାର ବିକାଶ ଏବଂ ଭିନ୍ନକ୍ଷମମାନଙ୍କ ସଶକ୍ତିକରଣ ପ୍ରତି ନିଜର ପ୍ରତିବଦ୍ଧତାକୁ ଦୋହରାଇ ଦୁଇ ଜଣ ଉଲ୍ଲେଖନୀୟ ସ୍ଥାନୀୟ ପାରା-ଆଥଲେଟ୍ଙ୍କୁ ସମ୍ବର୍ଦ୍ଧିତ କରିଛି। ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ପାରା-କ୍ରିକେଟର ମହମ୍ମଦ ସରୱର ଅଲ୍ଲୀ ଏବଂ ପାରା-ବ୍ୟାଡମିଂଟନ ଖେଳାଳି ଅନୀତା ମୁଣ୍ଡାଙ୍କୁ କ୍ରୀଡ଼ା ଉପକରଣ ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଅଶୋକ କୁମାର ଭୋଇ ଏବଂ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ (ଡିଏସଏସଓ) ସୌରଚନ୍ଦ୍ର ପାଣି ମଧ୍ୟ ଉପସ୍ଥିତ ଥିଲେ। ଖେଳାଳିମାନଙ୍କ ସଫଳତା ଏବଂ ନିଷ୍ଠାକୁ ପ୍ରଶଂସା କରି ଜିଲ୍ଲାପାଳ ଶ୍ରୀ ବୋନ୍ଦର ସେମାନଙ୍କୁ ଆଗାମୀ ପ୍ରତିଯୋଗିତା ପାଇଁ ପ୍ରସ୍ତୁତ ହେବାରେ ସାହାଯ୍ୟ କରିବା ନିମନ୍ତେ କ୍ରିକେଟ୍ ଏବଂ ବ୍ୟାଡମିଂଟନ୍ କିଟ୍ ପ୍ରଦାନ କରିଥିଲେ। ଉଭୟ ଆଥଲେଟ୍ ବଡ଼ ସ୍ତରରେ ଅଂଚଳର ପ୍ରତିନିଧିତ୍ୱ କରିବାକୁ ଯାଉଛନ୍ତି। ମହମ୍ମଦ ସରୱର ଅଲ୍ଲୀ ଆସନ୍ତା ନଭେମ୍ବର ମାସରେ ହେବାକୁ ଥିବା ଜାତୀୟ ପାରାସ୍ପୋର୍ଟସ୍ କ୍ରିକେଟ୍ ଟୁର୍ଣ୍ଣାମେଂଟରେ ଅଂଶଗ୍ରହଣ କରିବା ପାଇଁ ଜୋରଦାର ପ୍ରସ୍ତୁତି ଚଳାଇଛନ୍ତି। ସେହିପରି ଅନିତା ମୁଣ୍ଡା ଆସନ୍ତା ନଭେମ୍ବର ମାସରେ ଥାଇଲ୍ୟାଣ୍ଡରେ ଅନୁଷ୍ଠିତ ହେବାକୁ ଥିବା ଆନ୍ତର୍ଜାତୀୟ ପାରା-ବ୍ୟାଡମିଂଟନ ଟୁର୍ଣ୍ଣାମେଂଟରେ ଦେଶର ପ୍ରତିନିଧିତ୍ୱ କରିବା ପାଇଁ ପ୍ରସ୍ତୁତ ହେଉଛନ୍ତି। ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ଜିଲ୍ଲାପାଳ ଶ୍ରୀ ବୋନ୍ଦର ଆଥଲେଟ୍ମାନଙ୍କର ଦୃଢ଼ ମନୋବଳ ଏବଂ ପାରା-ସ୍ପୋର୍ଟସ୍ ପ୍ରତି ସେମାନଙ୍କର ଅବଦାନକୁ ପ୍ରଶଂସା କରିଥିଲେ। ସେମାନେ ନିଜର ଖେଳ ପ୍ରଦର୍ଶନ ମାଧ୍ୟମରେ ସମ୍ବଲପୁର ତଥା ସମଗ୍ର ଦେଶ ପାଇଁ ଗୌରବ ଆଣିବେ ବୋଲି ଆଶାବ୍ୟକ୍ତ କରିବା ସହ ଜିଲ୍ଲା ପ୍ରଶାସନ ପକ୍ଷରୁ ସେମାନଙ୍କୁ ଆଗକୁ ମଧ୍ୟ ନିରନ୍ତର ସହଯୋଗ ଯୋଗାଇଦିଆଯିବ ବୋଲି ସେ କହିଛନ୍ତି।

# ଝାରସୁଗୁଡ଼ା ଜିଲ୍ଲା ହକି ଆସୋସିଏସନର ବାର୍ଷିକ ବୈଠକ

ଝାରସୁଗୁଡ଼ା,୩୦/୦୮ (ନି।ପ୍ର): ଜିଲ୍ଲା ହକି ଆସୋସିଏସନ ତରଫରୁ ସାଧାରଣ ବୈଠକ ଅନୁଷ୍ଠିତ ହେବା ସହିତ ଚତୁର୍ଥ ହକି ସ୍ମରଣିକା ଉନ୍ମୋଚନ ହୋଇଛି। ଝାରସୁଗୁଡ଼ା ଜିଲ୍ଲାପାଳଙ୍କର ସମ୍ମିଳନୀ କକ୍ଷରେ ଜିଲ୍ଲାପାଳଙ୍କ ସଭାପତିତ୍ୱରେ ସାଧାରଣ ବୈଠକ ଅନୁଷ୍ଠିତ ହୋଇ ନୂତନ ସଂପାଦକ ଭାବେ ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡାଙ୍କୁ ମନୋନୀତ କରାଯାଇଛି । ପୂର୍ବରୁ ଥିବା ସଂପାଦକ ତଥା ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ ୩ ବର୍ଷ ଧରି ଝାରସୁଗୁଡ଼ା ଜିଲ୍ଲାରେ ହକିର ଉନ୍ନତି ପ୍ରତି କାର୍ଯ୍ୟ କରିଥିଲେ। ଏହି ସ୍ମରଣିକାରେ ନୂତନ ପରିକଳ୍ପନା ଆଗାମୀ ଦିନର ସ୍ୱପ୍ନ ତଥା ଜିଲ୍ଲା ହକିର ବିକାଶ ଉପରେ ତଥ୍ୟ ସମ୍ବଳିତ ଚତୁର୍ଥ ସ୍ମରଣିକା ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଶଂସିତ ହୋଇଥିଲା। ହକି ଆସୋସିଏସନ ତରଫରୁ ହକି ଓଡିଶାର ଉପସଭାପତି ତଥା ସଭ୍ୟ ଜୀବନ ମହାନ୍ତି ହକି ଆସୋସିଏସନର ନିଜସ୍ୱ ୪ ଏକର ୮୦୦ ଡ଼େସିମିଲ ଜମି ହୋଇ ପାରିଥିବାରୁ ଜିଲ୍ଲାପାଳଙ୍କୁ କୃତଜ୍ଞତା ଜଣାଇଥିଲେ। ଆସୋସିସନର ୧୧ ଜଣ ନୂତନ ସଭ୍ୟ ଜିଲ୍ଲାପାଳଙ୍କର ଦ୍ୱାରା ଅନୁମୋଦିତ ହୋଇଥିଲା। ଜିଲ୍ଲାର କ୍ରୀଡ଼ା ଅଧିକାରୀ ଅମ୍ରିତ ଆଚାର୍ଯ୍ୟ ସ୍ୱାଗତ ଭାଷଣ ଦେଇଥିବା ବେଳେ ଜାତୀୟ କ୍ରୀଡ଼ା ଦିବସ ଉପଲକ୍ଷେ ଶପଥ ପାଠ କରାଇଥିଲେ। ସଂପାଦକ ବ୍ରଜବନ୍ଧୁ ଭୋଇ କହିଥିଲେ ଯେ, ତାଙ୍କର କାର୍ଯ୍ୟକାଳ ମଧ୍ୟରେ ସର୍ବଭାରତୀୟ ୫-ଏ ସାଇଡ ଜୁନିୟର ମହିଳା ପ୍ରତିଯୋଗିତା, କ୍ଲବ ସ୍ତରୀୟ ପ୍ରତିଯୋଗିତା, ସ୍କୁଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି ।

# ଜିଲ୍ଲା ସଡ଼କ ସୁରକ୍ଷା କମିଟି ଓ ହାଇୱେ ସୁରକ୍ଷା ଟାସ୍କଫୋର୍ସ ବୈଠକ

ଝାରସୁଗୁଡ଼ା,୨୯/୦୮ (ନି।ପ୍ର): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଡିଏମ୍ଏଫ୍ ସମ୍ମିଳନୀ କକ୍ଷରେ ଜିଲ୍ଲା ସଡ଼କ ସୁରକ୍ଷା କମିଟି ଏବଂ ଜିଲ୍ଲା ହାଇୱେ ସୁରକ୍ଷା ଟାସ୍କଫୋର୍ସର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାରେ ସଡ଼କ ଦୁର୍ଘଟଣା ହ୍ରାସ କରିବା ଏବଂ ଟ୍ରାଫିକ୍ ବ୍ୟବସ୍ଥାକୁ ଅଧିକ ଶୃଙ୍ଖଳିତ କରିବା ଉପରେ ଏହି ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଜିଲ୍ଲାପାଳ ଶ୍ରୀ ଚହ୍ୱାଣ ଜନସାଧାରଣଙ୍କ ଜୀବନର ସୁରକ୍ଷାକୁ ପ୍ରାଥମିକତା ଦେଇ ସଡ଼କ ସୁରକ୍ଷା ନିୟମାବଳୀକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରିବାକୁ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆଂଚଳିକ ପରିବହନ ଅଧିକାରୀ ଗୌରହରି ହାଁସଦା ସଡ଼କ ସୁରକ୍ଷା ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ଦୁଇଚକିଆ ଯାନ ଚାଳକଙ୍କ ପାଇଁ ହେଲମେଟ୍ ପରିଧାନ ବାଧ୍ୟତାମୂଳକ କରିବା, ମଦ୍ୟପାନ କରି ଗାଡ଼ି ଚଳାଉଥିବା ଚାଳକଙ୍କ ବିରୋଧରେ ନିୟମିତ ଯାଂଚ୍ ଅଭିଯାନ ଚଳାଇବା ଏବଂ ମାଲବାହୀ ଯାନରେ ବେଆଇନ ଭାବେ ଯାତ୍ରୀ ପରିବହନ ରୋକିବା ଉପରେ ସେ ବିଶେଷ ଗୁରୁତ୍ୱାରୋପ କରିଥିଲେ। ନିୟମ ଉଲ୍ଲଂଘନ କରୁଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ମୋଟର ଯାନ ଆଇନ ଅନୁଯାୟୀ କଠୋର ଏନଫୋର୍ସମେଂଟ ତଥା ଦଣ୍ଡବିଧାନ କରାଯିବ ବୋଲି ସେ ସ୍ପଷ୍ଟ କରିଥିଲେ। ଜିଲ୍ଲାର ଶିଳ୍ପାଂଚଳ ତଥା ଜାତୀୟ ରାଜପଥରେ ଭାରୀ ଯାନବାହନ ଚଳାଚଳକୁ ସୁଗମ, ନିରାପଦ ଓ ଶୃଙ୍ଖଳିତ କରିବା ନିମନ୍ତେ ଟ୍ରାଫିକ୍ ପରିଚାଳନା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବାକୁ ନିଷ୍ପତି ନିଆଯାଇଛି। ଦୁର୍ଘଟଣାପ୍ରବଣ ସ୍ଥାନ ଗୁଡ଼ିକର ଚିହ୍ନଟ, ସଡ଼କ ମରାମତି ଏବଂ ସଚେତନତା କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା।

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ଦାବି

ଜୟପୁର,୩୦/୦୮ (ନି।ପ୍ର): ଜୟପୁରର ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରେ ପର୍ଯ୍ୟାପ୍ତ ସଂଖ୍ୟକ ବିଶେଷଜ୍ଞ ଡାକ୍ତର ନିଯୁକ୍ତି କରିବାକୁ ଦାବି ହୋଇଛି । ଜୟପୁର ସଚେତନ ନାଗରିକଙ୍କ ତରଫରୁ ଦାବି ପତ୍ର ପ୍ରଦାନ କରାଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଅକ୍ଷୟ ରଥଙ୍କୁ ଅଭିମନ୍ୟୁ ଭଟ୍ଟ ମିଶ୍ରଙ୍କ ନେତୃତ୍ୱ ରେ ସଚେତନ ନାଗରିକ ମାନେ ଉପସ୍ଥିତ ରହି ଦାବି ପତ୍ର ପ୍ରଦାନ କରିଥିଲେ। ବିଶେଷଜ୍ଞ ଡାକ୍ତର ଅଭାବ ଯୋଗୁଁ, ଏହି ଅଞ୍ଚଳର ବାସିନ୍ଦା ପଡ଼ୋଶୀ ରାଜ୍ୟଗୁଡ଼ିକରେ ଉପଲବ୍ଧ ଚିକିତ୍ସା ସୁବିଧାର ଶୋଷଣର ଶିକାର ହେଉଛନ୍ତି। ଜୟପୁର ଚିକିତ୍ସା ଏବଂ ବ୍ୟବସାୟିକ ଉଦ୍ଦେଶ୍ୟ ପାଇଁ ମାଲକାନଗିରି, ନବରଙ୍ଗପୁର ପରି ପଡ଼ୋଶୀ ଜିଲ୍ଲା ଏବଂ ଛତିଶଗଡ଼ ଭଳି ପଡ଼ୋଶୀ ରାଜ୍ୟଗୁଡ଼ିକର କେନ୍ଦ୍ରସ୍ଥଳ ପାଲଟିଥିଲା। ଉପରୋକ୍ତ ଉଦ୍ଦେଶ୍ୟ ପାଇଁ ଏହି ସହରକୁ ଅନେକ ଆଶାୟୀ ଆସୁଛନ୍ତି। ହସ୍ପିଟାଲର ସୁବିଧା ତୁଳନାରେ, ହୃଦରୋଗ ବିଶେଷଜ୍ଞ, ନେଫ୍ରୋଲୋଜିଷ୍ଟ, ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜିଷ୍ଟ, ଅଙ୍କୋଲୋଜିଷ୍ଟ, ୟୁରୋଲୋଜିଷ୍ଟ, ମନସ୍ତାତ୍ତ୍ୱିକ ବିଶେଷଜ୍ଞ ଏବଂ ନ୍ୟୁରୋଲୋଜିଷ୍ଟ ଇତ୍ୟାଦି ବିଶେଷଜ୍ଞଙ୍କ ଅଭାବ ଯୋଗୁଁ ସମ୍ବନ୍ଧୀୟ ରୋଗର ଚିକିତ୍ସା ପାଇଁ ହସ୍ପିଟାଲକୁ ଆସୁଥିବା ରୋଗୀମାନେ ନିରାଶାରେ ଫେରିଯାଉଛନ୍ତି ଏବଂ ପଡ଼ୋଶୀ ରାଜ୍ୟଗୁଡ଼ିକର ଚିକିତ୍ସା ଉପରେ ସମ୍ପୂର୍ଣ୍ଣ ନିର୍ଭର କରୁଛନ୍ତି ଏବଂ ସମ୍ପୃକ୍ତ ଅଞ୍ଚଳର ବିଭିନ୍ନ ଘରୋଇ ହସ୍ପିଟାଲ ଦ୍ୱାରା ଅତ୍ୟଧିକ ପରିମାଣର ଅର୍ଥ ଦାବି ଯୋଗୁଁ ଶୋଷଣର ଶିକାର ହେଉଛନ୍ତି। ଜୟପୁରର ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରେ ରୋଗୀମାନଙ୍କୁ ଅବାଧ ଅଲ୍ଟ୍ରାସାଉଣ୍ଡ ସୁବିଧା ଯୋଗାଇ ଦିଆଯାଇପାରିବ ନେଇ ବ୍ୟବସ୍ଥା କରାଯାଉ । ଜିଲ୍ଲା ଚିକିତ୍ସାଳୟ ରେ ଆବଶ୍ୟକ ସଂଖ୍ୟକ ବିଶେଷଜ୍ଞଙ୍କୁ ନିୟୋଜିତ କରିବା ପାଇଁ ଦାବି କରାଯାଇଛି । ଉକ୍ତ ଦାବି ପାତ୍ରର ନକଲ ଜୟପୁର ଉପ ଜିଲ୍ଲାପାଳ ସିଡିଏମଓଙ୍କୁ ପ୍ରଦାନ କରାଯାଇଛି । ଦାବି ପତ୍ର ପ୍ରଦାନ ସମୟରେ ତୁଷାର ମିଶ୍ର ସନାତନ ଦାଶ, ଜେ ସତ୍ୟ ନାରାୟଣ ଆଚାର୍ଯ୍ୟ ଉପସ୍ଥିତ ଥିଲେ ।

# ଜଳେଶ୍ୱର ପୌର ପରିଷଦର ୪ ବର୍ଷ ପୂର୍ତ୍ତି ଉପଲକ୍ଷେ ସାମ୍ବାଦିକ ସମ୍ମିଳନୀରେ ବିକାଶର ରିପୋର୍ଟ କାର୍ଡ ପ୍ରଦାନ କଲେ ନଗରପାଳ ପ୍ରତୀପ କୁମାର ପ୍ରଧାନ




ଜଳେଶ୍ୱର,୩୦/୦୮ (ନି।ପ୍ର): ଜଳେଶ୍ୱର ପୌରପରିଷଦ ୨୦୨୨ ମସିହାରୁ ୨୦୨୭ ମସିହା ପର୍ଯ୍ୟନ୍ତ ସଫଳତାପୂର୍ଣ୍ଣ ଚତୁର୍ଥ ବର୍ଷ ପୂର୍ତ୍ତି ଅବସରରେ ୨୯ ତାରିଖ ଶନିବାର ପୌର କାର୍ଯ୍ୟାଳୟ ପରିସରରେ ଏକ ସମ୍ବାଦଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି ।ଏହି ଅବସରରେ ପୌରାଞ୍ଚଳର ବିଭିନ୍ନ ୱାର୍ଡରେ କାର୍ଯ୍ୟକାରୀ ହୋଇଥିବା ପ୍ରମୁଖ ଉନ୍ନୟନମୂଳକ ଯୋଜନା ଓ ଭୌତିକ ସୁବିଧାସୁଯୋଗର ଏକ ବିସ୍ତୃତ 'ରିପୋର୍ଟ କାର୍ଡ' ଗଣମାଧ୍ୟମ ପ୍ରତିନିଧିମାନଙ୍କ ସମ୍ମୁଖରେ ପ୍ରଦାନ କରାଯାଇଛି । ?ଆଜି ପୂର୍ବାହ୍ନ ୧୦.୩୦ ଘଟିକା ସମୟରେ ନଗରପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନଗରପାଳ ପ୍ରତୀପ କୁମାର ପ୍ରଧାନ ଏବଂ ଉପ-ନଗରପାଳ ପୁଷ୍ପପ୍ରିୟା କାମିଲା ପ୍ରମୁଖ ଉପସ୍ଥିତ ରହି ବିଗତ ୪ ବର୍ଷ ମଧ୍ୟରେ ଜଳେଶ୍ୱର ପୌରାଞ୍ଚଳର କାୟାକଳ୍ପ ବଦଳାଇବାରେ ପୌର ପରିଷଦର ସଫଳତା ସମ୍ପର୍କରେ ଆଲୋଚନା କରିଥିଲେ। ପୌରାଞ୍ଚଳର ୧୭ଟି ଗୋଟି ୱାର୍ଡରେ ପକ୍କା ରାସ୍ତା, ଡ୍ରେନେଜ୍ ବ୍ୟବସ୍ଥାର ସୁଧାର,ଏବଂ ନିରବଚ୍ଛିନ୍ନ ଆଲୋକୀକରଣ (ଷ୍ଟ୍ରିଟ୍ ଲାଇଟ୍) କାର୍ଯ୍ୟକ୍ରମକୁ ଅଗ୍ରାଧିକାର ପ୍ରଦାନ। ସହରବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଏବଂ ସ୍ୱଚ୍ଛ ଭାରତ ଅଭିଯାନ ଅଧୀନରେ ବର୍ଜ୍ୟବସ୍ତୁ ପରିଚାଳନାକୁ ସୁଦୃଢ଼ କରିବା ।ସହରୀ ଗରିବ ଓ ଗ୍ରାମାଞ୍ଚଳରୁ ଆସୁଥିବା ଲୋକଙ୍କ ସୁବିଧା ପାଇଁ ବିଭିନ୍ନ ସହରୀ ସୌନ୍ଦର୍ଯ୍ୟକରଣ,ପାର୍କ ନିର୍ମାଣ ଓ କଲ୍ୟାଣମୂଳକ ଯୋଜନାର ସଫଳ କାର୍ଯ୍ୟକାରିତା ।ସମ୍ବାଦଦାତା ସମ୍ମିଳନୀରେ ନଗରପାଳ ଶ୍ରୀ ପ୍ରଧାନ ପ୍ରକାଶ କରିଥିଲେ ଯେ,ଜଳେଶ୍ୱର ସହରର ସର୍ବାଙ୍ଗୀନ ବିକାଶ ଓ ନାଗରିକମାନଙ୍କୁ ଗୁଣାତ୍ମକ ସେବା ଯୋଗାଇଦେବା ପୌର ପରିଷଦର ମୁଖ୍ୟ ଲକ୍ଷ୍ୟ ।ସହରବାସୀଙ୍କ ସହଯୋଗ ଓ ଗଣମାଧ୍ୟମର ସୂଚନା ଯୋଗୁଁ ଆମେ ଗୋଟିଏ ପରେ ଗୋଟିଏ ବିକାଶମୂଳକ କାର୍ଯ୍ୟକୁ ଆଗେଇ ନେବାରେ ସଫଳ ହୋଇଛୁ। ?ଉପ-ନଗରପାଳ ଶ୍ରୀମତୀ କାମିଲା ମଧ୍ୟ ପୌର ପରିଷଦର ଆଗାମୀ ବର୍ଷର କାର୍ଯ୍ୟପନ୍ଥା ଓ ନୂତନ ପ୍ରକଳ୍ପ ସମ୍ପର୍କରେ ସୂଚନା ଦେଇଥିଲେ ।ଏହି କାର୍ଯ୍ୟକ୍ରମରେ ପୌରପାଳିକାର କାଉନସିଲର, ନିର୍ବାହୀ ଅଧିକାରୀ, କର୍ମଚାରୀ ଏବଂ ବହୁସଂଖ୍ୟାରେ ସ୍ଥାନୀୟ ପ୍ରିଣ୍ଟ ଓ ଇଲେକ୍ଟ୍ରୋନିକ୍ସ ମିଡିଆର ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

# ସଂସ୍କୃତ ଦିବସ ଓ ଜାତୀୟ କ୍ରୀଡ଼ା ଦିବସ ପାଳିତ

ନୂଆପଡ଼ା,୩୦/୦୮ (ନି।ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ସଂସ୍କୃତ ଦିବସ ଓ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ଶାରୀରିକ ଶିକ୍ଷା ଅଧ୍ୟାପକ ସରୋଜ କୁମାର ପଣ୍ଡା, ଛାତ୍ର କଲ୍ୟାଣ ଅଧିକାରୀ ଗୀତାଶ୍ରୀ ପ୍ରିୟମ୍ବଦା ଓ ସହ-ଛାତ୍ର କଲ୍ୟାଣ ଅଧିକାରୀ ସାଗରିକା ପଣ୍ଡାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ କ୍ୟାପଟେନ ଡ. ବିଷ୍ଣୁଦେବ ସିଂ ମଲ୍ଲିକ, ଡ. ରାଜକୁମାର ରତେ, ଆଭ୍ୟନ୍ତରୀଣ ଅଭିଯୋଗ ସହ-ଅଧିକାରୀ ଅଧ୍ୟାପିକା ନିବେଦିତା ଆଚାରୀ, ସନ୍ତୋଷୀ ଶର୍ମା, ପ୍ରଣତି ପଣ୍ଡା, ପ୍ରମୋଦ ଜାଲ, ରୀତା ବାରିକ, ପ୍ରଦୀପ କୁମାର ବେହେରା, ଜିତେନ୍ଦ୍ର କଳସାଇ, ହରିହର ଭେସରା, ଅଭିଷେକ ରଥ, ଅଜିତେଶ ପାଢ଼ୀ, ବିବେକ ସାହୁ, ଆଶୁତୋଷ ଯୋଶୀ, ପରେଶ କୁମାର ବାରିକ, ରବୀନ୍ଦ୍ର ବାଗ, ବିଜୁ ନାଏକ, ଗିରିଧାରୀ ନାଏକ ଓ ଦୁଲ୍ଲଭ ବେହେରାଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଯୋଗଦେଇଥିଲେ। ଅଧ୍ୟକ୍ଷ ଶ୍ରୀ ପଣ୍ଡା ଜାତୀୟ କ୍ରୀଡ଼ା ଦିବସ ପାଳନର ଗୁରୁତ୍ୱ ଏବଂ ମେଜର ଧ୍ୟାନଚାନ୍ଦଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ସଂସ୍କୃତ ଭାଷା ଭାରତୀୟ ସଂସ୍କୃତି ଓ ପରମ୍ପରାର ଏକ ମହତ୍ତ୍ୱପୂର୍ଣ୍ଣ ଅଂଶ ବୋଲି ଉଲ୍ଲେଖ କରି ସଂସ୍କୃତକୁ 'ଦେବଭାଷା' ଓ 'ପୂଜ୍ୟ ଭାଷା' ଭାବେ ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ମହାବିଦ୍ୟାଳୟରୁ ନିକଟସ୍ଥ ମୁକ୍ତାପୁର ଗ୍ରାମ ପର୍ଯ୍ୟନ୍ତ ଏକ ପଦଯାତ୍ରା ଆୟୋଜିତ ହୋଇଥିଲା।

# କେନ୍ଦୁଝରରେ ଉତ୍ସାହର ସହ ପାଳିତ ହେଲା ଜାତୀୟ କ୍ରୀଡ଼ା ଦିବସ

କେନ୍ଦୁଝର,୩୦/୦୮ (ନି।ପ୍ର): କିମ୍ବଦନ୍ତୀ ହକି ଖେଳାଳି ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ଜୟନ୍ତୀକୁ ସ୍ମରଣ କରି ଆଜି କେନ୍ଦୁଝରର ହ୍ୟାଣ୍ଡବଲ୍ ଗ୍ରାଉଣ୍ଡଠାରେ ଜାତୀୟ କ୍ରୀଡ଼ା ଦିବସ ୨୦୨୬ ଅତ୍ୟନ୍ତ ଉତ୍ସାହ ଓ ଉଦ୍ଦୀପନା ସହକାରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୫୦୦ରୁ ଅଧିକ କ୍ରୀଡ଼ାବିତ୍, ଛାତ୍ରଛାତ୍ରୀ, କ୍ରୀଡ଼ା ପ୍ରେମୀ ଏବଂ ସରକାରୀ ଅଧିକାରୀ ଯୋଗ ଦେଇଥିଲେ। ଏହି ସମାରୋହରେ ମୁଖ୍ୟ ଅତିଥିଭାବେ ସାଂସଦ କେନ୍ଦୁଝର ଅନନ୍ତ ନାୟକ, ସମ୍ମାନନୀୟ ଅତିଥିଭାବେ କେନ୍ଦୁଝରଗଡ଼ ପୌରପାଳିକାର ଅଧ୍ୟକ୍ଷା, ଶ୍ରୀମତୀ ନିକୁ ସାହୁ ଅତିରିକ୍ତ ଜିଲ୍ଲାପାଳ, ମନ୍ଦରଧର ମହାଳିକ, ସଂରକ୍ଷିତ ଆରକ୍ଷୀ ନିରୀକ୍ଷକ ପ୍ରଦୀପ କୁମାର ଜେନା, ହ୍ୟାଣ୍ଡବଲ ପ୍ରଶିକ୍ଷକ ରିତ୍ୱିକ ଅଧିକାରୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ, ସରୋଜ କୁମାର ମଲ୍ଲିକ, ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ, ବିଶିଷ୍ଟ କ୍ରୀଡ଼ାବିତ୍ ଏବଂ କ୍ରୀଡ଼ା ପ୍ରେମୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୋଭା ବଢ଼ାଇଥିଲେ।

# ସ୍ୱାଭିମାନ ଅଂଚଳରେ ଅବକାରୀ ବିଭାଗ ପକ୍ଷରୁ ୪୦ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ

ମାଲକାନଗିରି,୨୯/୦୮ (ନି।ପ୍ର): ମାଲକାନଗିରି ଜିଲ୍ଲାରେ ଚାଲୁଥିବା ବିଶେଷ ଅଭିଯାନ ଅବସରରେ ମାଲକାନଗିରି ଜିଲ୍ଲା ଅବକାରୀ ଅଧୀକ୍ଷକ ବିଦ୍ୟାଧର ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ଆଜି ମାଲକାନଗିରି ଅବକାରୀ ଟିମ୍ ପକ୍ଷରୁ ଚିତ୍ରକୋଣ୍ଡା ବ୍ଲକସ୍ଥ ସ୍ୱାଭିମାନ ଅଂଚଳର ପାପରମେଟଲା ଥାନା ଅଧିନସ୍ଥ ଧୂଳିପୁଟ ଗ୍ରାମ ପଂଚାୟତର ସାରକୁବନ୍ଧ ଗ୍ରାମ ନିକଟସ୍ଥ ଜଙ୍ଗଲ ଅଂଚଳରେ ଚଢ଼ଉ କରାଯାଇଥିଲା। ଚଢ଼ଉ ସମୟରେ ଚୋରା ବ୍ୟବସାୟୀ ମାନେ ଜଙ୍ଗଲ ମଧ୍ୟରେ ଲୁଚାଇ ରଖିଥିବା ପ୍ରାୟ ୪୦୦ କେଜି ଗଞ୍ଜେଇ ଜବତ କରାଯାଇଛି। ଜବତ ଗଞ୍ଜେଇର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୪୦ ଲକ୍ଷ ଟଙ୍କା ହେବ। ଉକ୍ତ ଗଞ୍ଜେଇକୁ ଆନ୍ଧ୍ରପ୍ରଦେଶକୁ ଚୋରାଚାଲାଣ କରିବା ଉଦ୍ଦେଶ୍ୟରେ ଜଙ୍ଗଲ ମଧ୍ୟରେ ଲୁଚାଇ ରଖାଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଘଟଣାସ୍ଥଳରେ କୌଣସି ବ୍ୟକ୍ତି ଉପସ୍ଥିତ ନଥିବାରୁ ଏହି ଘଟଣାରେ ଏକ ଏନ ଡି ପି ଏସ ମାମଲା ରୁଜୁ କରାଯାଇଛି। ଘଟଣାର ମୁଖ୍ୟ ଚାଲାଣକାରୀ ଓ ଏଥିରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ଚିହ୍ନଟ କରି ଗିରଫ କରିବା ପାଇଁ ତଦନ୍ତକାରୀ ଅଧିକାରୀଙ୍କୁ ଯଥାବିଧି ଓ ଗଭୀର ତଦନ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।
ଏହି ଚଢ଼ଉ ଟଙ୍କଧର ଭୋଇ, ଅବକାରୀ ଉପ-ଅଧୀକ୍ଷକ, ସନ୍ତୋଷ ବଳ, ଅବକାରୀ ନିରୀକ୍ଷକ ଙ୍କ ନେତୃତ୍ୱରେ କରାଯାଇଥିଲା। ଚଢ଼ଉରେ ଅବକାରୀ ଉପ-ନିରୀକ୍ଷକ ତେଜରାଜ ଗହୀର, ବ୍ରଜ ନାୟକ, ଅମିୟ ଖଜା, ମନୋଜ ପ୍ରଧାନ, ଦିନବନ୍ଧୁ ସିରା, ଅବକାରୀ ଏ ଏସ ଆଇ ରାମଚନ୍ଦ୍ର ହନ୍ତାଳ, ସରୋଜ କୁମାର ସାହୁ, ସୁରେନ୍ଦ୍ର ମାଝୀ, ରମଜାନ ଖାନଙ୍କ ସମେତ ଅନ୍ୟାନ୍ୟ ଅବକାରୀ କର୍ମଚାରୀ ଅଂଶଗ୍ରହଣ କରିଥିଲେ।
ଚାଲୁଥିବା ବିଶେଷ ଅଭିଯାନ ଅଧୀନରେ ୪୦୦ କେଜି ଗଞ୍ଜେଇ ଜବତ ଅବକାରୀ ବିଭାଗର ଚୋରା ନିଶାଦ୍ରବ୍ୟ ଚାଲାଣ ବିରୋଧୀ ଅଭିଯାନରେ ଏକ ଉଲ୍ଲେଖନୀୟ ସଫଳତା ଅଟେ।

# ଭୁଲ୍ ସମୟରେ ଖାଇଲେ ସ୍ୱାସ୍ଥ୍ୟ ଉପରେ ପଡ଼େ ପ୍ରଭାବ : ଜାଣନ୍ତୁ , ଲଞ୍ଚ୍ ଏବଂ ଡିନର୍ ଭିତରେ କେତେ ସମୟର ଅନ୍ତର ରହିବା ଦରକାର ?



ଯେମିତି ପୁଷ୍ଟିକର ଖାଦ୍ୟ ଆମ ଶରୀରକୁ ହେଲଦି ରଖିବାରେ ସାହାଯ୍ୟ କରେ ଠିକ୍ ସେମିତି ଆପଣଙ୍କ ଖାଇବା ସମୟ ମଧ ଆପଣଙ୍କ ସୁସ୍ଥ ଜୀବନଚର୍ଯ୍ୟାକୁ ସନ୍ତୁଳନ ରଖିବାର କାମ କରେ। ଆପଣ କେତେବେଳେ , କେଉଁ ସମୟରେ ଖାଦ୍ୟ ଖାଉଛନ୍ତି ଏବଂ ଲଞ୍ଚ୍ - ଡିନର୍ ଭିତରେ କେତେ ସମୟର ଅନ୍ତରାଳ ରହିବା ଦରକାର ଏହା ଆପଣ ଜାଣିବା ନିହାତି ଦରକାର । ଅନେକ ଲୋକ ଏ ଉପରେ ଧ୍ୟାନ ଦେଉନଥିବା ବେଳେ ଏ ସମ୍ବନ୍ଧରେ ଜାଣିବା ନିହାତି ଦରକାର।


ଲଞ୍ଚ୍ ଏବଂ ଡିନର୍ ଭିତରେ ୪ ରୁ ୬ ଘଣ୍ଟା ସମୟର ଅନ୍ତର ରହିବା ଦରକାର । ଏହା ଆପଣଙ୍କ ପାଚନ ତନ୍ତ୍ର ଠିକ୍ କରିବା ସହ ଭୋଜନକୁ ହଜମ କରାଇବାରେ ସହାୟକ ହୁଏ। ଅଧିକ ସକ୍ରିୟ ଥିବା ଲୋକ କମ୍ ସମୟର ଅନ୍ତରରେ ଖାଦ୍ୟ ଖାଇବା ଉଚିତ୍ ଅନ୍ୟପକ୍ଷେ ଯେଉଁ ଲୋକଙ୍କ କ୍ଷେତ୍ରରେ ନିଷ୍କ୍ରିୟତା ଦେଖାଯାଏ ସେମାନେ ଅଧିକ ସମୟର ଅନ୍ତରାଳ ନେବା ଆବଶ୍ୟକ। ଲଞ୍ଚ୍ ଏବଂ ଡିନର୍ ଭିତରେ ଅନ୍ତର ନ ରହିବାଦ୍ୱାରା ଓଜନ ବଢିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼େ । ଏହାଦ୍ୱାରା ଶରୀରରେ କ୍ୟାଲୋରୀ ଜମେ ଏବଂ ଓଜନ ବଢେ । ସମୟ ନଦେଇ ଲଗାତାର ଖାଇବା ଦ୍ୱାରା ପାଚନତନ୍ତ୍ରରେ ଏହାର ପ୍ରଭାବ ପଡ଼େ । ଯାହାଦ୍ୱାରା କୋଷ୍ଠକାଠିନ୍ୟ , ଏସିଡିଟି ଭଳି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼େ । ଲଗାତାର ଖାଇବା ଦ୍ୱାରା ଆପଣ ସବୁବେଳେ ଥକ୍କାପଣ ଅନୁଭବ କରିବେ । ରାତିରେ ବିଳମ୍ବରେ ଖାଇବା ଦ୍ୱାରା ଆପଣଙ୍କ ନିଦରେ ମଧ ବ୍ୟାଘାତ ହୁଏ । ଏହିସବୁ ସମସ୍ୟାରୁ ଉପସମ ପାଇବାକୁ ଚାହୁଁଥିଲେ ଏକ ନିର୍ଦ୍ଦିଷ୍ଟ ସମୟକୁ ଚୟନ କରନ୍ତୁ ଏବଂ ସେହି ସମୟରେ ହିଁ ଲଞ୍ଚ୍ ଏବଂ ଡିନର୍ କରନ୍ତୁ । ଅଧିକ ସମୟ ଅନ୍ତର ହେଉଥିଲେ ହାଲକା ଜଳଖିଆ କିମ୍ବା ସ୍ନାକ୍ସ ଖାଆନ୍ତୁ । ସବୁବେଳେ ରାତ୍ରଭୋଜନ ହାଲକା ଏବଂ ସନ୍ତୁଳନ ରଖିବାକୁ ଚେଷ୍ଟା କରନ୍ତୁ । ଯେଉଁଥିରେ ଫାଇବର୍ ଏବଂ ପ୍ରୋଟିନର ମାତ୍ରା ଅଧିକ ଥିବ। ଶୋଇବାର ୨ ରୁ ୩ ଘଣ୍ଟା ପୂର୍ବରୁ ଖାଦ୍ୟ ଖାଆନ୍ତୁ ନାହିଁ । ପ୍ରଚୁର ମାତ୍ରାରେ ପାଣି ପିଅନ୍ତୁ ଏହା ଆପଣଙ୍କ ପାଚନତନ୍ତ୍ରକୁ ସୁସ୍ଥ ରଖିବାରେ ସହାୟ ହୁଏ ।



# କଦଳୀ ଫୁଲର ଉପକାରିତା

- କିଡନୀ ଷ୍ଟୋନ୍ ସମସ୍ୟା କାଟିବ
- ଡାଏବେଟିସ୍‌କୁ ଦୂର କରିବ
- ମହିଳାଙ୍କ ପାଇଁ ମହୌଷଧୀ କଦଳୀ ଫୁଲର ସୁପ୍

ସୁସ୍ଥ ଶରୀର ପାଇବାକୁ ହେଲେ ଆବଶ୍ୟକ ପଡ଼େ ସୁସ୍ଥ ଖାଦ୍ୟର ଆଉ ଏହି ସୁସ୍ଥ ଖାଦ୍ୟ ଜନ୍ମ ନିଏ ସବୁଜ ପରିବାରୁ । ପିଲାଟି ବେଳରୁ ଆମେ ପାଠ ବହିରେ ପଢିଆସିଛେ ତଟକା ପରିବା ଖାଇବା , ସୁସ୍ଥ ଆମେ ରହିବା । ସବୁଜ ତଟକା ପରିବା ଖାଇବାକୁ ଡାକ୍ତର ମଧ ପରାମର୍ଶ ଦେଇଥାନ୍ତି । କୋବି , ବିନ୍ , ମଟର , କଞ୍ଚା କଦଳୀ ଆଦି ଅନେକ ପରିବା ଆମ ଶରୀରକୁ ବଳ ଯୋଗାଇବାର କାମ କରନ୍ତି । ଏହିସବୁ ପରିବା ଖାଇବା ଦ୍ୱାରା ଅନେକ ରୋଗରୁ ମଧ ଉପସମ ମିଳିଥାଏ । କିନ୍ତୁ କ'ଣ ଆପଣ ଜାଣନ୍ତି କି ଏହି ପରିବାର ଫୁଲ ମଧ ଦେହପାଇଁ କେତେ ଉପଯୋଗୀ । ଆମେ ଏଠାରେ କଞ୍ଚା କଦଳୀର କଥା କହୁଛୁ ଆଜ୍ଞା , କଦଳୀର ଉପକାରିତା ବିଷୟରେ ଆମେ ଆପଣଙ୍କୁ ଆଗରୁ କହିସାରିଛୁ । କିନ୍ତୁ କଦଳୀ ଫୁଲ ମଧ ଶରୀର ପାଇଁ ସଞ୍ଜୀବନୀର କାମ କରେ ଏଭଳି କହିଲେ ମଧ ଭୁଲ୍ ହେବନାହିଁ । କଦଳୀଫୁଲରେ ଫାଇବର୍ , ପ୍ରୋଟିନ୍ , ଭିଟାମିନ୍- ଏ , ଭିଟାମିନ୍-ସି , ଫସଫରସ୍ , ପୋଟାସିୟମର ମାତ୍ରା ମିଳିଥାଏ । ଯାହା ଖାଇବାଦ୍ୱାରା ଡାଏବେଟିସ୍ କଣ୍ଟ୍ରୋଲରେ ରହିବା ସହ ଶରୀରରୁ ଗ୍ଲୁକୋଜ୍ ସ୍ତର ମଧ କମ୍ ହୋଇଥାଏ । ଏହାଦ୍ୱାରା ବ୍ଲଡସୁଗାର୍ ମଧ କଣ୍ଟ୍ରୋଲକୁ ଆସିଥାଏ । କଦଳୀଫୁଲର କାଢା ମଧ ସେବନ କରାଯାଏ । କଦଳୀଫୁଲ କିଡନୀ ରୋଗୀଙ୍କ ପାଇଁ ମଧ ବହୁତ ଭଲ ହୋଇଥାଏ । ଏଥିରେ ଥିବା ନେଫ୍ରୋପ୍ରୋଟେକ୍ଟିଭ୍ ଗତିବିଧି କିଡନୀକୁ ସୁସ୍ଥ ରଖିବାରେ ସାହାଯ୍ୟ କରେ । ଏହାଦ୍ୱାରା କିଡନୀ ଷ୍ଟୋନ୍ ସମସ୍ୟା ମଧ ଦୂର ହୁଏ । ଯଦି ଆପଣ ନିଜ ଖାଦ୍ୟରେ ନିୟମିତ କଦଳୀ ଫୁଲର ସେବନ କରୁଛନ୍ତି ତାହେଲେ ଏହା ଆପଣଙ୍କ ଓଜନ କମାଇବାରେ ମଧ ସହାୟକ ହେବ । ଏଥିରେ ଥିବା ଫାଇବରର ମାତ୍ରା ଲମ୍ବା ସମୟ ପର୍ଯ୍ୟନ୍ତ ଭୋକ ନ କରାଇବା ହେଉଛି ଓଜନ କମାଇବା ପଛର ରହସ୍ୟ । ଏଥିପାଇଁ କଦଳୀଫୁଲର କାଢା , ତରକାରୀ କିମ୍ବା ସୁପ୍ ପ୍ରସ୍ତୁତ କରି ଆପଣ ଖାଇପାରିବେ । କଦଳୀଫୁଲର ସେବନ ଦ୍ୱାରା ଆପଣ ହାଇ-ବ୍ଲଡପ୍ରେସରକୁ ବି କଣ୍ଟ୍ରୋଲରେ ଆଣିପାରିବେ । ଏହା ଆଣ୍ଟି- ଡାଇପରଟେନ୍ସିଭ୍ ଭଳି କାମ କରୁଥିବାରୁ ଉଚ୍ଚ ରକ୍ତଚାପକୁ ନିୟନ୍ତ୍ରଣ



କରିବାରେ ସହାୟକ ହୋଇଥାଏ । ମାସିକ ଋତୁଚକ୍ରରେ ମହିଳାଙ୍କୁ ହେଉଥିବା ଯନ୍ତ୍ରଣାରୁ ଉପସମ ଦେଇଥାଏ କଦଳୀଫୁଲର ସେବନ । ଏହା ପ୍ରୋଜେଷ୍ଟେରୋନ୍ ହର୍ମୋନକୁ ରେଗୁଲେଟ୍ କରି ବ୍ଲିଡିଂଙ୍ଗ୍ ସମୟରେ ମହିଳାଙ୍କୁ ହେଉଥିବା ଅସହ୍ୟ ପେଟ ଯନ୍ତ୍ରଣାକୁ କମ୍ କରିଥାଏ । ହୃଦୟକୁ ସୁସ୍ଥ ରଖେ କଦଳୀଫୁଲ । ଏଥିରେ ଥିବା କାର୍ଡିୟୋ ପ୍ରୋଟେକ୍ଟିଭ୍ ଇଫେକ୍ଟ ନା କେବଳ ହୃଦୟକୁ ସୁସ୍ଥ ରଖେ ,ବିପିକୁ ମଧ କଣ୍ଟ୍ରୋଲରେ ଆଣିଥାଏ । କଦଳୀଫୁଲରେ ଥିବା ଗେଲ୍କ୍ଟାଗାଗ୍ ତତ୍ତ୍ୱ ଲେକ୍ଟେସନକୁ ବଢାଇଥାଏ ଯାହାଦ୍ୱାରା ଶିଶୁକୁ ସ୍ତନ୍ୟପାନ କରାଉଥିବା ମା'ଙ୍କ ପାଇଁ ଏହା ଖୁବ୍ ଲାଭକାରୀ ହୋଇଥାଏ । ପ୍ରତିଟି ପରିବାରେ କିଛି ନା କିଛି ବିଶେଷତ୍ୱ ଏବଂ ଔଷଧୀୟ ଗୁଣ ଥାଏ , ତେଣୁ ଖାଦ୍ୟରେ ପରିବା ସହ ନିୟମିତ ଖାଆନ୍ତୁ କଦଳୀ ଫୁଲ , ସୁସ୍ଥତା ଆପଣଙ୍କୁ କରିବ ଗେଲ ।

# ଓଜନ କମାଇବାରେ ସହାୟକ ହୁଏ କଞ୍ଚା କଦଳୀ : କଦଳୀ ଖାଇଲେ କ'ଣ ମିଳେ ସୁଫଳ, ଦେଖନ୍ତୁ

କିଛି ପରିବା ଋତୁ ଜନିତ ହୋଇଥାନ୍ତି । ଯାହା ଏକ ନିର୍ଦ୍ଦିଷ୍ଟ ଋତୁରେ ହିଁ ଖାଇବାକୁ ବି ଭଲ ଲାଗିଥାଏ ଆଉ ଦେହ ପାଇଁ ଭଲ ହୋଇଥାଏ । କିନ୍ତୁ ବର୍ଷସାରା ମିଳୁଥିବା ପରିବା ବି ଦେହ ପାଇଁ ବହୁ ହିତକର ହୋଇଥାନ୍ତି । ଯେଉଁଥିରେ କଞ୍ଚା କଦଳୀ ହେଉଛି ଅନ୍ୟତମ । ବର୍ଷସାରା ମିଳୁଥିବା କଦଳୀ ଅନେକ ଔଷଧୀୟ ଗୁଣରେ ଭରପୁର ହୋଇଥାଏ । ଓଜନ କମାଇବାରୁ ଆରମ୍ଭ କରି ଡାଏବେଟିସ୍ ଏବଂ ଡାଇରିଆ ସମସ୍ୟାକୁ ମଧ କମ୍ କରିବାରେ ରାମବାଣ ଭଳି କାମ କରେ କଞ୍ଚା କଦଳୀ । ତେବେ ଆସନ୍ତୁ କଞ୍ଚାକଦଳୀର ଉପକାରିତା ବିଷୟରେ ଆଜି ଜାଣିବା ।

୧- କଞ୍ଚା କଦଳୀରେ ପ୍ରଚୁର ପରିମାଣର ପୋଟାସିୟମ ଥାଏ ଯାହା ଶରୀରରେ ରୋଗ ପ୍ରତିରୋଧକାରୀ କ୍ଷମତାକୁ ବଢାଇବାରେ ସାହାଯ୍ୟ କରେ ।

୨- ଓଜନ ହ୍ରାସ କରିବା ପାଇଁ ଚେଷ୍ଟା କରୁଥିବା ଲୋକମାନଙ୍କୁ ପ୍ରତିଦିନ ଗୋଟିଏ କଦଳୀ ଖାଇବା ପାଇଁ ଉପଦେଶ ଦିଆଯାଏ । କଞ୍ଚା କଦଳୀରେ ଭରପୁର ମାତ୍ରାରେ ଫାଇବର ଥାଏ, ଯାହା ଅନାବଶ୍ୟକ ମେଦକୁ ଦୂର କରିବାରେ ସାହାଯ୍ୟ କରିଥାଏ ।

୩- କଞ୍ଚା କଦଳୀରେ ଫାଇବର ଓ ସ୍ୱାସ୍ଥ୍ୟକର ଷ୍ଟାର୍ଚ ଥାଏ । ଯଦି ଆପଣ କୋଷ୍ଠକାଠିନ୍ୟ ରୋଗରେ ପୀଡିତ ଅଛନ୍ତି ତେବେ କଞ୍ଚା କଦଳୀ ଖାଇଲେ ଆପଣ ଏହି ସମସ୍ୟାରୁ ରକ୍ଷା ପାଇପାରିବେ ।

୪- ନିୟମିତ ଭାବେ କଞ୍ଚା କଦଳୀ ସେବନ କଲେ ପାଚନ କ୍ରିୟା ମଧ ଭଲ ରହେ ।

୫- ଏହା ବ୍ୟତୀତ କଞ୍ଚା କଦଳୀ ଅନେକ ପ୍ରକାର କର୍କଟ ରୋଗରୁ ମଧ ରକ୍ଷା କରିଥାଏ । କଞ୍ଚା କଦଳୀରେ ମହଜୁଦ କ୍ୟାଲସିୟମ ହାଡକୁ ଶକ୍ତ କରିବାରେ ମଧ ସହାୟକ ହୋଇଥାଏ ।



# 'ରିଲ୍' ବଢ଼ାଉଛି ରକ୍ତଚାପ !



ଆଜିକାଲି ସାମାଜିକ ଗଣମାଧ୍ୟମରେ 'ରିଲ୍' ବା କ୍ଷୁଦ୍ର ଭିଡିଓ ଦେଖିବା ସବୁ ବୟସର ଲୋକଙ୍କ ପାଇଁ ଏକ ମନୋରଞ୍ଜନ ସାମଗ୍ରୀ ପାଲଟିଛି । ପ୍ରଥମେ ପ୍ରଥମେ ସେସବୁକୁ କାଁ ଭାଁ ଦେଖୁଥିବା ବ୍ୟକ୍ତି ଶେଷରେ ତାହାକୁ ନିଶାରେ ପରିଣତ କରିଥାଏ। ସେଇ ବର୍ଗର ଲୋକମାନେ ଶୋଇବା ସମୟରେ 'ରିଲ୍' ଦେଖିବା ଏବଂ ସେମାନଙ୍କର ରକ୍ତଚାପ ଭିତରେ ଏକ ନିବିଡ଼ ସମ୍ପର୍କ ରହିଥିବା କଥା ଏକ ସଦ୍ୟ ଅନୁଧ୍ୟାନରୁ ସ୍ପଷ୍ଟ ହୋଇଛି। ଚୀନରେ କରାଯାଇଥିବା ଏକ ଅଧ୍ୟୟନ ଅନୁଯାୟୀ ଯିଏ ଯେତେ ଅଧିକ ସମୟ 'ରିଲ୍' ଦେଖୁଛି, ସିଏ ସେତେ ଅଧିକ ଉଚ୍ଚ ରକ୍ତଚାପର ଶିକାର ହେଉଛି। 'ବିଏମ୍‌ସି' ପତ୍ରିକାରେ ପ୍ରକାଶିତ ତଥ୍ୟ ଅନୁଯାୟୀ, ଚୀନ୍‌ରେ ମୋବାଇଲ୍ ଫୋନ୍‌ରେ 'ରିଲ୍' ଦେଖୁଥିବା ୪,୩୧୮ ଜଣ ମଧ୍ୟ-ବୟସ୍କ ଓ ଯୁବକଙ୍କୁ ସାମିଲ କରି ସେମାନଙ୍କର ରକ୍ତଚାପ ଅନୁଧ୍ୟାନ କରାଯାଇଥିଲା। ଦେଖାଯାଇଥିଲା, ଯିଏ ଯେତେ ଅଧିକ ସମୟ 'ରିଲ୍' ଦେଖୁଛି, ସିଏ ସେତେ ଅଧିକ ଉଚ୍ଚ ରକ୍ତଚାପର ଶିକାର ହୋଇଛି। ପାରମ୍ପରିକ ଭାବେ ଟିଭି ଦେଖିବା ବା କମ୍ପ୍ୟୁଟର ବ୍ୟବହାର କରିବା ଅଥବା ଭିଡିଓ ଗେମ୍ ଖେଳିବା ଅପେକ୍ଷା ଶୋଇବା ସମୟରେ ମୋବାଇଲରେ 'ରିଲ୍' ଦେଖିବାର ନକାରାତ୍ମକ ପ୍ରଭାବ ଅଧିକ ବୋଲି ଜଣାପଡ଼ିଛି। କାରଣ ଶୋଇବା ପୂର୍ବରୁ ମୋବାଇଲ୍ ପରଦାରେ ଦୃଷ୍ଟି ନିକ୍ଷେପ କରିବା ଦ୍ୱାରା ଶରୀରରେ 'ସିମ୍ପାଥେଟିକ୍' ଉତ୍ତେଜନା ସୃଷ୍ଟି ହୋଇଥାଏ। ଅର୍ଥାତ୍ ତାହା 'ସିମ୍ପାଥେଟିକ୍' ସ୍ନାୟବିକ କ୍ରିୟାକୁ ସକ୍ରିୟ କରିଥାଏ, ଯାହା ଶରୀରର 'ଫାଇଟ୍-ଅର-ଫ୍ଲାଇଟ୍' ପ୍ରତିକ୍ରିୟାକୁ ସଜାଗ କରିଥାଏ। ଏହା ପରୋକ୍ଷରେ ରକ୍ତଚାପ ବଢ଼ିବାର କାରଣ ସାଜିଥାଏ। ତେଣୁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ କହିବା ଅନୁଯାୟୀ, 'ରିଲ୍'ରେ ମନୋନିବେଶ କରିବା ଦ୍ୱାରା ଜଣକର ମୂଲ୍ୟବାନ ସମୟ ତ ଅପଚୟ ହେଉଛି, ତାହା ସହିତ ନିଜ ସ୍ୱାସ୍ଥ୍ୟ ପାଇଁ ବିପଦକୁ ମଧ ଆମନ୍ତ୍ରଣ କରାଯାଉଛି। ଶରୀରର ବର୍ଦ୍ଧିତ ରକ୍ତଚାପ କମାଇବା ପାଇଁ କିମ୍ବା ରକ୍ତଚାପକୁ ସ୍ୱାଭାବିକ ରଖିବା ପାଇଁ ସୁସ୍ଥ ଜୀବନଶୈଳୀ ଆପଣେଇବା ସହିତ ଶୋଇବା ସମୟରେ 'ରିଲ୍' ଦେଖାରୁ ନିବୃତ୍ତ ରହିବା ପାଇଁ ସେମାନେ ପରାମର୍ଶ ଦେଇଛନ୍ତି।



# ଦମ୍ପତିଙ୍କ ସ୍ମୃତିଶକ୍ତି ବଢ଼ାଏ ଭଲ ପାଇବା

ଭଲପାଇବା ଦମ୍ପତିଙ୍କ ମାନସିକ ସ୍ଥିତି ଉପରେ ସକାରାତ୍ମକ ପ୍ରଭାବ ପକାଇଥାଏ । ଏହା ଯୋଗୁ ଦମ୍ପତିଙ୍କ ସ୍ମୃତିଶକ୍ତି ବଢ଼ିଥାଏ । ଏ ନେଇ ୱାଶିଂଟନ ବିଶ୍ୱବିଦ୍ୟାଳୟରେ ହୋଇଥିବା ଏକ ଗବେଷଣା ରିପୋର୍ଟରେ ପ୍ରକାଶ ପାଇଛି । ପୁରୁଷମାନଙ୍କ ତୁଳନାରେ ମହିଳାଙ୍କ କ୍ଷେତ୍ରରେ ଏଭଳି ଆଚରଣ ଅଧିକ ଦେଖାଯାଏ । ଦାମ୍ପତ୍ୟ ଜୀବନରେ ନିବିଡ଼ ଭଲ ପାଇବା ଯୋଗୁ ମାନସିକ ସ୍ଥିତିରେ ସନ୍ତୁଳନ ସୃଷ୍ଟି ହୁଏ । ଦମ୍ପତି ପରସ୍ପର ବିଷୟରେ ଚିନ୍ତା କରିବା ଛଡ଼ା ଅନ୍ୟ ବାହାର ସମସ୍ୟା ଉପରେ ପ୍ରାୟତଃ ଧ୍ୟାନ ଦେଇ ନଥାନ୍ତି । ଏହା ଯୋଗୁ ମସ୍ତିଷ୍କର ମନେ ରଖିବା ଶକ୍ତି ବଢ଼େ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି । ତେଣୁ ହଠାତ୍ କୌଣସି ସମସ୍ୟାରେ ପଡ଼ିଲେ ଏହାକୁ ଦମ୍ପତି ସାହସର ସହିତ ମୁକାବିଲା କରିଥାନ୍ତି । ତେବେ ଦାମ୍ପତ୍ୟ ଜୀବନରେ ମନୋମାଳିନ୍ୟ ହେଲେ ମାନସିକ ସ୍ଥିତି ବିଗିଡ଼ି ଯାଇଥାଏ ବୋଲି ଏହି ରିପୋର୍ଟରେ ସୂଚିତ ହୋଇଛି ।

# ଆୟୋଡିନ୍ ଅଭାବର ଲକ୍ଷଣ

**ଆମ ଶରୀର ପାଇଁ ଆୟୋଡିନ୍ ଖଣିଜସାର ଏକ ଗୁରୁତ୍ୱପୂର୍ଣ୍ଣ ପୋଷକ ହୋଇଥିଲେ ହେଁ ଅନେକ ତାହାକୁ ଅଣଦେଖା କରିଥା'ନ୍ତି। କହିବା ବାହୁଲ୍ୟ, ଥାଇରଏଡ୍ ପରି ହରମୋନ୍ ପ୍ରସ୍ତୁତି ପାଇଁ ଅପରିହାର୍ଯ୍ୟ...**



ଆମ ଶରୀର ପାଇଁ ଆୟୋଡିନ୍ ଖଣିଜସାର ଏକ ଗୁରୁତ୍ୱପୂର୍ଣ୍ଣ ପୋଷକ ହୋଇଥିଲେ ହେଁ ଅନେକ ତାହାକୁ ଅଣଦେଖା କରିଥା'ନ୍ତି। କହିବା ବାହୁଲ୍ୟ, ଥାଇରଏଡ୍ ପରି ହରମୋନ୍ ପ୍ରସ୍ତୁତି ପାଇଁ ଅପରିହାର୍ଯ୍ୟ ଥିବା ଏହି ଖଣିଜସାର ଶରୀରର ବିଭିନ୍ନ ରାସାୟନିକ ପ୍ରକ୍ରିୟା (ମେଟାବୋଲିଜିମ୍) ଠାରୁ ଆରମ୍ଭ କରି ମସ୍ତିଷ୍କ କ୍ରିୟା ଯାଏ ସବୁକୁ ପ୍ରଭାବିତ କରିଥାଏ। ତେବେ ଶରୀରରେ ଯେତେବେଳେ ଆବଶ୍ୟକ ପରିମାଣର ଆୟୋଡିନ୍‌ର ଅଭାବ ରହେ, ସେତେବେଳେ ଶରୀର ମଧ ଉପଯୁକ୍ତ ସଂକେତ ସ୍ୱରୂପ ବିଭିନ୍ନ ଲକ୍ଷଣ ଦେଖାଇଥାଏ। ମାତ୍ର ସେସବୁ ଲକ୍ଷଣ ବେଳେ ବେଳେ ଅଣଦେଖା ରହିଯାଇଥାଏ। ଆଜି ସେଭଳି କିଛି ଆୟୋଡିନ୍ ଅଭାବ ଜନିତ ଶାରୀରିକ ଲକ୍ଷଣ ବାବଦରେ ଜାଣିବା। ଶରୀରରେ ଆୟୋଡିନ୍‌ର ଅଭାବ ରହିଲେ ଆଖି ଦୁଇଟି ଫୁଲି ଯାଇଥାଏ। କାରଣ ରକ୍ତରେ ନିମ୍ନ ସ୍ତରର ଆୟୋଡିନ୍ ଶରୀରର ତରଳ ପଦାର୍ଥ ସନ୍ତୁଳନରେ ବିଭ୍ରାଟ ଆଣି ମୁଖମଣ୍ଡଳ ପରି ଅପ୍ରତ୍ୟାଶିତ ସ୍ଥାନରେ ଫୁଲିବା ଦେଖାଯାଇଥାଏ। ସେହିପରି ତଣ୍ଟି ବସିଯିବା ବା କିଛି ଲାଖିଥିଲା ଭଳି ତଣ୍ଟି ଫୁଲିଯିବା ଅନୁଭବ ମଧ ହେଉଛି ଆୟୋଡିନ୍ ଅଭାବର ଅନ୍ୟତମ ଲକ୍ଷଣ। ଆୟୋଡ଼ିନ୍ ଅଭାବରୁ ମଧ ହୃଦ୍‌ସ୍ପନ୍ଦନରେ ଅନିୟମିତତା ଦେଖାଯାଇଥାଏ। କାରଣ ଆୟୋଡିନ୍ ଉପରେ ନିର୍ଭର କରୁଥିବା ଥାଇରଏଡ୍ ହରମୋନ୍ ହିଁ ଏକ ସୁସ୍ଥ ତଥା ନିୟମିତ ହୃଦ୍‌ସ୍ପନ୍ଦନ ପାଇଁ ସାହାଯ୍ୟ କରେ। ବେଳେ ବେଳେ ମାତ୍ରାଧିକ ଉତ୍କଣ୍ଠା ବଢ଼ିଯିବା ବା ମନୋଭାବରେ ଅସ୍ୱାଭାବିକ ପରିବର୍ତ୍ତନ ବା ଭୀଷଣ ଭାବେ ଚିଡ଼ିଚିଡ଼ା ଲାଗିବା ମଧ ଅନ୍ୟତମ ଲକ୍ଷଣ। ଆୟୋଡିନ୍ ଅଭାବ ଯୋଗୁଁ ମସ୍ତିଷ୍କର ରାସାୟନିକ ସନ୍ତୁଳନରେ ବ୍ୟାଘାତ ଘଟି ଏପରି ହୋଇଥାଏ। ସେହିପରି ଗୋଡ଼ ଓ ହାତରେ ହଠାତ୍ କଣ୍ଟା ଫୋଡ଼ିହେଲା ପରି ଅନୁଭବ ମଧ ଆୟୋଡିନ୍ ଅଭାବର ଲକ୍ଷଣ। କାରଣ ଆୟୋଡିନ୍ କମିଗଲେ ଥାଇରଏଡ୍ ହରମୋନ୍ ସ୍ତର କମିଯାଇ ସ୍ନାୟୁକ୍ରିୟାକୁ ଧିମେଇ ଦେଇଥାଏ। ମହିଳାମାନଙ୍କ ଠାରେ ଅନିୟମିତ ଋତୁସ୍ରାବ ମଧ ଆୟୋଡିନ ଅଭାବରୁ ହୋଇଥାଇପାରେ। ସେହିପରି ଆମ ଶରୀରରେ କୌଣସି କ୍ଷତ ଶୁଖିବା ବିଳମ୍ବିତ ହେବା ମଧ ଆୟୋଡିନ୍ ଅଭାବର ଅନ୍ୟତମ ଲକ୍ଷଣ।

# ମନକୁ ସବୁବେଳେ ଖରାପ ଚିନ୍ତା ଆସୁଛି କି ? ଏମିତି କରନ୍ତୁ, ଆଉ ଆସିବନି...

ମନକୁ ସବୁବେଳେ ନକାରାତ୍ମକ ଚିନ୍ତା ଆସୁଛି କି ? ରାତି ହେଉ କିମ୍ବା ଦିନ ଖରାପ କଥା ମନକୁ ଆସୁଛି କି ? ଏହାକୁ ଦୂର କରିବାକୁ ଚାହୁଁଛନ୍ତି କି ? ବଡ଼ କଥା ହେଲା ନକାରାତ୍ମକ ଚିନ୍ତାକୁ ଯଥାଶୀଘ୍ର ମନରୁ ହଟାଇବା ଉଚିତ୍ । କାରଣ ଯଦି ନକାରାତ୍ମକ ଚିନ୍ତା ଦୀର୍ଘ ସମୟ ଧରି ମନରେ ରହେ ଆପଣଙ୍କର ଭଲ କାମ ମଧ ଖରାପ ହୋଇପାରେ । ଏମିତି ଦେଖିବାକୁ ମିଳିଛି ଯେ ନକାରାତ୍ମକ ଚିନ୍ତା ସକାରାତ୍ମକ ଚିନ୍ତା ଅପେକ୍ଷା ଅଧିକ ଅସୁବିଧା କରିଥାଏ । ଯେଉଁ କାରଣରୁ ଦୁନିଆକୁ ଦେଖିବାର ନଜର ମଧ ବଦଳିଯାଏ, ମାନସିକ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପଡ଼ିଥାଏ ।

## ନକାରାତ୍ମକ ଚିନ୍ତାକୁ ଦୂର କରିବାର ଉପାୟ....

### ବିରତି ନିଅନ୍ତୁ ଏବଂ ଭାବନ୍ତୁ:

ନକାରାତ୍ମକ ଚିନ୍ତା ପ୍ରତ୍ୟେକ ବ୍ୟକ୍ତିର କାର୍ଯ୍ୟରେ ବାଧା ସୃଷ୍ଟି କରେ । ସକାରାତ୍ମକତା ତୁଳନାରେ, ନକାରାତ୍ମକତା ଜଣେ ବ୍ୟକ୍ତିର ହୃଦୟ ଓ ମନ ଉପରେ ପ୍ରାଧାନ୍ୟ ଦେବା ଆରମ୍ଭ କରେ, ଯେଉଁ କାରଣରୁ ବ୍ୟକ୍ତିର ପୂରା ଜୀବନ ନଷ୍ଟ ହୋଇଯାଏ । ତେଣୁ, ଯଦି ଆପଣ ନକାରାତ୍ମକତା ଶକ୍ତିରୁ ବାହାରକୁ ଆସିବାକୁ ଚାହାଁନ୍ତି ତେବେ କାର୍ଯ୍ୟରୁ ବିରତି ନିଅନ୍ତୁ ଏବଂ ଆପଣଙ୍କ ଚିନ୍ତାଧାରା ବିଷୟରେ ଚିନ୍ତା କରନ୍ତୁ ଯାହା ଦ୍ୱାରା ନକାରାତ୍ମକ ଚିନ୍ତା ନିୟନ୍ତ୍ରିତ ହୋଇପାରିବ । ନକାରାତ୍ମକ ଚିନ୍ତାରୁ ଦୂରେଇ ରହିପାରିବେ।

# ବଜେଟ୍ ସ୍ମାର୍ଟଫୋନ୍‌ର ଅସ୍ତିତ୍ୱ ସଙ୍କଟ

ଭାରତୀୟ ସ୍ମାର୍ଟଫୋନ୍ ବଜାରରେ ଏବେ ଏକ ଅଭୂତପୂର୍ବ ପରିବର୍ତ୍ତନ ଦେଖିବାକୁ ମିଳୁଛି, ଯାହାକି ସାଧାରଣ ଗ୍ରାହକଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି । ବିଶେଷ କରି ୧୦ ହଜାର ଟଙ୍କାରୁ କମ୍ ଦାମ୍‌ର ସ୍ମାର୍ଟଫୋନ୍ ବଜାର ଏବେ ଏକ ବଡ଼ ଅସ୍ତିତ୍ୱ ସଙ୍କଟ ଦେଇ ଗତି କରୁଛି। ଗତ କିଛି ବର୍ଷ ଧରି ଭାରତରେ ଡିଜିଟାଲ୍ ବିପ୍ଳବର ମୂଳଦୁଆ ସାଜିଥିବା ଏହି ବଜେଟ୍ ସ୍ମାର୍ଟଫୋନ୍‌ଗୁଡ଼ିକ ଏବେ ବଜାରରୁ ଉଭାନ ହୋଇଯିବାକୁ ବସିଲାଣି । ଏହାର ମୁଖ୍ୟ କାରଣ ହେଉଛି ବିଶ୍ୱସ୍ତରରେ ଦେଖାଦେଇଥିବା ମେମୋରୀ ଚିପ୍ ସଙ୍କଟ । କୃତ୍ରିମ ବୁଦ୍ଧିମତ୍ତା ବା ଏଆଇର ବ୍ୟାପକ ପ୍ରସାର ଏବଂ ଡାଟା ସେଣ୍ଟରଗୁଡ଼ିକରେ ମେମୋରୀ ଚିପ୍‌ର ଅତ୍ୟଧିକ ଚାହିଦା ଯୋଗୁଁ ସ୍ମାର୍ଟଫୋନ୍ ନିର୍ମାଣରେ ବ୍ୟବହୃତ ହେଉଥିବା ଉପକରଣଗୁଡ଼ିକର ଦାମ୍ ଆକାଶଛୁଆଁ ହୋଇଛି । ଏହି ସଙ୍କଟ କେବଳ ଫୋନ୍‌ର ଦାମ୍ ବଢ଼ାଉନାହିଁ, ବରଂ ବଜେଟ୍ ଫୋନ୍ ଶ୍ରେଣୀକୁ ସମ୍ପୂର୍ଣ୍ଣ ରୂପେ ନିଶ୍ଚିହ୍ନ କରିଦେବାର ଆଶଙ୍କା ସୃଷ୍ଟି କରିଛି । ଆଇଡିସି (IDC) ର ଏକ ଆକଳନ ଅନୁଯାୟୀ, ଗତ ବର୍ଷ ବଜାରକୁ ଆସିଥିବା ପ୍ରାୟ ୧୭୩ ନିୟୁତ ବା ୧୭ କୋଟି ୩୦ ଲକ୍ଷ ୧୦ ହଜାର ଟଙ୍କାରୁ କମ୍ ଦାମ୍‌ର ସ୍ମାର୍ଟଫୋନ୍ ଏବେ ଏକ ଅସ୍ତିତ୍ୱ ସଙ୍କଟର ସମ୍ମୁଖୀନ ହେଉଛନ୍ତି । ୨୦୨୬ ମସିହାର ଦ୍ୱିତୀୟ ତ୍ରୈମାସିକରେ ଏହି ଶ୍ରେଣୀର ଫୋନ୍ ବିକ୍ରିରେ ବାର୍ଷିକ ତୁଳନାରେ ପ୍ରାୟ ୬୦ ପ୍ରତିଶତ ହ୍ରାସ ଘଟିଛି । ଏହି ତଥ୍ୟ ସ୍ପଷ୍ଟ କରୁଛି ଯେ ସ୍ୱଳ୍ପ ଆୟକାରୀ ଗ୍ରାହକଙ୍କ ପାଇଁ ନୂଆ ସ୍ମାର୍ଟଫୋନ୍ କିଣିବା ଏବେ ଏକ ସ୍ୱପ୍ନରେ ପରିଣତ ହେବାକୁ ଯାଉଛି ।

ବିଶ୍ୱ ବଜାରରେ ମେମୋରୀ ଚିପ୍‌ର ମୂଲ୍ୟବୃଦ୍ଧି ଏକ ଗମ୍ଭୀର ରୂପ ଧାରଣ କରିଛି । ଆଇଡିସିର ରିପୋର୍ଟ ଅନୁଯାୟୀ, ମେମୋରୀ ଚିପ୍‌ର ଦାମ୍ ବାର୍ଷିକ ତୁଳନାରେ ୩୦୦ ପ୍ରତିଶତରୁ ଅଧିକ ବୃଦ୍ଧି ପାଇଛି ଏବଂ ଏହି ଧାରା ୨୦୨୮ ମସିହା ପର୍ଯ୍ୟନ୍ତ ଜାରି ରହିବ ବୋଲି ଆଶା କରାଯାଉଛି। ଏହି ଅହେତୁକ ମୂଲ୍ୟବୃଦ୍ଧିକୁ ଅର୍ଥନୈତିକ ଭାଷାରେ 'ଚିପ୍‌ଫ୍ଲେସନ୍' (Chipflation) ବୋଲି କୁହାଯାଉଛି, ଯେଉଁଠାରେ ଇଲେକ୍ଟ୍ରୋନିକ୍ସ ସାମଗ୍ରୀର ଦାମ୍ କିଛି ବର୍ଷ ମଧ୍ୟରେ ଯେତିକି ବଢ଼ିବା କଥା, ତାହା ମାତ୍ର ଛଅ ମାସ ମଧ୍ୟରେ ବଢ଼ିଯାଇଛି । ସ୍ମାର୍ଟଫୋନ୍ ନିର୍ମାତାମାନେ ଏହି ଅତିରିକ୍ତ ଖର୍ଚ୍ଚର ବୋଝକୁ ନିଜ ଉପରେ ନ ରଖି ଗ୍ରାହକଙ୍କ ଉପରେ ଲଦିବାକୁ ବାଧ୍ୟ ହେଉଛନ୍ତି । ଫଳସ୍ୱରୂପ, ବଜେଟ୍ ଫୋନ୍‌ର ଦାମ୍ ବୃଦ୍ଧି ପାଉଛି ଏବଂ କମ୍ପାନୀମାନେ ନିଜର ଲାଭାଂଶ ବଜାୟ ରଖିବା ପାଇଁ ମିଡ୍-ରେଞ୍ଜ୍ ଏବଂ ପ୍ରିମିୟମ୍ ସ୍ମାର୍ଟଫୋନ୍ ଉପରେ ଅଧିକ ଧ୍ୟାନ ଦେଉଛନ୍ତି । ସେମାନଙ୍କର ଲକ୍ଷ୍ୟ ହେଉଛି ଫୋନ୍‌ର ସଂଖ୍ୟା ବଢ଼ାଇବା ପରିବର୍ତ୍ତେ ଗୋଟିଏ ଫୋନ୍‌ରୁ ଅଧିକ ମୂଲ୍ୟ ବା ଲାଭ ଆଦାୟ କରିବା । ଏହି ରଣନୀତି ବଜେଟ୍ ଫୋନ୍ ବଜାର ପାଇଁ ଏକ ମୃତ୍ୟୁଘଣ୍ଟା ସଦୃଶ ହୋଇଛି, କାରଣ କମ୍ପାନୀମାନେ ଏବେ ଶସ୍ତା ଫୋନ୍ ତିଆରି କରିବାକୁ ଆଗ୍ରହ ଦେଖାଉନାହାନ୍ତି।

ଏହି ସଙ୍କଟର ଅର୍ଥନୈତିକ ଦିଗକୁ ବିଶ୍ଳେଷଣ କଲେ ସ୍ଥିତିର ଭୟାବହତା ଅଧିକ ସ୍ପଷ୍ଟ ହୁଏ । କାଉଣ୍ଟରପଏଣ୍ଟ (Counterpoint) ର ଗବେଷଣା ନିର୍ଦ୍ଦେଶକ ତରୁଣ ପାଠକଙ୍କ ମତରେ, ବର୍ତ୍ତମାନ ସମୟରେ ଏକ ୧୦ ହଜାର ଟଙ୍କିଆ ଫୋନ୍ ତିଆରି କରିବାକୁ ହେଲେ କେବଳ ମେମୋରୀ ପାଇଁ ୪,୦୦୦ ରୁ ୪,୫୦୦ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି । ଏହା ପରେ ଫୋନ୍‌ର ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଅଂଶ ଯେପରିକି ଡିସ୍‌ପ୍ଲେ, ପ୍ରୋସେସର୍ ବା ଏସ୍‌ଓସି (SoC), କ୍ୟାମେରା ଏବଂ ବ୍ୟାଟେରୀ ପାଇଁ ଖର୍ଚ୍ଚର ହିସାବ କରିବାକୁ ହୁଏ । ଏସବୁ ପରେ କମ୍ପାନୀର ଲାଭାଂଶ ପାଇଁ କୌଣସି ସ୍ଥାନ ବଳୁନାହିଁ, ଯାହାକି ବ୍ୟବସାୟିକ ଦୃଷ୍ଟିକୋଣରୁ ସମ୍ପୂର୍ଣ୍ଣ ଅସମ୍ଭବ ମନେହେଉଛି । ତେଣୁ ଏହା କହିବା ଭୁଲ୍ ହେବ ନାହିଁ ଯେ, ଯଦି କୌଣସି କମ୍ପାନୀ କ୍ଷତି ସହି ଫୋନ୍ ନ ବିକେ କିମ୍ବା ନିଜର ବ୍ୟବସାୟିକ ମଡେଲ୍ ପରିବର୍ତ୍ତନ ନ କରେ, ତେବେ ୧୦ ହଜାର ଟଙ୍କାରୁ କମ୍ ଦାମ୍‌ର ଫୋନ୍ ଶ୍ରେଣୀ ସମ୍ପୂର୍ଣ୍ଣ ରୂପେ ଲୋପ ପାଇଯିବ । ଆଗାମୀ ୧୮ ମାସ ପର୍ଯ୍ୟନ୍ତ ଏହି ବର୍ଗ ଉପରେ ପ୍ରବଳ ଚାପ ରହିବ ବୋଲି ସେ ଆକଳନ କରିଛନ୍ତି । ଏହି ଶୂନ୍ୟସ୍ଥାନକୁ ପୂରଣ କରିବା ପାଇଁ କିଛି ପୁରୁଣା ମଡେଲ୍‌ର ଫୋନ୍ କିମ୍ବା ସେକେଣ୍ଡ ହ୍ୟାଣ୍ଡ୍ ଫୋନ୍ ୧୦ ହଜାର ଟଙ୍କା ତଳକୁ ବିକ୍ରି ହୋଇପାରେ, କିନ୍ତୁ ନୂତନ ଜ୍ଞାନକୌଶଳ ସମ୍ପନ୍ନ ଫୋନ୍ ମିଳିବା କଷ୍ଟକର ହୋଇପଡ଼ିବ।

ବଜାରର ତଥ୍ୟ ଉପରେ ନଜର ପକାଇଲେ ଜଣାପଡ଼େ ଯେ ଏହି ହ୍ରାସ କେବଳ ଏକ ଆଶଙ୍କା ନୁହେଁ, ବରଂ ଏକ କଠୋର ବାସ୍ତବତା । ୨୦୨୫ ମସିହାର ଦ୍ୱିତୀୟ ତ୍ରୈମାସିକରେ ୧୦ ହଜାର ଟଙ୍କାରୁ କମ୍ ଦାମ୍‌ର ସ୍ମାର୍ଟଫୋନ୍‌ର ବଜାର ଅଂଶ ୧୯ ପ୍ରତିଶତ ଥିବାବେଳେ ୨୦୨୬ ମସିହାର ଦ୍ୱିତୀୟ ତ୍ରୈମାସିକ ସୁଦ୍ଧା ତାହା ଖସିଆସି ମାତ୍ର ୪ ପ୍ରତିଶତରେ ପହଞ୍ଚିଛି। ଏହି ସମୟ ମଧ୍ୟରେ ଏହି ବର୍ଗର ଫୋନ୍ ବିକ୍ରିରେ ୮୧ ପ୍ରତିଶତର ବୃହତ୍ ହ୍ରାସ ଘଟିଛି । କେବଳ ସେତିକି ନୁହେଁ, ୧୦ ହଜାରରୁ ୨୦ ହଜାର ଟଙ୍କା ମଧ୍ୟରେ ଥିବା ସ୍ମାର୍ଟଫୋନ୍ ଶ୍ରେଣୀରେ ମଧ୍ୟ ୭ ପ୍ରତିଶତ ହ୍ରାସ ଦେଖିବାକୁ ମିଳିଛି, କାରଣ ମୂଲ୍ୟବୃଦ୍ଧି ଯୋଗୁଁ ଅନେକ ଫୋନ୍‌ର ଦାମ୍ ୨୦ ହଜାର ଟଙ୍କାରୁ ଅଧିକ ହୋଇଯାଇଛି । ଏହା ସୁଲଭ ମୂଲ୍ୟର ସ୍ମାର୍ଟଫୋନ୍ ବଜାରର ରୂପରେଖକୁ ଧୀରେ ଧୀରେ ବଦଳାଇ ଦେଉଛି । ଗ୍ରାହକମାନେ ଏବେ ବାଧ୍ୟ ହୋଇ ନିଜର ବଜେଟ୍ ବଢ଼ାଉଛନ୍ତି କିମ୍ବା କମ୍ ଫିଚର୍ ଥିବା ଫୋନ୍ କିଣିବାକୁ ବାଧ୍ୟ ହେଉଛନ୍ତି । ଆଇଡିସି ଇଣ୍ଡିଆର ସିନିୟର ରିସର୍ଚ୍ଚ ମ୍ୟାନେଜର ଉପାସନା ଯୋଶୀଙ୍କ ମତରେ, ୧୦ ହଜାର ଟଙ୍କାରୁ କମ୍ ଦାମ୍‌ର ସ୍ମାର୍ଟଫୋନ୍ ଶ୍ରେଣୀ କେବଳ ଚାପରେ ନାହିଁ, ବରଂ ଏହା ଆଖି ଆଗରେ ଉଭାନ ହୋଇଯାଉଛି । ବ୍ରାଣ୍ଡଗୁଡ଼ିକ ମେମୋରୀ ଚିପ୍‌ର ମୂଲ୍ୟବୃଦ୍ଧିକୁ ନିଜେ ସହିବା ପରିବର୍ତ୍ତେ ନୂଆ ମଡେଲ୍ ଲଞ୍ଚ୍ କରିବା କମାଇ ଦେଇଛନ୍ତି ଏବଂ ବଜାରକୁ ଯୋଗାଣ ମଧ୍ୟ ବନ୍ଦ କରିଦେଇଛନ୍ତି । ଏହା ଫଳରେ ସମଗ୍ର ଭାରତୀୟ ସ୍ମାର୍ଟଫୋନ୍ ବଜାରରେ ମୋଟ ସିପମେଣ୍ଟ୍ ବା ଯୋଗାଣ ମଧ୍ୟ ୧୧.୧ ପ୍ରତିଶତ ହ୍ରାସ ପାଇଛି ।

ଏହି ସଙ୍କଟ ସମୟରେ କମ୍ପାନୀମାନେ ଏକ ବିକଳ୍ପ ପନ୍ଥା ଆପଣାଉଛନ୍ତି । ସେମାନେ ୪ଜି (୪ଏ) ଫୋନ୍‌ଗୁଡ଼ିକୁ ପୁଣିଥରେ ବଜାରକୁ ଛାଡୁଛନ୍ତି । ଯେତେବେଳେ ଗ୍ରାହକମାନେ ଉନ୍ନତ ସେଲୁଲାର୍ କନେକ୍ଟିଭିଟି ଏବଂ ଜେନେରେଟିଭ୍ ଏଆଇ (Generative AI) ଫିଚର୍ ଥିବା ଫୋନ୍ ଆଡ଼କୁ ଆକର୍ଷିତ ହେଉଛନ୍ତି, ସେତେବେଳେ ବଜେଟ୍ ଫୋନ୍ ଅଭାବରୁ ୪ଜି ଫୋନ୍‌ର ଚାହିଦା ବଢ଼ିଛି । ଅନେକ ବ୍ରାଣ୍ଡ୍ ନିଜର ସ୍ଥିତି ବଜାୟ ରଖିବା ପାଇଁ ୪ଜି ମଡେଲ୍‌ଗୁଡ଼ିକୁ ଏକ ଅସ୍ଥାୟୀ ସମାଧାନ ଭାବରେ ବ୍ୟବହାର କରୁଛନ୍ତି, ଯାହା ଫଳରେ ଚଳିତ ତ୍ରୈମାସିକରେ ୪ଜି ଫୋନ୍‌ର ବଜାର ଅଂଶ ୧୧.୧ ପ୍ରତିଶତକୁ ବୃଦ୍ଧି ପାଇଛି । କିନ୍ତୁ ବିଶେଷଜ୍ଞଙ୍କ ମତରେ ଏହା କୌଣସି ସ୍ଥାୟୀ ସମାଧାନ ନୁହେଁ । ଥରେ ପୁରୁଣା ଷ୍ଟକ୍ ସରିଗଲେ, ଏତେ କମ୍ ଦାମ୍‌ରେ ଫୋନ୍ ଯୋଗାଇଦେବା କମ୍ପାନୀମାନଙ୍କ ପାଇଁ ଅସମ୍ଭବ ହୋଇପଡ଼ିବ । ଏହାର ସିଧାସଳଖ ପ୍ରଭାବ ଗ୍ରାହକଙ୍କ ଉପରେ ପଡୁଛି । ଯେଉଁ ଗ୍ରାହକମାନେ ୧୦ ହଜାର ଟଙ୍କାରୁ କମ୍ ଦାମ୍‌ରେ ଏକ ନୂଆ ଫୋନ୍ କିଣିବାକୁ ଚାହୁଁଥିଲେ, ସେମାନେ ଏବେ ନିଜର ପୁରୁଣା ଫୋନ୍‌କୁ ଅଧିକ ଦିନ ବ୍ୟବହାର କରିବାକୁ ବାଧ୍ୟ ହେଉଛନ୍ତି କିମ୍ବା ସେକେଣ୍ଡ ହ୍ୟାଣ୍ଡ୍ ଏବଂ ରିଫର୍ବିସ୍ଡ (Refurbished) ଫୋନ୍ ଆଡ଼କୁ ମୁହାଁଉଛନ୍ତି । ମେମୋରୀ ଚିପ୍‌ର ଦାମ୍ କମିଲେ ଯାଇ ଏହି ଶ୍ରେଣୀ ପୁଣିଥରେ ସଜୀବ ହୋଇପାରିବ, କିନ୍ତୁ ୨୦୨୬ ମସିହା ଶେଷ ସୁଦ୍ଧା ଏପରି କିଛି ହେବାର ସମ୍ଭାବନା ଖୁବ୍ କ୍ଷୀଣ।

ଏହି ପରିସ୍ଥିତିରେ ରିଫର୍ବିସ୍ଡ ବା ନବୀକୃତ ଫୋନ୍ ବଜାର ଏକ ବଡ଼ ବିକଳ୍ପ ଭାବରେ ଉଭା ହୋଇଛି । ଯେଉଁମାନେ ନିଜ ପକେଟ୍ ଉପରେ ଅଧିକ ଚାପ ନ ପକାଇ ଏକ ଭଲ ସ୍ମାର୍ଟଫୋନ୍ କିଣିବାକୁ ଚାହୁଁଛନ୍ତି, ସେମାନେ ଏବେ ରିଫର୍ବିସ୍ଡ ବଜାର ଉପରେ ନିର୍ଭର କରୁଛନ୍ତି । ପୂର୍ବରୁ ଏହି ବଜାର ଅସଂଗଠିତ ଥିଲା, କିନ୍ତୁ ଏବେ ଏହା ଗ୍ରାହକଙ୍କୁ ବିନା ଅଧିକ ମୂଲ୍ୟରେ ଉନ୍ନତ ଫୋନ୍ ବ୍ୟବହାର କରିବାର ସୁଯୋଗ ଦେଉଛି । କ୍ୟାସିଫାଏ (Cashify) ର ସହ-ପ୍ରତିଷ୍ଠାତା ନକୁଳ କୁମାରଙ୍କ ଅନୁଯାୟୀ, ବଜେଟ୍ ପ୍ରତି ସଚେତନ ଥିବା ଗ୍ରାହକଙ୍କ ପାଇଁ ରିଫର୍ବିସ୍ଡ ସ୍ମାର୍ଟଫୋନ୍ ଏବେ ଏକ ପ୍ରମୁଖ ପସନ୍ଦ ପାଲଟିଛି । ନୂଆ ଫୋନ୍‌ର ଦାମ୍ ବଢୁଥିବାରୁ, ପୂର୍ବରୁ ଯେଉଁ ବଜେଟ୍‌ରେ ଏକ ଉନ୍ନତ ଫିଚର୍ ଥିବା ଫୋନ୍ ମିଳୁଥିଲା, ଏବେ ସେହି ବଜେଟ୍‌ରେ କେବଳ ଏକ ସାଧାରଣ ଏଣ୍ଟ୍ରି-ଲେଭେଲ୍ ଫୋନ୍ ମିଳୁଛି । କିନ୍ତୁ ରିଫର୍ବିସ୍ଡ ଫୋନ୍ ଜରିଆରେ ଗ୍ରାହକମାନେ ସମାନ ଦାମ୍‌ରେ ଉନ୍ନତ ଚିପ୍‌ସେଟ୍, ଭଲ କ୍ୟାମେରା ଏବଂ ୫ଜି (୫ଏ) ପ୍ରଦର୍ଶନ ଥିବା ପ୍ରିମିୟମ୍ ଫୋନ୍ ପାଇପାରୁଛନ୍ତି । କମ୍ପାନୀମାନେ ଏବେ ମାନକ ଗୁଣବତ୍ତା ଯାଞ୍ଚ, ସ୍ୱଚ୍ଛ ଗ୍ରେଡିଂ, ୱାରେଣ୍ଟି ଏବଂ ରିଟର୍ଣ୍ଣ ପଲିସି ପ୍ରଦାନ କରୁଥିବାରୁ ଗ୍ରାହକଙ୍କ ବିଶ୍ୱାସ ଏହି ବଜାର ପ୍ରତି ବୃଦ୍ଧି ପାଇଛି । ଏହାଦ୍ୱାରା ଲୋକମାନେ ନୂଆ ବଜେଟ୍ ଫୋନ୍ କିଣିବା ପରିବର୍ତ୍ତେ ଏକ ପୁରୁଣା ପ୍ରିମିୟମ୍ ଫୋନ୍ କିଣିବାକୁ ଶ୍ରେୟସ୍କର ମଣୁଛନ୍ତି ।

ଭବିଷ୍ୟତ ଆଡ଼କୁ ଦୃଷ୍ଟି ପକାଇଲେ ବଜେଟ୍ ସ୍ମାର୍ଟଫୋନ୍ ବଜାରର ସ୍ଥିତି ଅତ୍ୟନ୍ତ ନୈରାଶ୍ୟଜନକ ମନେହୁଏ । ବର୍ତ୍ତମାନ ସମୟରେ ଏହି ଶ୍ରେଣୀ ସବୁଠାରୁ ଅଧିକ ପ୍ରଭାବିତ ହୋଇଛି ଏବଂ ନିକଟ ଭବିଷ୍ୟତରେ ଏହାର ପ୍ରଭାବ ଜାରି ରହିବ । ଯେହେତୁ ବଜାର ଧୀରେ ଧୀରେ ମିଡ୍ ଏବଂ ପ୍ରିମିୟମ୍ ସେଗମେଣ୍ଟ୍ ଆଡ଼କୁ ଗତି କରୁଛି, ବଜେଟ୍ ବର୍ଗରେ ଗ୍ରାହକଙ୍କ ପାଇଁ ଖୁବ୍ କମ୍ ବିକଳ୍ପ ରହିବ । ଯଦି ସ୍ମାର୍ଟଫୋନ୍‌ର ଦାମ୍ ଏହିପରି ବଢ଼ିଚାଲେ ଏବଂ ବଜେଟ୍ ଫୋନ୍‌ର ଲଞ୍ଚ୍ ବନ୍ଦ ହୋଇଯାଏ, ତେବେ ଚାହିଦା ପୂରଣ କରିବା ପାଇଁ ବଜାରରେ କେବଳ ୪ଜି ଫୋନ୍‌ର ପ୍ରାଦୁର୍ଭାବ ଦେଖିବାକୁ ମିଳିବ । ଫଳସ୍ୱରୂପ, ୫ଜି ଏବଂ ଏଆଇ ଫିଚର୍ ଥିବା ଫୋନ୍‌ଗୁଡ଼ିକ କେବଳ ଧନୀ ଶ୍ରେଣୀର ଲୋକଙ୍କ ପାଇଁ ସୀମିତ ରହିବ ଏବଂ ସାଧାରଣ ଲୋକଙ୍କ ପାଇଁ ଏହା ଅପହଞ୍ଚ ହୋଇଯିବ । ଭାରତୀୟ ଗ୍ରାହକଙ୍କ ସାମ୍ନାରେ ଏବେ ମୁଖ୍ୟତଃ ଦୁଇଟି ରାସ୍ତା ଖୋଲା ଅଛି: ହୁଏତ ନିଜର ପୁରୁଣା ଫୋନ୍‌କୁ ଅଧିକ ଦିନ ଧରି ବ୍ୟବହାର କରିବା କିମ୍ବା ଏକ ରିଫର୍ବିସ୍ଡ ଫୋନ୍ କିଣିବା । କିନ୍ତୁ ଏହି ସ୍ତରରେ ଗ୍ରାହକଙ୍କ ପାଇଁ ଫାଇନାନ୍ସିଂ ବା କିସ୍ତିରେ ଫୋନ୍ କିଣିବାର ସୁବିଧା ଖୁବ୍ କମ୍ ରହିଛି, ଯାହା ସମସ୍ୟାକୁ ଆହୁରି ଜଟିଳ କରୁଛି । ଯେପର୍ଯ୍ୟନ୍ତ ଚିପ୍‌ସେଟ୍ ଏବଂ ମେମୋରୀର ଦାମ୍ ଆକାଶଛୁଆଁ ରହିବ ଏବଂ ଫୋନ୍ ନିର୍ମାତାଙ୍କ ଲାଭାଂଶ କମି କମି ଯାଉଥିବ, ସେପର୍ଯ୍ୟନ୍ତ ୧୦ ହଜାର ଟଙ୍କାରୁ କମ୍ ଦାମ୍‌ର ସ୍ମାର୍ଟଫୋନ୍ ବଜାର ଧୀରେ ଧୀରେ ବିଲୁପ୍ତି ଆଡ଼କୁ ଅଗ୍ରସର ହେଉଥିବ ।

# ଅନବସର, ଗୁପ୍ତ ସେବା



ଡକ୍ଟର ତପନ କୁମାର



ମହାପ୍ରଭୁ ଜଗନ୍ନାଥଙ୍କର ବିଭିନ୍ନ ଲୀଳା ମଧ୍ୟରୁ ଅନବସର ଲୀଳାଟି ଅନ୍ୟତମ। ଶବ୍ଦଟିର ବ୍ୟାକରଣଗତ ଅର୍ଥ ଦୃଷ୍ଟିରୁ ଜଣାଯାଏ ନ ଅବସର ଅନବସର। କାଳକ୍ରମେ ଏହା ଅଣସର ରୂପେ କଥିତ। ଏହି ଲୀଳାଟି ତିନିଗୋଟି ଦୃଷ୍ଟିକୋଣରୁ ବିଚାର୍ଯ୍ୟ। ପ୍ରଥମତଃ ଭକ୍ତବାତ୍ସଲ୍ୟ ଲୀଳାର ଅଭାବନୀୟ ନିଦର୍ଶନ। ନୀଳମାଧବ ଯେଉଁ ପଦ୍ମକଳ୍ପରେ ପ୍ରକଟିତ ହେଲେ, ସେତେବେଳେ ବିଶ୍ୱାବସୁ ସ୍ୱର୍ଗୀୟ ଦେବତାମାନଙ୍କ ଆରାଧନା ପରେ ପ୍ରତିଦିନ ପ୍ରଭୁଙ୍କ ସେବା ସୌଭାଗ୍ୟ ଲାଭ କରୁଥିଲେ। ଏହା ସ୍କନ୍ଦ ପୁରାଣ ବର୍ଣ୍ଣିତ। ଶ୍ରୀ ନୀଳମାଧବ ଅନ୍ତର୍ହିତ ହେବା ପରେ, ରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ଜଗନ୍ନାଥ ରୂପରେ ପ୍ରଭୁ ରାଜାଙ୍କୁ ବରଦେବା କାଳରେ ଶ୍ରୀମୁଖରେ ଆଦେଶ କରିଛନ୍ତି ଯେ ମୋର ସେବକ ବିଶ୍ୱାବସୁ ଶବରବଂଶ ଜାତ ବ୍ୟକ୍ତିମାନଙ୍କୁ ମୋ ସେବାରେ ନିଯୁକ୍ତ କରିବ। ଏଣୁ ପହଣ୍ଡି ବିଜେ ସମୟରେ ବିଶ୍ୱାବସୁଙ୍କ ବଂଶଧର ଦଇତାପତିମାନେ ପ୍ରଭୁଙ୍କୁ ପହଣ୍ଡି କରାଇ ରଥ ଉପରକୁ ଆଣନ୍ତି ଓ ନିଅନ୍ତି। ଏହା ମଧ୍ୟ ଏକ ସେବା ସୁଯୋଗ। ସ୍ନାନପୂର୍ଣ୍ଣିମା ଠାରୁ ନବଯୌବନ ଦର୍ଶନ ପର୍ଯ୍ୟନ୍ତ ପନ୍ଦର ଦିନ ବ୍ୟାପୀ ଦଇତାପତିମାନେ ବଡ଼ ପ୍ରେମଭକ୍ତିର ସହିତ ଶ୍ରୀଜୀଉଙ୍କୁ ସେବା କରିଥାନ୍ତି। କେହି କେହି କହନ୍ତି, ତାଙ୍କର ଏହା ଗୁପ୍ତ ସେବା।

ଦେବସ୍ନାନ ପୂର୍ଣ୍ଣିମାରେ ୧୦୮ଗରା ଜଳରେ ସ୍ନାନ ପରେ ଶ୍ରୀଜୀଉ ଜ୍ୱରରେ ପୀଡ଼ିତ ହୋଇଥିବାବେଳେ ଅଣସର ପିଣ୍ଡିରେ ଉପଚାର ଆରମ୍ଭ ହୋଇଛଇ। ପ୍ରତିବର୍ଷ ଅଣସର ନୀତି ସ୍ନାନ ଯାତ୍ରା ପରେ ଅନୁଷ୍ଠିତ ହୋଇଥାଏ। ସେଥିପାଇଁ ପନ୍ଦର ଦିନ ଅଣସର ଘରେ ଅଛନ୍ତି ତିନି ଠାକୁରଙ୍କ ଅଙ୍ଗଲାଗି ସେବକ, ଦଇତାପତି ସେବାୟତମାନେ ଠାକୁରଙ୍କ ସୁସ୍ଥତା ପାଇଁ ବିଭିନ୍ନ ଉପଚାର ଆରମ୍ଭ କରିଛନ୍ତି। ଏହି ସମୟରେ ମହାପ୍ରଭୁ ଭକ୍ତମାନଙ୍କୁ ଦର୍ଶନ ଦେଉନଥିବାରୁ ପଟି ଦିଅଁ ପୂଜା ପାଉଛନ୍ତି।

ଦେବସ୍ନାନ ପୂର୍ଣ୍ଣିମା ପରଦିନ ଠାରୁ ନେତ୍ରୋତ୍ସବ ପର୍ଯ୍ୟନ୍ତ ରତ୍ନସିଂହାସନରେ ତିନିଠାକୁର ଭକ୍ତମାନଙ୍କୁ ଦର୍ଶନ ଦେଇ ନଥାନ୍ତି। ଏହି କାଳକୁ ଅଣସର ବା ଅନବସର କୁହାଯାଏ। ଏହି ସମୟରେ ତିନି ଠାକୁରଙ୍କର ଦଇତାପତି ସେବକ ପନ୍ଦର ଦିନ ପର୍ଯ୍ୟନ୍ତ ଗୁପ୍ତ ସେବା ବା ଉପଚାର କରନ୍ତି। ଠାକୁର ଅସୁସ୍ଥ ଥିବାରୁ ଅଣସର ପଣା ସମର୍ପଣ କରାଯାଇଥାଏ। ଶ୍ରୀଜଗନ୍ନାଥଙ୍କ ଅଣସର ଦୁଇ ପ୍ରକାର ପାଳିତ ହୁଏ। ଗୋଟିଏ ସାଧାରଣ ଅଣସର ଏବଂ ଅନ୍ୟଟି ମହାଅଣସର। ସାଧାରଣ ଅଣସର ପନ୍ଦର ଦିନ ପାଳିତ ହୁଏ। ମହାଅଣସର ପଇଁଚାଳିଶ ଦିନ ପାଇଁ ନବକଳେବର ସମୟରେ ପାଳନ କରାଯାଏ। ପନ୍ଦର ଦିନ ଅଣସରରେ ଶ୍ରୀମନ୍ଦିରରେ ପଟି ଦିଅଁ ପୂଜା ପାଆନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସ୍ଥାନରେ ଶ୍ରୀନାରାୟଣ, ଦେବୀ ସୁଭଦ୍ରାଙ୍କ ସ୍ଥାନରେ ମା'ଭୁବନେଶ୍ୱରୀ, ବଡ଼ଠାକୁରଙ୍କ ସ୍ଥାନରେ ଅନନ୍ତ ବାସୁଦେବ ପଟଦିଅଁ ପୂଜା ପାଇଥାନ୍ତି। ଯେଉଁ ନୀତି ବିଗ୍ରହ ମାନଙ୍କ ପାଖରେ ନିତିଦିନ କରାଯାଏ, ସେ ସବୁ ଏହି ସମୟରେ ପଟି ଦିଅଁଙ୍କ ଠାରେ ଅନୁଷ୍ଠିତ ହୋଇଥାଏ। ପଟିଦିଅଁଙ୍କ ସହ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଦୋଳଗୋବିନ୍ଦ, ମଦନମୋହନ, ଲକ୍ଷ୍ମୀ, ସରସ୍ୱତୀ, ରାମକୃଷ୍ଣ, ନୃସିଂହ ଭଗବାନଙ୍କୁ ପୂଜା କରାଯାଏ। କଥିତ ଅଛି, ମହାପ୍ରଭୁଙ୍କ ଅଣସର ସମୟରେ ଶ୍ରୀମନ୍ଦର ଭିତରେ କୌଣସି ଘଣ୍ଟ ଅବା ଗୀତ ବୋଲା ଯାଏନାହିଁ। ମନ୍ଦିର ଶୂନଶାନ ରହିବା ସହ ପନ୍ଦରଦିନ ପର୍ଯ୍ୟାୟକ୍ରମେ ଗୁପ୍ତ ନୀତି ପାଳନ କରାଯାଏ। ଅଣସର ପିଣ୍ଡିରେ ମହାପ୍ରଭୁଙ୍କ ବିଜେ ପରେ ଓଦା ଲୁଗା ଉଲାଗି ସହ ପରମ୍ପରା ଅନୁଯାୟୀ ବିଶେଷ ଦିନରେ ଫୁଲୁରି ତେଲ, ଓଷୁଅ ଲାଗି, ଚକାବିଜେ, ଚନ୍ଦନଲାଗି ଓ ଘଣା ଲାଗି ନୀତି ହୋଇଥାଏ।

+ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ କଲୋନୀ, ଦେଉଳ ସାହି, ତୁଳସୀପୁର, କଟକ,
ମୋ : ୯୯୩୭୬୫୮୩୬୨

# ଗଡ଼ଗଡ଼ିଆ ଘାଟ



ବିକ୍ରମ ମହାପାତ୍ର



ମହାନଦୀର କୂଳରେ ଗଡ଼ଗଡ଼ିଆ ଘାଟ। ଏହି ଘାଟକୁ ଛୁଇଁଛି ମହାନଦୀ ରିଂ ରୋଡ଼। ଏମିତିରେ ଦେଖିଲେ ପୃଥିବୀର ଯେଉଁ ଯେଉଁ ଦେଶ ଭ୍ରମଣ କରିବାର ସୁଯୋଗ ପାଇଛି ଅନେକ କ୍ଷେତ୍ରରେ ଅନେକ ସହର ନଦୀ, ଉପତ୍ୟକାକୁ ସମୃଦ୍ଧ କରିଛି। ଉଦାହରଣ ବଶତଃ ଟାଇଗ୍ରୀସ, ୟୁଫ୍ରେଟିସ ନଦୀ କୂଳରେ ମେସୋପୋଟାମିଆ ସଭ୍ୟତା, ନୀଳନଦୀ କୂଳରେ ମିଶର ସଭ୍ୟତା, ଟେମସ୍ ନଦୀ କୂଳରେ ଲଣ୍ଡନ, ଟାଇବର ନଦୀ କୂଳରେ ରୋମ ଆମ ଭାରତ କଥା ଦେଖିଲେ ଗଙ୍ଗାନଦୀ କୂଳରେ ବାରଣାସୀ ଠାରୁ କୋଲକାତା ଓ ପାଟଣା ସହର ସମୃଦ୍ଧ ଓ ବିତ୍ତଶାଳୀ ମଧ୍ୟ। ମାଦଳା ପାଞ୍ଜି ତଥା ବିଭିନ୍ନ କିମ୍ବଦନ୍ତୀ ତଥା ଜନକଥାକୁ ଦେଖିଲେ ୯୮୯ ଖ୍ରୀଷ୍ଟାବ୍ଦରେ କଟକ ନଗରକୁ ସୋମବଂଶୀ ନୃପକେଶରୀ ଗଢ଼ିଥିଲେ। ପରବର୍ତ୍ତୀ ସମୟରେ ସହରକୁ ବନ୍ୟା ବିପର୍ଯ୍ୟୟରୁ ବଞ୍ଚାଇବା ପାଇଁ ମର୍କତକେଶରୀ ୧୦୦୬ ଖ୍ରୀଷ୍ଟାବ୍ଦରେ କେବଳ କାଠଯୋଡ଼ି ପଥର ବନ୍ଧ ନୁହେଁ ବରଂ ମହାନଦୀର କୂଳରେ ଅନେକ ନଦୀଘାଟ ସ୍ଥାପନ କରିଥିଲେ। ଅନଙ୍ଗଭୀମ ଦେବ ୧୨୦୯ ଖ୍ରୀଷ୍ଟାବ୍ଦରେ ଇତିହାସ ପ୍ରସିଦ୍ଧ ବାରବାଟୀ ଦୁର୍ଗ ସ୍ଥାପନ କରିଥିଲେ।


ମହାନଦୀର ଶାଖା ନଦୀ କାଠଯୋଡ଼ିର କୂଳରେ ଚହଟାଘାଟ, ଗଣେଶଘାଟ, ଦେବୀଗଡ଼ା, ପୁରୀଘାଟ, ଖାନନଗର ଘାଟ ନିର୍ମାଣ ହୋଇଛି। ସେହିପରି ଅପରପଟକୁ ଦେଖିଲେ ମହାନଦୀର କୂଳେ କୂଳେ ଚହଟା, ମାତାମଠ, ଯୋବ୍ରାଘାଟ ଓ ଫାଶୀ ଦିଆବର ଘାଟ ସବୁ ରହିଛି। ଏକଦା କାଠଯୋଡିରେ ବ୍ରିଜ ତିଆରି ହୋଇନଥିବାରୁ ଫ୍ୟାରେଦ ରୋଡ଼ରେ ଲୋକ ଯିବା ଆସିବା କରୁଥିଲେ। ଏକଦା ଆଜି ଯେଉଁଠି ଗଡ଼ଗଡ଼ିଆ ଘାଟ ରହିଛି ଏହି ଅଞ୍ଚଳଟି ଘଞ୍ଚ ଜଙ୍ଗଲ ଓ ଶ୍ୱାପଦ ଶଙ୍କୁଳ ଥିଲା। ଏହି ଗଡ଼ଗଡ଼ିଆ ଘାଟରୁ ହିଁ ଘାଟ ଡଙ୍ଗା ଦ୍ୱାରା ବିଦେଶରୁ ଅନେକ ଜିନିଷ କଟକକୁ ଓ କଟକ ସହରରୁ ପାରାଦ୍ୱୀପକୁ ବାଣିଜ୍ୟ କାରବାର ହେଉଥିଲା। ବର୍ତ୍ତମାନର କାଳର କରାଳ ଗର୍ଭରେ ଓ ନଦୀର ପ୍ରାକୃତିକ ବିପର୍ଯ୍ୟୟ ଫଳରେ ଏହି ଘାଟଟି କେବଳ ସ୍ମୃତିର ସ୍ମାରକୀ ହୋଇରହିଛି। ଉତ୍କଳ ନୌବାଣିଜ୍ୟର ପ୍ରସିଦ୍ଧ ଘାଟଟି ଏହା ହିଁ ଥିଲା। ତେବେ ଏହାର ନାମ ଗଡ଼ଗଡ଼ିଆ ହୋଇଥିବା ସମ୍ପର୍କରେ ଅନେକ ଭିନ୍ନ ଭିନ୍ନ କାହାଣୀ ସବୁ ଶୁଣାଯାଏ। କେହି କେହି କୁହନ୍ତି ୧୫୧୦ ଖ୍ରୀଷ୍ଟାବ୍ଦରେ ଶ୍ରୀଚୈତନ୍ୟ ନଦୀବନ୍ଧରୁ ଗଡ଼ି ଗଡ଼ି ଏହି କ୍ଷେତ୍ରରେ ପହଞ୍ଚିଥିଲେ। ଅନ୍ୟ ଏକ ତଥ୍ୟ ମୁତାବକ ଶ୍ରୀଚୈତନ୍ୟ ୧୫୧୦ ଖ୍ରୀଷ୍ଟାବ୍ଦରେ କୁମାର ପୂର୍ଣ୍ଣିମା ଦିନ ଗଡ଼ଗଡ଼ିଆ ଘାଟରେ ପଦାର୍ପଣ କରିଥିଲେ। ଅନ୍ୟ କେତେକ କିମ୍ବଦନ୍ତୀର ତଥ୍ୟ ଅନୁଯାୟୀ ରାଜା ପ୍ରତାପରୁଦ୍ର ଦେବ ବାରବାଟୀ ଦୁର୍ଗରେ ରହୁଥିବା ସମୟରେ ଦୁର୍ଗ ବା ଗଡ଼ର ରକ୍ଷା ନିମିତ୍ତ ଗଡ଼ଗଡ଼େଶ୍ୱରଙ୍କୁ ସ୍ଥାପନ କରିଥିଲେ। ସେ ହେଉଛନ୍ତି ଗଡ଼ଗଡ଼େଶ୍ୱର ମହାଦେବ। ଅଚ୍ୟୁତାନନ୍ଦ ଉଲ୍ଲେଖ କରିଛନ୍ତି - 'ଗଡ଼ଗଡ଼ିଆ ମହାଦେବ ସେ ଦିନ ବାହାର ହୋଇବ। ବୁଲି ଦେଖ ଗଡ଼ଗଡ଼ିଆ ବେଢ଼ା, ଦେଉଳ ଉପରେ ଦେଉଳ ଗଢ଼ା।'

ଗଡ଼ଗଡ଼ିଆ ସହିତ ଅନ୍ୟ ଏକ ସମ୍ପର୍କ ହେଉଛି ବାଲିଯାତ୍ରା। ପବିତ୍ର କାର୍ତ୍ତିକ ପୂର୍ଣ୍ଣମୀ ଦିନ ମହାନଦୀ କୂଳରେ ଗଡ଼ଗଡ଼େଶ୍ୱର ମହାଦେବଙ୍କ ଆସ୍ଥାନ ସ୍ଥଳୀ ସାମ୍ନାରେ ବାଲିଯାତ୍ରା ଅନୁଷ୍ଠିତ ହୋଇ ଆସୁଛି। ଦିନ ଥିଲା ଉତ୍କଳର ସାଧବ ପୁଅ ନୌବାଣିଜ୍ୟରେ ଜାଭା ଠାରୁ ବାର୍ଲି, ସିଂହଳ ଠାରୁ ବ୍ରହ୍ମଦେଶ, ସୁମାତ୍ରା ଠାରୁ କାମ୍ବୋଡ଼ିଆ ପର୍ଯ୍ୟନ୍ତ ନିଜ ବେପାର ବାଣିଜ୍ୟ କରୁଥିଲେ। ଗଡ଼ଗଡ଼ିଆଘାଟ ଠାରେ ଅନୁଷ୍ଠିତ ହେଉଥିବା ବାଲିଯାତ୍ରା ପ୍ରାଚୀନ ଉତ୍କଳୀୟ ଚେତନାକୁ ଜାଗରିତ ଓ ସ୍ମରଣୀୟ କରିଥାଏ। ଅତୀତ ଗୌରବକୁ ସ୍ମରଣ କରିବା ଲାଗି ପୁଣ୍ୟ କାର୍ତ୍ତିକ ପୂର୍ଣ୍ଣିମାର ପ୍ରଭାତରେ ନଦୀ ପୁଷ୍କରିଣୀରେ ଓଡ଼ିଆମାନେ କଦଳୀ ପଟୁଆ ବା କାଗଜର ନୌକା ଭସାଇ ଅତୀତର ସ୍ମୃତିକୁ ମନେପକାଉଛୁ। ଗଡ଼ଗଡ଼େଶ୍ୱର କେବଳ କଟକର ନୁହେଁ ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ। ଗଡ଼ଗଡ଼େଶ୍ୱରଙ୍କ ପାଖରେ ଅନେକ ମାନସିକଧାରୀ ଓ ଶିବଭକ୍ତମାନେ ଶ୍ରାବଣରେ ବୋଲବମ୍ ଜଳାଭିଶେକ କରିଥାନ୍ତି।

ଆଜି ଗଡ଼ଗଡ଼ିଆ ଘାଟ ଆଉ ପୂର୍ବରୁ ସ୍ମୃତି ହୋଇନଥିଲେ ବି ଏହି କ୍ଷେତ୍ରର ଅନେକ ଉନ୍ନତି ଓ ବିଭିନ୍ନ ଯୋଜନା ସବୁ ହାତକୁ ନିଆଯାଇଛି। ମନ୍ଦିରର ଏକ ପ୍ରକାର ନବକଳେବର ହୋଇଛି ଏବଂ ପ୍ରତିବର୍ଷ ବାଲିଯାତ୍ରା ସମୟରେ ଗଡ଼ଗଡ଼େଶ୍ୱରଙ୍କ ପାଖରେ ଅନେକ ଭକ୍ତଜନ ପ୍ରାର୍ଥନା କରି ଆନନ୍ଦ ଉଲ୍ଲାସରେ ସାମିଲ ହୋଇଥାନ୍ତି। ବିଭିନ୍ନ ବିବାହ ବ୍ରତ, ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଏଠାରେ ଅନୁଷ୍ଠିତ ହେଉଛି ଏବଂ ସର୍ବୋପରି କହିବାକୁଗଲେ କଟକିଆଙ୍କ ସ୍ମୃତିରେ ଗଡ଼ଗଡ଼ିଆ ଚିରକାଳ ପାଇଁ ସ୍ମରଣୀୟ ସ୍ମାରକୀ ହୋଇରହିବ।

+ଚଣ୍ଡୀମନ୍ଦିର ରାସ୍ତା, କଟକ-୧,
ମୋ: ୯୪୩୭୦୨୧୬୧୫

# ରାଜ୍ୟର ରାଜଧାନୀ ଏବେ ଆତ୍ମହତ୍ୟାର ରାଜଧାନୀ



ସୁବ୍ରତ କର

ଭୁବନେଶ୍ୱର ଏବେ ଆମ ରାଜ୍ୟର ଆତ୍ମହତ୍ୟାର ରାଜଧାନୀରେ ରୂପ ନେଇଛି। ପ୍ରତିଦିନ କେହି ନା କେହି ଆତ୍ମହତ୍ୟା କରୁଛନ୍ତି । ଗତ ସାଢ଼େ ଚାରିବର୍ଷରେ ପ୍ରାୟ ୨୦୪୨ଟି ଆତ୍ମହତ୍ୟା ଘଟଣା ଘଟିଛି । କାରଣ ବହୁତ ପ୍ରକାର ଅତ୍ୟଧିକ ମାନସିକ ଚାପ, ଅତ୍ୟଧିକ ପାରିବାରିକ ସମସ୍ୟା, ଆର୍ଥିକ ଅନଟନ, ଏକଲାପଣ ଏବଂ ଏ ସବୁକୁ ଛାଡ଼ି ମୂଳ ହେଉଛି ଅସଫଳ ପ୍ରେମ ଜନିତ ଘଟଣା ଏବଂ ପରକ୍ରିୟା ପ୍ରେମ । ଏହାଛଡ଼ା ଆହୁରି କାରଣ ହୋଇପାରେ ପାଠପଢ଼ା, କ୍ୟାରିୟରକୁ ନେଇ ସଦାବେଳେ ଚିନ୍ତା । ଶେଷରେ ପାଠପଢ଼ା ସରିଲା ପରେ ଠିକ୍ ଭାବରେ ଥଇଥାନ ନ ହୋଇ ପାରିଲେ ଆତ୍ମହତ୍ୟାର ବାଟ ବାଛି ନେଇଛନ୍ତି । ମନସ୍ତତ୍ୱବିତ୍ ମାନଙ୍କ ମତରେ ଆତ୍ମହତ୍ୟା ହେଉଛି ଏକ ଜଟିଳ ମାନସିକ ପ୍ରକ୍ରିୟା । ବ୍ୟକ୍ତି ଜଣକ ଦୀର୍ଘକାଳୀନ ମାନସିକ ଅବସାଦରେ ରହିବା ପରେ ହିଁ ଜଣେ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେଇଥାଏ। ଏହାର ପ୍ରତିକାରର ବ୍ୟବସ୍ଥା କଣ ହୋଇପାରେ ? ଏକମାତ୍ର ବାଟ ହେଉଛି କାଉନସେଲିଂ । କିନ୍ତୁ ଦୁଃଖର କଥା ଆମ ଦେଶରେ କାଉନସେଲିଂ ଠିକ୍ ଭାବରେ କରା ହୋଇପାରୁ ନାହିଁ ଏବଂ ଅନ୍ୟ ଦେଶ ତୁଳନାରେ ବହୁତ ପଛରେ । ଭୁବନେଶ୍ୱର ପୋଲିସଙ୍କ ତଥ୍ୟ ଅନୁସାରେ ୨୦୨୨ ମସିହାରେ ୪୧୭ ଜଣ, ୨୦୨୩ ମସିହାରେ ୪୨୭ ଜଣ, ୨୦୨୪ ମସିହାରେ ୪୯୮ ଜଣ ୨୦୨୫ ମସିହାରେ ୫୦୦ ଜଣ ଏବଂ ୨୦୨୬ ମସିହାରେ ୬ ମାସ ମଧ୍ୟରେ ୨୦୦ ସଂଖ୍ୟା ଅତିକ୍ରମ କରିପାରିଲାଣି । ଏହାକୁ ରୋକିବା ପାଇଁ ସରକାରଙ୍କ ତରଫରୁ ମାଳମାଳ ଯୋଜନା ସାଙ୍ଗକୁ ୨୪ ଘଣ୍ଟିଆ 'ଟେଲି ମାନସ' ହେଲ୍ପଲାଇନ ନମ୍ବର ଜାରି ରହିଛି । କିନ୍ତୁ ଦେଖା ଯାଉଛି ଏ ପର୍ଯ୍ୟନ୍ତ ନୁହଁ, ସରକାରଙ୍କ ଆଉ ଗୋଟାଏ ଯୋଜନା 'ସୁରକ୍ଷିତ ଅଭିଯାନ' ପାଠପଢ଼ା ଓ କ୍ୟାରିୟରକୁ ନେଇ ସଦାବେଳେ ଚିନ୍ତାରେ ରହୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ରହିଛି । ଏହାର ମୂଳ ଉଦ୍ଦେଶ୍ୟ ଆତ୍ମହତ୍ୟାକୁ ରୋକିବା ପାଇଁ କିନ୍ତୁ ଯୋଜନା ମଧ୍ୟ ବିଶେଷ ଫଳପ୍ରଦ ହୋଇପାରୁ ନାହିଁ । ଏକମାତ୍ର ବାଟ ଏହାକୁ ରୋକିବା ପାଇଁ କାଉନସିଲିଂର ନିହାତି ଆବଶ୍ୟକତା ରହିଛି । ବିଶେଷ କରି ସବୁ ସ୍କୁଲ, କଲେଜ ଏବଂ ପ୍ରତି ହଷ୍ଟେଲଠାରେ ସପ୍ତାହରେ ୨-୩ ଥର ପିଲାମାନଙ୍କର କାଉନସିଲିଂ ହେବାର ଆବଶ୍ୟକତା ରହିଛି । ଏବଂ ପ୍ରତି ସ୍କୁଲ କଲେଜରେ ସରକାରୀ ଭାବେ କାଉନସିଲିଂର ମାନଙ୍କୁ ରଖିବାର ଆବଶ୍ୟକତା ରହିଛି । ଏହା ଉପରେ ସରକାର ଯଦି ବିଶେଷ ଭାବରେ ଦୃଷ୍ଟି ଦିଅନ୍ତି ତେବେ ଉପରୋକ୍ତ ସଂଖ୍ୟାରେ ହ୍ରାସ ।

## କବିତା କୋଣାର୍କ

### ମଲାଜହ୍ନର ରୋଷଣୀ

ବସନ୍ତ କୁମାର ପ୍ରଧାନ



ନିଶୀଥ ନୀରବ ନୀଳିମାରେ ଯେବେ
ହଜିଯାଏ ମଲାଜହ୍ନ
ଧରଣୀ ବକ୍ଷରେ ମ୍ଳାନ ରୋଷଣୀର
ପ୍ରଲେପ କରେ ଲେପନ।

ରୂପେଲି ଆଭାରେ ନିହିତ ତହିଁରେ
ଅସ୍ତଗାମୀର ସୌନ୍ଦର୍ଯ୍ୟ
କ୍ରମଶଃ କ୍ଷୟମାନ କଳେବର
ଜୀବନକୁ କରେ ମୁଗ୍ଧ ।

ମଲାଜହ୍ନର ଜୀବନ ଦର୍ଶନ
ମାନବ ସହ ଜଡ଼ିତ
ଅବସ୍ଥା ଚକ୍ରରେ ବୟସ ଶ୍ରେଣୀରେ
ଅନିତ୍ୟତା କରେ ବ୍ୟକ୍ତ ।

ଧନ ଯଉବନ ଐଶ୍ୱର୍ଯ୍ୟ ପ୍ରତିଷ୍ଠା
ସବୁକିଛି କ୍ଷଣସ୍ଥାୟୀ
କାଳର କରାଳ କରାଗ୍ରତରେ
ଦିନେ ଯାଏ କ୍ଷୟ ହୋଇ ।

ପୌରୁଷ ହୀନ ବ୍ୟକ୍ତି ହିଁ ଅଟଇ
ସତେ ଏକ ମଲାଜହ୍ନ
ଯଶ କୀର୍ତ୍ତିର ଜୋଛନା ନଥାଏ
ମୃତକଳ୍ପର ଜୀବନ ।

ମଲାଜହ୍ନର ନଥାଏ ଶୋଚନା
କ୍ଷୀଣ ପ୍ରଭା ଦାନ ନେଇ
ନିଜ ସାମର୍ଥ୍ୟରେ ଅର୍ଥବାନ କରେ
ଘନ ତମସା ହଟାଇ।

ବିରହ ବେଦନା ବିଫଳତା ଗ୍ଳାନି
ଅପ୍ରାପ୍ତି ର ଦୀର୍ଘଶ୍ୱାସ
ତଥାପି ଜୀବନ କରେ ଅର୍ଥବାନ
ପରହିତରେ ପ୍ରୟାସ ।

ଅନିଦ୍ରତାର ଅନ୍ତରାଳରେ
ନିଦ୍ରତାର ଅନ୍ୱେଷଣ
ନିରାଶା ଗର୍ଭରେ ଆଶାର ସଂଚାର
କରିଥାଏ ମଲାଜହ୍ନ ।

ସୃଷ୍ଟିର ଚିରନ୍ତନ ଆବାହନ
କରିଥାଏ ମଲାଜହ୍ନ
ଅନ୍ତିମ ଅବସ୍ଥା ହେଉ ପ୍ରଭାମୟ
ଅରଜନେ ଧର୍ମ ପୁଣ୍ୟ ।

+ହରିହରପୁର, ଛେଣ୍ଡିପଦା,
ଅନୁଗୋଳ

### ଗୁରୁ କଳ୍ପତରୁ

ଜଗଦୀଶ ସାହୁ

ପାଖରେ ବସାଇ ହାତ ଧରି ମୋର
ଶିଖାଇଲ ସଂଖ୍ୟା ଅକ୍ଷର
ବହି ମୁଁ ପଢ଼ିଲି ଗଣିତ କଷିଲି
ଆଶୀର୍ବାଦ ପାଇ ତୁମର ।
ମିଛ ମହାପାପ ସତ କହିବାକୁ
ମନରେ ସାହସ ଦେଇଛ
ପର ଉପକାର ମହତ ପଣିଆ
ଆମକୁ ବୁଝାଇ କହିଛ ।
ଶରୀର ନିରୋଗ ରହିବାକୁ ଯୋଗ
କୁସ୍ତି କସରତ ଶିଖାଇ
ସୁସ୍ଥ ପରିବେଶ ପାଇଁ ଲଗା ଗଛ
କାନେ କାନେ କୁହ ବୁଝାଇ
ନିଜଠାରୁ ବେଶି ଭଲ ପାଅ ତୁମେ
ଶିଷ୍ୟଗଣେ ଭାବି ନିଜର
ସେଇଲାଗି ଗୁରୁ ବାଞ୍ଛା କଳ୍ପତରୁ
ଶିଷ୍ୟର ପ୍ରକୃତ ଈଶ୍ୱର ।

+ସଂଜପଡା, ହିନ୍ଦୋଳ
ଢେଙ୍କାନାଳ, ୭୫୯୧୨୮
ମୋ :-୯୦୭୮୧୮୫୬୧୬

# ବନ୍ୟା

କାନନ ବାଳା ନାୟକ



'ତୁ କଣ ଆଜି ଅଫିସ ଯିବୁ ? ଦୂରଦର୍ଶନରେ ଖବର ପ୍ରସାରିତ ହେଉଛି—ଭାର୍ଗବୀ ନଦୀରେ ବନ୍ୟା ଆସିଛି। କାଲି ରାତିସାରା ଯେମିତି ଅବିଶ୍ରାନ୍ତ ବର୍ଷା ହେଉଛି, ନଦୀର ସ୍ରୋତ ନିଶ୍ଚୟ ଆହୁରି ପ୍ରଖର ହୋଇଥିବ। ଆଜି ଅଫିସ ନଗଲେ ହୁଅନ୍ତାନି ?'—ବନ୍ୟାକୁ ତା' ମାଆ ପଚାରୁଥିଲେ। ମାଆଙ୍କ ସ୍ୱରରେ ଥିଲା ଜଣେ ଆକୁଳ ମାଆର ମମତା ଓ ଆଶଙ୍କା।

ବନ୍ୟା ବିଛଣାରୁ ଉଠି ମାଆଙ୍କ ଦୁଇ ହାତକୁ ନିଜ ହାତ ମଧ୍ୟକୁ ନେଇ କହିଲା, 'ମାଆ, ଅଫିସ ଯାଇ ବନ୍ୟା ପୀଡ଼ିତ ଲୋକଙ୍କୁ ରିଲିଫ ବାଣ୍ଟିବାକୁ ଯିବାକୁ ହେବ। ହ୍ୱାଟସ୍‌ଆପ୍‌ରେ ମେସେଜ୍ ଆସିଛି, ସରକାର ମୋତେ ରିଲିଫ ବାଣ୍ଟିବା ଦାୟିତ୍ୱ ଦେଇଛନ୍ତି। ତୁ ତ ନିଜେ ନ୍ୟୁଜ୍‌ରେ ଦେଖୁଛୁ, ବନ୍ୟା ପାଣି ଲୋକଙ୍କ ଘର ଭିତରକୁ ପଶିଗଲାଣି। ସେମାନେ କେତେ କଷ୍ଟ ଓ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ! ଆଉ ମୁଁ ପରା ସେହି ରିଲିଫ ଟିମ୍‌ର ମୁଖ୍ୟ !'

ନିଜ ପୁଅ-ଝିଅଙ୍କୁ ବିପଦ ମୁହଁକୁ ଛାଡ଼ିବାକୁ କେଉଁ ମାଆର ବା ମନ ହୁଏ ? ମାଆଙ୍କ ମୁହଁ ଶୁଖିଗଲା। ତାଙ୍କ ଶୁଖିଲା ମୁହଁକୁ ଦେଖି ବନ୍ୟା ହସିଦେଇ କହିଲା, 'ମାଆ ! ଜେଜେବାପା ପରା ମୋ ନାଁ 'ବନ୍ୟା' ରଖିଛନ୍ତି, ମୋର ପୁଣି ବନ୍ୟାକୁ ଡର କାହିଁକି ? ଜେଜେମା ତ ସବୁବେଳେ କହେ, ଏହିଭଳି ଏକ ଭୟଙ୍କର ବନ୍ୟା ସମୟରେ ହିଁ ମୋର ଜନ୍ମ ହୋଇଥିଲା। ସେତେବେଳେ ତୋତେ ହସ୍ପିଟାଲ ନେବାକୁ କେହି ନଥିଲେ। ହେଲେ ବାପାଙ୍କର ଜଣେ ବନ୍ଧୁ ବନ୍ୟାର ପ୍ରଖର ସ୍ରୋତକୁ ଭୟ ନକରି ଗାଡ଼ି ଚଳାଇ ତୋତେ ହସ୍ପିଟାଲରେ ପହଞ୍ଚାଇଥିଲେ। ସେଦିନ ତୋ କୋଳକୁ ଝିଅଟିଏ ଆସିଥିଲା ବୋଲି ସେ ହସି କହିଥିଲେ—'ଏ ଝିଅଟା ବନ୍ୟାକୁ ଡରି ଜନ୍ମ ହୋଇନି, ବନ୍ୟାକୁ ଚିରି ଜନ୍ମ ହୋଇଛି। ତେଣୁ ତା' ନାଁ 'ବନ୍ୟା' ହେବ।' ଆଉ ଆଜି ତୁ ଚାହୁଁଛୁ, ସେହି ବନ୍ୟାକୁ ଭୟ କରି ମୁଁ ଘରେ ବସିରହିବି ?'



ମାଆ ଆଉ କିଛି କହିପାରିଲେ ନାହିଁ। ବନ୍ୟା ନିଜର ଦାୟିତ୍ୱ ତୁଲାଇବାକୁ ବାହାରିଗଲା।

ଦିନ ଗଡ଼ିବା ସହିତ ମାଆଙ୍କ ମନଟା ଗୋଳେଇ-ଘାଣ୍ଟି ହେବାକୁ ଲାଗିଲା। ସେ ବାରମ୍ବାର ବନ୍ୟା ନିକଟକୁ ଫୋନ୍ ଲଗାଉଥିଲେ, ହେଲେ ଖରାପ ପାଗ ଯୋଗୁଁ ନେଟୱାର୍କ କଟିଯାଇଥିଲା। ଟେଲିଭିଜନ ପରଦାରେ କ୍ରମାଗତ ଭାବେ ଖବର ପ୍ରସାରିତ ହେଉଥାଏ—ନଦୀର ଜଳସ୍ତର ବୃଦ୍ଧି ପାଉଛି, ବନ୍ୟା ଆହୁରି କରାଳ ରୂପ ଧାରଣ କରୁଛି।

ସନ୍ଧ୍ୟା ବିତି ରାତି ହେଲା। ବନ୍ୟାର ଘରକୁ ଫେରିବା ସମୟ ଗଡ଼ିଯାଇଥିଲେ ବି ତାର ଦେଖା ନଥିଲା। ମାଆଙ୍କ ମନକୁ ନାନା କୁ-ଚିନ୍ତା ପଶୁଥାଏ। ସେ ବାରମ୍ବାର ବନ୍ୟାର ବାପା ଓ ଭାଇଙ୍କୁ କହୁଥାନ୍ତି ବନ୍ୟାର ସହକର୍ମୀମାନଙ୍କୁ ଫୋନ୍ କରି ବୁଝିବା ପାଇଁ। ମାଆ କ୍ଷଣକ ପାଇଁ ଘର ଭିତରକୁ ଯାଆନ୍ତି ତ ପୁଣି ଧାଇଁଆସି ବାରଣ୍ଡାରେ ଛିଡ଼ାହୁଅନ୍ତି।

ରାତି ଦଶଟା ବାଜିଲା, ତଥାପି ବନ୍ୟା ଫେରିନଥିଲା। ବନ୍ୟାର ବାପା ଆଶ୍ୱାସନା ଦେଇ କହିଲେ, 'ତୁମେ ଶୋଇପଡ଼, କାଲି ସକାଳେ ଦେଖିବା।' ହେଲେ ଜଣେ ମାଆ ଆଖିକୁ ନିଦ ଆସନ୍ତା କେମିତି ?

ରାତି ପାଖାପାଖି ଗୋଟାଏ ହେବ, ଗେଟ୍ ପାଖରେ ଗାଡ଼ିର ଶବ୍ଦ ଶୁଣାଗଲା। ମାଆ ଆଉ ବିଳମ୍ବ ନକରି ଦୌଡ଼ିଗଲେ। ବନ୍ୟାକୁ ଗାଡ଼ିରୁ ଓହ୍ଲାଉଥିବାର ଦେଖି ଯେପରି ତାଙ୍କ ପିଣ୍ଡରେ ପ୍ରାଣ ପଶିଆସିଲା। ଅଶ୍ରୁଳ ଆଖିରେ ସେ କହିଲେ, 'ଏତେ ସମୟ ହେଲାଣି ତୁ ଆସିନୁ ! ମୋ ମନଟା କେତେ ଦୁଶ୍ଚିନ୍ତାରେ ଥିଲା ତୁ ଜାଣିଛୁ ?'

ବନ୍ୟା ମାଆଙ୍କୁ କୁଣ୍ଢାଇ ପକାଇ ସ୍ନେହରେ କହିଲା, 'ମାଆ, ରିଲିଫ ବାଣ୍ଟିବାକୁ ଯାଇଥିବା ଗାଁରେ ଜଣେ ଗର୍ଭବତୀ ମହିଳା ସନ୍ଧ୍ୟା ସମୟରେ ଅସହ୍ୟ ଗର୍ଭ ଯନ୍ତ୍ରଣାରେ କଷ୍ଟ ପାଉଥିବାର ଦେଖିଲି। ତାଙ୍କୁ ଦେଖି ମୋର ମୋ ନିଜ ଜନ୍ମ କଥା ମନେପଡ଼ିଗଲା। ମୁଁ ଅନ୍ୟ କର୍ମଚାରୀଙ୍କୁ ରିଲିଫ ବାଣ୍ଟିବା କାମରେ ଲଗାଇ, ନିଜେ ତାଙ୍କୁ ଗାଡ଼ିରେ ବସାଇ ସୁରକ୍ଷିତ ଭାବେ ହସ୍ପିଟାଲ ନେଇଗଲି।'

ଟିକିଏ ରହି, ମୁହଁରେ ଏକ ଆତ୍ମସନ୍ତୋଷର ହସ ଫୁଟାଇ ବନ୍ୟା କହିଲା, 'ମାଆ, ସେଠି ତାଙ୍କର ଗୋଟିଏ ସୁନ୍ଦର ଝିଅଟିଏ ହୋଇଛି ! ମୁଁ ଆଉ ଗୋଟିଏ 'ବନ୍ୟା'କୁ ଏ ଦୁନିଆକୁ ଆଣି, ନିଜ ନାଁର ସାର୍ଥକତା ପ୍ରମାଣିତ କରି ଫେରିଛି।'

ମାଆଙ୍କ ଆଖିରୁ ଲୁହ ଗଡ଼ିପଡ଼ିଲା, ହେଲେ ଏଥର ସେ ଲୁହ ଭୟର ନଥିଲା, ଥିଲା ଜଣେ ସାହସୀ ଓ କର୍ତ୍ତବ୍ୟପରାୟଣା ଝିଅର ମାଆ ହେବାର ଗର୍ବ ଓ ଆନନ୍ଦର। ସେ ଭାବୁଥିଲେ—ତାଙ୍କ ଝିଅ ଖାଲି ନାଁରେ ନୁହେଁ, ତା' କର୍ମରେ ମଧ୍ୟ 'ବନ୍ୟା' ନାଁକୁ ସାର୍ଥକ କରୁ।।।

'ଯେଉଁ ବନ୍ୟାରେ ଅନ୍ୟର ଦୁଃଖ ଭାସିଯାଉ, ଯେଉଁ ବନ୍ୟାରେ ଭୋକ ଭାସିଯାଉ, ଯେଉଁ ବନ୍ୟାରେ ଅସହାୟତା ଭାସିଯାଉ, ଆଉ ଯେଉଁ ବନ୍ୟାରେ ମଣିଷ ମଣିଷ ପାଇଁ ଠିଆ ହେଉ।'

+ ଅତିରିକ୍ତ କମିଶନର (ଅପିଲ)
ଦ୍ରବ୍ୟ ଓ ସେବା କର,
ପୁରୀ ଚକଳା, ପୁରୀ

# ଦିନାନ୍ତେ

ପ୍ରଦ୍ୟୁମ୍ନ ପଟ୍ଟନାୟକ



ସବୁ ବର୍ଷ ଭଳି ଏ ବର୍ଷ ମଧ୍ୟ ଆୟୋଜିତ ହୋଇଥିଲା ପୁରାତନ ଛାତ୍ରମାନଙ୍କ ବନ୍ଧୁ ମିଳନ । ସ୍ଥାନ ଥିଲା ଆନନ୍ଦପୁର ହାଇସ୍କୁଲ ପ୍ରାଙ୍ଗଣ । ଦୀର୍ଘ ୫୩ ବର୍ଷ ପୂର୍ବରୁ ସେ ସ୍କୁଲ ଛାଡ଼ି ଥିଲେ ବି ୧୯୭୩ ମସିହାରେ ମାଟ୍ରିକ୍ ପରୀକ୍ଷା ଦେଇଥିବା ଆମ ବ୍ୟାଚର ତିରିଶିରୁ ଉର୍ଦ୍ଧ୍ୱ ପିଲା ଉପସ୍ଥିତ ଥିଲେ ସେଦିନ । ବୟସ ଅନୁଯାୟୀ ସମସ୍ତଙ୍କୁ ସତୁରି ଛୁଇଁବାକୁ ବସିଲାଣି। ତଥାପି ନିକଟ ହେଉ ବା ଦୂର ସମସ୍ତେ ଆସି ଏକାଠି ହେଉଛନ୍ତି ବର୍ଷରେ ଥରେ, ସାଙ୍ଗସାଥିମାନଙ୍କୁ ଭେଟିବାକୁ । ପିଲା ଦିନର ସ୍ମୃତି ରୋମନ୍ଥନ କରିବାକୁ । ଏହି ସାଙ୍ଗମାନଙ୍କ ସଂଖ୍ୟା ବର୍ଷ ପରେ ବର୍ଷ ହ୍ରାସ ପାଉଛି । ଅବଶ୍ୟ ସେପରି ହେବା ଅବଧାରିତ । ଯିଏ ଯେତିକି ଆୟୁଷ ନେଇ ଦୁନିଆକୁ ଆସିଛି ତାକୁ ସେତିକି ପୂରା କରି ଫେରି ଯିବା ନିୟତିର ନିୟମ । ଆଉ କେହି ପରିବାର ସଦସ୍ୟ, ବନ୍ଧୁ ବାନ୍ଧବ, ଆତ୍ମୀୟ ସେମାନଙ୍କୁ କେତେବେଳେ କେମିତି ମନେ ପକାଉଥିବେ, କିନ୍ତୁ ଆମେ ସତୀର୍ଥମାନେ ମିଶି ସେମାନଙ୍କୁ ସାମୂହିକ ଭାବେ ସ୍ମରଣ କରିଥାଉ ସବୁ ବର୍ଷ ଏହି ବାର୍ଷିକ ଭୋଜି ଅବସରରେ ।

ନିର୍ଦ୍ଧାରିତ ନିଷ୍ପତି ଅନୁଯାୟୀ ଏହି ଭୋଜିର ଆୟୋଜନ ହୋଇଥାଏ ଜାନୁୟାରୀ ମାସ ଦ୍ୱିତୀୟ ରବିବାର ଦିନ । ପରସ୍ପର ମଧ୍ୟରେ କଥାବାର୍ତ୍ତା ହୋଇ ସେଦିନ ସବୁ ଆସି ପହଞ୍ଚି ଯାଆନ୍ତି ସ୍କୁଲ ପ୍ରାଙ୍ଗଣରେ । ଆରମ୍ଭ ହୋଇଯାଏ ରୋଷେଇବାସ । ହସ ଖୁସୀ, କଥାବାର୍ତ୍ତା, ଥଟାମଜା, ଖିଆପିଆ ମଧ୍ୟରେ କେତେବେଳେ ଯେ ସମୟ ବିତିଯାଏ ଜଣା ପଡ଼େ ନାହିଁ । ଏମିତିରେ ଶୀତ ଋତୁ, ଛୋଟ ଦିନ । ଏ ବର୍ଷ ଶୀତର ପ୍ରକୋପ ଅଧିକ ହୋଇଥିବାରୁ ବେଳ ବୁଡ଼ିବା ଆଗରୁ ସମସ୍ତେ ଘରକୁ ଫେରିବା ପାଇଁ ଇଛା କରୁଥିଲେ । ରୋଷେଇ ସରିବା ପରେ ଭୋଜନ ବ୍ୟବସ୍ଥା କରାଗଲା । ତା' ପୂର୍ବରୁ ସମସ୍ତଙ୍କ ମିଳିତ ଫଟୋ ବି ଉଠାଗଲା । ଖିଆପିଆ ସରିବା ବେଳକୁ ଦିନ ତିନିଟା ହୋଇଯାଇଥାଏ । ସମସ୍ତେ ନିଜ ନିଜ ଘରକୁ ଫେରିଯିବାକୁ ବ୍ୟଗ୍ର । ଦୂର ଦୂରାନ୍ତରୁ ଆସିଥିବା ସାଙ୍ଗମାନେ ଶୀଘ୍ର ଫେରିଯିବାକୁ ପରସ୍ପରଠାରୁ ବିଦାୟ ନେଉଥିଲେ । ବଞ୍ଚିଥିଲେ ପୁଣି ବର୍ଷେ ପରେ ଯାଇ ଦେଖା ସାକ୍ଷାତ୍ । ଅଧିକାଂଶ ସ୍ଥାନୀୟ ବ୍ୟକ୍ତି ହୋଇଥିଲେ ବି ଆମେ କେତେଜଣ ଆସିଥାଉ ଶହେ କିଲୋମିଟର କିମ୍ବା ତାଠୁ ଅଧିକ ଦୂର କେନ୍ଦୁଝର ଏବଂ ଭୁବନେଶ୍ୱରରୁ ।

ଆଉ ଦୁଇଜଣ ସାଙ୍ଗ ଭୁବନେଶ୍ୱର ଫେରୁଥିଲେ । ମୁଁ ଏଥର ସେମାନଙ୍କ ସହ



ନଯାଇ ଯାଇଥିଲି ଆମ ପରିବାର ତଥା ପତ୍ନୀ, ପୁଅ, ବୋହୂ ଏବଂ ନାତିଙ୍କ ସହିତ । ମୁଁ ସାଙ୍ଗମାନଙ୍କ ସହ ସ୍କୁଲରେ ରହିଯିବା ବେଳେ ସେମାନେ ଗାଁକୁ ଯାଇଥିଲେ ବୁଲିବାକୁ । ମୁଁ ଭୋଜିରେ ଯୋଗ ଦେବା ସମୟରେ ସେମାନେ ଗାଁଘରେ ଖିଆ ପିଆ କରି ପୁଣି ସାଙ୍ଗରେ ଫେରିବା କାର୍ଯ୍ୟକ୍ରମ ଥିଲା । ଭୁବନେଶ୍ୱର ଫେରୁଥିବା ବନ୍ଧୁ ଦୁଇଜଣ ତାଙ୍କ ଗାଡ଼ିରେ ଆଣି ସେହି ଛକରେ ଓହ୍ଲାଇ ଦେଲେ ଯେଉଁଠୁ ମୋତେ ଆମ ପରିବାର ସହ ଫେରିବାର ଥିଲା । ଏକା ଏକା ସେ ସ୍ଥାନରେ ଅପେକ୍ଷା କରିବା ଅବସରରେ ମୋତେ କିଛି ସମୟ ସେ ସ୍ଥାନଟିକୁ ଭଲ କରି ଦେଖି ନେବାର ସୁଯୋଗ ମିଳିଗଲା । ସେ ସ୍ଥାନଟି ସହ ଥିଲା ମୋର ଦୀର୍ଘ ପଚାଶ ବର୍ଷ ପୂର୍ବର ପରିଚୟ । ମୁଁ ଠିଆ ହୋଇଥିବା ଛକଠାରୁ ଅନତି ଦୂରରେ ଥିଲା ଆମ ଛାତ୍ରାବାସ । ମାଟ୍ରିକ୍ ପଢିବା ସମୟରେ ଦୀର୍ଘ ଚାରି ବର୍ଷର ରହଣି ହୋଇଥିଲା ସେହିଠାରେ।

ଛାତ୍ରାବାସରେ ରହିବା ସମୟରେ ମୋର ଗୃହ ମନସ୍କତା ମୋତେ ପ୍ରାୟ ଆଚ୍ଛାଦିତ କରି ରଖୁଥାଏ। ଗାଁ ଘରେ ଥିଲେ ଜେଜେବାପା, ଜେଜେମା, ବାପା, ବୋଉ, ଦାଦା, ଖୁଡ଼ୀ ଏବଂ ସାନ ଭାଇ ଭଉଣୀମାନଙ୍କ ସହ ପୂରା ଯୌଥ ପରିବାର । ପାଠ ପଢ଼ିବା ନିମିତ୍ତ ମୁଁ କେବଳ ରହୁଥିଲି ସମସ୍ତଙ୍କ ଠାରୁ ଦୂରରେ, ଏକୁଟିଆ ହଷ୍ଟେଲରେ । ଲମ୍ବା ଛୁଟି ବ୍ୟତୀତ ଆଉ ଘରକୁ ଯିବା ହେଉ ନଥାଏ ପାଠ ପଢ଼ା ଦାୟରେ । କିନ୍ତୁ ମନ ମୋର ଯେତିକି ଥାଏ ପାଠ ପଢ଼ାରେ ତା' ଠାରୁ ଅଧିକ ଥାଏ ଯାଇ ଆମ ଘରେ । ବିଶେଷ କରି ବୋଉ ପାଖରେ। ବାପା ବୋଉଙ୍କ ବଡ଼ ପୁଅ ହୋଇଥିବାରୁ ଘରେ ସବୁଠୁ ବେଶୀ ଅଲିଅଳ । ବୋଉ ଏବଂ ଜେଜେମାଙ୍କ ସ୍ନେହ ଶ୍ରଦ୍ଧା ମୋତେ ବିଚଳିତ କରୁଥାଏ । ତାଙ୍କୁ ମନେ ପକାଇ ମୋତେ ଲୁହ ଝରାଇବାର ଅବସର ମିଳିଯାଏ, ସ୍କୁଲରୁ ଫେରି ମୁଁ ଯେବେ ସେହି ରାସ୍ତାରେ ଏକୁଟିଆ ଚାଲୁଥାଏ । ନିରୁଦ୍ଦେଶ ଭାବେ ବୁଲୁଥାଏ । ବହୁତ ଇଛା ହେଉଥିଲା ସେଦିନ ସେ ଦିନାନ୍ତ ବେଳାରେ ପୁଣି ପଚାଶ ବର୍ଷ ପଛକୁ ଫେରି ଯିବାକୁ । ପୁଣି ସେମିତି ସେ ଆତ୍ମୀୟମାନଙ୍କୁ ଝୁରିହେବାକୁ ଯେଉଁମାନେ ସେତେବେଳେ ମୋଠାରୁ ଦୂରରେ ରହି ଥିଲେ କିନ୍ତୁ ଏବେ ହଜି ଗଲେଣି କାଳର କରାଳ ଗର୍ଭରେ। ଆଜି ମୁଁ ବଡ଼ ହୋଇଯାଇଛି । କହିବାକୁ ଗଲେ ବୁଢ଼ା ହୋଇ ସାରିଛି । ମୋର ଆଉ ସେପରି ପିଲା ବେଳର ଆତୁରତା ନାହିଁ । ନାହିଁ ବି ପୂର୍ବର ସେ ଗ୍ରାମ୍ୟ ମନସ୍କତା । କାରଣ ଗାଁରେ ନାହିଁ ଆଗର ସେ ଯୌଥ ପରିବାର । ଦୁନିଆରେ ନାହାନ୍ତି ଜେଜେ, ଜେଜେମା, ବାପା, ବୋଉ । ଦୁର୍ଲଭ ହୋଇଯାଇଛି ତାଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା ଏବଂ ଆଦର।

+ ଫ୍ଲାଟ୍ ନମ୍ବର -୧୦୧,
ପ୍ରକାଶ ଦୀପ ଟାୱାର ଜୟ ଦୁର୍ଗା ନଗର,
ଭୁବନେଶ୍ୱର -୭୫୧୦୦୬
ମୋ:୯୯୬୮୨୮୦୮୯୬

# ପର ପିଢ଼ି ଯିବେ ଶିଢ଼ି ଚଢ଼ି


ସୁନନ୍ଦା ମହାନ୍ତି



କୋରାପୁଟମାଟିର ଝିଅ ସୁକାନ୍ତି। ଓଡ଼ିଆ ଭାଷା ପ୍ରତି ପ୍ରବଳ ଦୁର୍ବଳତା ତାଙ୍କର। ଶାଶୁଘରକୁ ନୂଆ ନୂଆ ଆସିଥିଲା ବେଳେ କେହି ତାଙ୍କୁ କୋରାପୁଟିଆ ନନି ବୋଲି କହିଲେ ତାଙ୍କୁ ବାଧେ ନାହିଁ ବରଂ ସମ୍ବଲପୁରରେ ଝିଅଙ୍କୁ ବୁଇ ଓ ପୁରୀରେ ଟୋକି ପୁଣି କୋଉଠି ଝିଅମାନଙ୍କୁ ଟୋକେଲ କହନ୍ତି ବୋଲି ବୁଝେଇ ସୁକାନ୍ତି ଯେବେ କହନ୍ତି ସାହିତ୍ୟ ସାର୍ବଜନୀନ ହେଲେ ଭାଷା ପରା ଆଞ୍ଚଳିକ। ହସିଦିଅନ୍ତି ଶାଶୁ ତ କହନ୍ତି ହଉ ହଉ ପାନ ଖଣ୍ଡେ ଖାଇଦେଇ ଯା ବୋହୂ ତ ସୁକାନ୍ତି କହନ୍ତି ଆପଣଙ୍କ ହାତରୁ ପାନ ଖଣ୍ଡେ ମତେ ରାଣୀ ବନେଇଦିଏ ସତରେ ମାଆ। ହଉ ଲୋ ନନି, ଏତେ କଥାକୁ ନା ପେଲିଦେଲି କଲିକତାକୁ। ସେଦିନ ସବୁ ଅତୀତ ହେଲାଣି।

ଆଜି ବୋହୂ ହୋଇ ଘରକୁ ପୁଅ ଆଣିଛି ମନପସନ୍ଦର କଲିକତି ଝିଅ। ବୋହୂ କରି ଆଣିଲାବେଳେ କେହି କେହି ବଙ୍ଗାଳୁଣି କହିଲାବେଳେ ସୁକାନ୍ତି କହନ୍ତି ମୋ ବୋହୂର ରୂପ ରଙ୍ଗ ପରି ଏ ଗାଁ ତ ଗାଁ, ପାଖାପାଖି ସାତ ଖଣ୍ଡ ଗାଁରେ କେହି ଥିବେ ଭଲା ! ଏବେ କିନ୍ତୁ ଆମେରିକାର ବୋଷ୍ଟନ ସହରରୁ ପୁଅ ବୋହୂ ଛୁଟିରେ ଗାଁକୁ ନାତି ବାବାକୁ ନେଇ ଆସିଲେ ସେ ବଂଗାଳି, ହିନ୍ଦି, ଇଂରାଜି, ତେଲୁଗୁ ତାମିଲ ଆଦି କେତେ ଭାଷା କହୁଥିଲେ ମଧ ଓଡ଼ିଆ ନକହୁଥିବାରୁ ସୁକାନ୍ତି ଦୁଃଖୀ ହୋଇଯାଆନ୍ତି ତ ସ୍ୱାମୀ ବୁଝେଇଦିଅନ୍ତି ଆରେ ଯିଏ ଯୋଉଠି ରହିବ ସେଇଠା ଭାଷା ଶିଖିବା ଗୋଟେ ସାଧାରଣ କଥା ନା ନାହିଁ ? ଏଥିରେ ଯଦି କଷ୍ଟ ପାଉଛ ତେବେ ବାବାକୁ ଶୁଣାଅ କୋଇଲିର କୁହୁ ଓ ଖେଳାଅ ଚକା ଚକା ଭଉଁରୀ। ପୁଣି ଗାଅ ଆ ଜହ୍ନ ମାମୁଁ ଶରଦଶଶୀ। ମୋ କାହ୍ନୁ ହାତରେ ପଡ଼ରେ ଖସି।

ସୁକାନ୍ତି କିନ୍ତୁ ଛବିଳ ମଧୁ ବର୍ଣ୍ଣବୋଧ ବହି କିଣି ରଖିଥିଲେ ନାତି ବାବା ପାଇଁ। ତାଙ୍କ ବେଳେ ଯେମିତି ସେ ଶିଖିଥିଲେ ହାତୀ ପିଠିରେ ବାଘ ବସିଛି ବାଘ ପିଠିରେ ଛେଳି। କୁକୁର ଚଳାଏ ସାଇକେଲଟି ଭାଲୁ ଖେଳଇ ଦୋଳି। ପୁଣି ମାଙ୍କଡ଼ ଖାଏ କାଙ୍କଡ଼ କଷି। ବାଙ୍କ ବାବୁଙ୍କ ବାଡ଼ିରେ ପଶି, ଇତ୍ୟାଦି ପଦ୍ୟାଂଶ ସହ ବାବାକୁ ପରିଚିତ କରାଇବାକୁ ଭାବୁଥିବା ବେଳେ ବାବା କିନ୍ତୁ କହୁଥିଲା ମତେ ଏବେ ଓଡ଼ିଆ ଆସୁଛି ଜେଜେମା। ମୋ ମାମା ମତେ ନୂଆ ବର୍ଣ୍ଣବୋଧ ବହି କିଣିଦେଇଛନ୍ତି ଯୋଉଥିରେ ତୁମେ ପଢୁଥିବା ଛବିଳ ମଧୁ ବର୍ଣ୍ଣବୋଧ ବହିର ମଲାଟରେ ବିଲେଇ ପରିବର୍ତ୍ତେ ହରିଣ ଓ ଦୁଆତ ସହିତ ପରକଲମ ଚିତ୍ର ଏବଂ ସ୍ୱର ଓ ବ୍ୟଞ୍ଜନ ବର୍ଣ୍ଣମାଳା ରହିଛି। କାବା ହୋଇ ସୁକାନ୍ତି ନାତି ବାବାଠୁ ଏସବୁ ଶୁଣୁଥିଲା ବେଳେ ବଙ୍ଗାଳୁଣି ବୋହୂ ବୋଲି କହି ସାହି ପଡିଶା କେତେ କଥା କହୁଥିବା ବେଳେ ବୋହୁଟି ସୁନ୍ଦର ଝୋଟି ଚିତା ସାଙ୍ଗକୁ ରାମନବମୀରେ ଓଡ଼ିଆ ଘର ଖାଦ୍ୟ ପରଷି ଚାଲିଥିଲା ସୁକାନ୍ତିଙ୍କ ସହ ସମସ୍ତଙ୍କୁ। ସୁକାନ୍ତିଙ୍କୁ ଚମତ୍କୃତ କରିବା ସହ ଗୁରୁବାର ଦିନ, ବଳରାମ ଦାସ ଲେଖିଥିବା ଲକ୍ଷ୍ମୀପୁରାଣ ବୋଲୁଥିଲା ପ୍ରାଞ୍ଜଳ ଭାବେ। ଜାଗର ପୂର୍ବଦିନ ସେଇବାଟ ଦେଇ ପାର୍ବତୀ ଯାଉଥିଲେ ତ ସୁକାନ୍ତି ଓ ତାଙ୍କ ବୋହୂଙ୍କ ଭିତରେ ଥିବା ଭାଷା ସାହିତ୍ୟ ପ୍ରୀତି ଦେଖି ସେ ଦୁହିଁଙ୍କୁ ଆଶୀର୍ବାଦ ଦେଇ ଯାଇଥିଲେ। ବାବା ଛି ଛି ଛିରେ ନନି ଛି,ଗୀତ କ୍ୟାସେଟ ଲଗେଇ ଖୁବ ସୁନ୍ଦର ନାଚ କରୁଥିଲା ତ ସୁକାନ୍ତି କହୁଥିଲେ ମୁଁ କୋରାପୁଟିଆ ନନି ବୋଲି ଜାଣିଛୁତ ! ବାବା କହୁଥିଲା ହଁ ଜେଜେମା ତୁମେ ପିଲାଦିନୁ ମତେ ଠକି ଆସିଛ, ଏଣିକି ମୋ ପାଖରେ ରହିବ ଚାଲ।



ବାବା କଥା ଶୁଣି ପୁଅ ବୋହୂ କହୁଥିଲେ ହଁ ମା ଏଥର ବାପା ଓ ଆପଣ ଆମ ସଙ୍ଗେ ଚାଲନ୍ତୁ। ସେମାନଙ୍କ ଅଲକ୍ଷରେ ମାଆ ପାର୍ବତୀ ସବୁ ଶୁଣି ଖୁସିରେ ଶିବ ଶଙ୍କରଙ୍କୁ କହୁଥିଲେ ମତେ ଆପଣଙ୍କ ଏ ମର୍ତ୍ତ୍ୟଟି ବୈକୁଣ୍ଠ ଭଳି ଲାଗୁଛି। ଶିବ କହୁଥିଲେ ଆଜି ତ ପଙ୍କୋଦ୍ଧାର ଏକାଦଶୀ। ଜାଗର ଦିନ ଦେଖିବ ରୁହ ଲୋକଙ୍କର ଆମ ପ୍ରତି ଭକ୍ତି। ମାଆ ପାର୍ବତୀ କହୁଥିଲେ ଏହାହିଁ ମର୍ତ୍ତ୍ୟବାସୀଙ୍କ ସାହିତ୍ୟ ପ୍ରୀତି ସହ ମୈତ୍ରୀଭରା ସଂସ୍କୃତି। ବାବା ଏବେ ବଡ଼ ହୋଇଛି। ବୋଷ୍ଟନ ସହରରେ ରହି କ୍ୱାଣ୍ଟମ କମ୍ପ୍ୟୁଟିଙ୍ଗରେ ମନୋନିବେଶ କରିଛି। ସେଥିରେ ରହିଥିବା ଆନୁବଂଶିକ ରୋଗ ନିବାରଣ ନିମନ୍ତେ ଆଶା ଥିବା କ୍ରିସପର ଭଳି ଗୁଣସୂତ୍ର ସମ୍ପାଦନା ଜ୍ଞାନକୌଶଳ, ପ୍ରାକୃତିକ ଭାଷା ପ୍ରକ୍ରିୟାକରଣ ଓ ବାସ୍ତବଧର୍ମୀ ଚିତ୍ର ସୃଷ୍ଟି ଭଳି ସାମର୍ଥ୍ୟଯୁକ୍ତ ତଥା ଅତି ଉର୍ନ୍ନତ କୃତ୍ରିମ ବୁଦ୍ଧିମତା ବା ଏଆଇ ଏବେ ଏକ ଆଶ୍ଚର୍ଯ୍ୟ ତଥା ବିସ୍ମୟ ପ୍ରଯୁକ୍ତି ବିଦ୍ୟା ହୋଇ ଜଟିଳ ହିସାବପତ୍ର ଓ କଳ୍ପନା ଜଳ୍ପନା ନିମନ୍ତେ ନୂତନ ସମ୍ଭାବନାର ଗୁଣସୂତ୍ରଧାରୀ ଏହି କ୍ୱାଟିଙ୍ଗ କମ୍ପ୍ୟୁଟିଙ୍ଗ କେବଳ ପୁଅ ବାବା ପାଇଁ ନୁହେଁ ବରଂ ଜନ କଲ୍ୟାଣକାରୀ, ଜନ ମଙ୍ଗଳକାରୀ ତଥା ବିସ୍ମୟ ହୋଇଥିବା ବେଳେ କ୍ୱାଟିଙ୍ଗ କମ୍ପ୍ୟୁଟିଙ୍ଗ ଦ୍ୱାରା ଔଷଧ ଆବିଷ୍କାର ଟିମରେ ଯୋଗଦେଇ ବାବା ନିଜ ଜେଜେ ଓ ଜେଜେମାଙ୍କୁ ସୁସ୍ଥ ରଖିବାକୁ ତଥା ପିତା ମାତାଙ୍କୁ ଚିରସବୁଜ ରଖିବାକୁ ଚିନ୍ତାକଲା ବେଳେ ଜେଜେ ଜେଜେମା ଆଜି ଆରପାରିରେ ସତ ହେଲେ ବାବା ଆଶା ନହରାଇ ଏହି କ୍ୱାଣ୍ଟମ କମ୍ପ୍ୟୁଣ୍ଟିଙ୍ଗ ଦ୍ୱାରା ଭାଷା ସାହିତ୍ୟ କ୍ଷେତ୍ରରେ କିପ୍ଟୋଗ୍ରାଫି ବା କଟଲିପି ସହ ଅନ୍ୟ ସବୁ ଉର୍ନ୍ନତିମୂଳକ କାର୍ଯ୍ୟକ୍ରମ ହୋଇପାରିବ ସେହି ଚିନ୍ତାରେ ବାବାକୁ ନିଦ ନଥିଲା ବେଳେ ମାଆ କହୁଥିଲେ ଉର୍ନ୍ନତମାନର ରୋବର୍ଟ ତିଆରି କୌଶଳ ତୁମ ଟିମ କେବେ ଜାଣିବ ବାବା ? ବାବା କହୁଥିଲା ଅପେକ୍ଷା କର ମାଆ। ଆଜିକାଲି ଏଆଇ ସିଷ୍ଟମ ବା କୃତ୍ରିମ ବୁଦ୍ଧିମତା ପ୍ରଯୁକ୍ତି ବିଦ୍ୟା ଦ୍ୱାରା ମନୁଷ୍ୟର ଭାଷା ବୁଝିବା ସହିତ ନିଜେ ବି ଭାଷା ସୃଷ୍ଟି କରିପାରୁଛି। ଏମିତିକି ବାସ୍ତବଧର୍ମୀ ଚିତ୍ର ସହ କାର ଚଳାଇବା ଭଳି କାର୍ଯ୍ୟ ସବୁକୁ ସମ୍ପାଦନ କରି, ଅନେକ ଶିଳ୍ପ ସମସ୍ୟାର ପ୍ରତିହତ କରିବା ସହ ଶିଳ୍ପରେ ଉଲ୍ଲେଖନୀୟ ଅଗ୍ରଗତି କରିବା ତଥା ଏଆଇ ରୋବର୍ଟ ମନୁଷ୍ୟ ସହ ଆଉ ଜଣେ ମନୁଷ୍ୟ ଭଳି ଭାବ ଆଦାନ ପ୍ରଦାନ କରିପାରୁଛି।

ମାଆ ଆଶଙ୍କାଗ୍ରସ୍ତ ଭାବେ କହୁଥିଲେ ଏଥିରେ ତୋ ଜେଜେମାଙ୍କ ଜନ୍ମଭୂମି କୋରାପୁଟ ମାଟିର ସେହି ବିଶ୍ୱପ୍ରସିଦ୍ଧି ଲାଭ କରିଥିବା ଛି ଛି ଛିରେ ନନି ଛି ଗୀତଟିର ଅଗ୍ରଗତି ଅର୍ଥାତ ପ୍ରଚାର ପ୍ରସାର କିଛି ମାତ୍ରାରେ କମି ଯିବ ନାହିଁ ତ ? ବାବା ହସି ହସି କହୁଥିଲା ସାହିତ୍ୟର ଅଗ୍ରଗତି ପାଇଁ ଓଡ଼ିଆ ଭାଷାକୁ ମାନ୍ୟତା ଦେବାରେ କୋରାପୁଟର ସ୍ୱାଧୀନଚେତା ତଥା ବିପ୍ଳବୀ ଜମିଦାର ଭେଙ୍କେଟେଶ୍ୱର ଦେଓଙ୍କର ହିତବାଦିନୀ ସଭାରେ ଉଦବୋଧନ ସହିତ ଓଡ଼ିଆ ଭାଷାଭାଷିଭିତ୍ତିକ ଓଡିଶା ରାଜ୍ୟର ମୂଳୁଦୁଆ ପକାଇବା କେହି କଣ ଭୁଲେ ମାଆ ? ତୁ ତାଙ୍କ ବିଷୟରେ ଜାଣିଛୁ ନା ନାହିଁ ? କ୍ୱାଣ୍ଟମ କମ୍ପ୍ୟୁଟିଙ୍ଗ କ୍ଷେତ୍ରରେ ଯେତେ ଅଗ୍ରଗତି ହେଲେ ମଧ ପୁରାତନ ଭାଷା ସାହିତ୍ୟର ମୂଳପ୍ରାଟନ କେବେ ହୋଇନି କି ହେବାକୁ ଦେବୁନି ଆମେ ପରପିଢ଼ି ମାଆ। ରଙ୍ଗବତୀ ଲୋ ରଙ୍ଗବତୀ। ରଙ୍ଗ ବତୀ ରଙ୍ଗବତୀ କନକଲତା। ହସି ପଦେ କହଲୋ କଥା ଭଳି ଛି ଛି ଛିରେ ନନି ଛି ମଧ ଅଗ୍ରଗତି କରିଚାଲିବ ମାଆ। ହଉ ଧନ ତୋ ଯଶ କୀର୍ତ୍ତୀ ରହୁ। ତୁ ବଡହୋଇ ଓଡିଶା ମାଟିର ନାମ ଓ ଚିହ୍ନକୁ ଏ ବିଦେଶ ମାଟିରେ ରହି ବଢେଇବା ପାଇଁ ଆଶୀର୍ବାଦ ମାଗିବାକୁ ଯାଉଛି ଶହେଆଠ ବେଲପତ୍ର ସହ ଶିବମନ୍ଦିର ବାପାଙ୍କ ସହ । ଆଜି ପରା ଜାଗର। ବାବା କହୁଥିଲା ରହ ରହ ମାଆ ମୁଁ ତୁମ ଦୁହିଁଙ୍କ ସାଙ୍ଗରେ ଯିବି।

+ ସାକ୍ଷୀଗୋପାଳ, ପୁରୀ
ମୋ: ୯୦୪୦୯୭୭୩୨୭

# ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ, ଉଦଳା

**ଉଦଳା ପୌରାଞ୍ଚଳ ପରିଷଦର ଜନସାଧାରଣଙ୍କୁ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଅବସରରେ ଶୁଭେଚ୍ଛା ଓ ଅଭିନନ୍ଦନ**

- ରାସ୍ତାକଡରେ କିମ୍ବା ରାସ୍ତାରେ ଅଳିଆ ଆବର୍ଜନା ପକାନ୍ତୁ ନାହିଁ ।
- ନିଜ ଘରୁ ବାହାରୁଥିବା ଅଳିଆ ଆବର୍ଜନାକୁ ପୃଥକୀକରଣ (ଓଦା/ଶୁଖିଲା) କରି ପୌରପାଳିକାର ଆସୁଥିବା ଅଳିଆ ସଂଗ୍ରହ ଗାଡିକୁ ହସ୍ତାନ୍ତର କରନ୍ତୁ ।
- ଜଳ ନିଷ୍କାସନ ପାଇଁ ଉଦ୍ଦିଷ୍ଟ ନାଳରେ ଅଳିଆ ଆବର୍ଜନା ପକାନ୍ତୁ ନାହିଁ ।
- ନିୟମିତ ଧାର୍ଯ୍ୟ ଟିକସ ପ୍ରଦାନ କରି ପରିଷଦର ଅର୍ଥନୈତିକ ପ୍ରଗତିରେ ସହାୟକ ହୁଅନ୍ତୁ।
- ଘରେ ନିଜେ ତିଆରି କରିଥିବା ଶୌଚାଳୟ ଏବଂ ବିଜ୍ଞାପିତ ଅଞ୍ଚଳ ତରଫରୁ ନିର୍ମିତ ହୋଇଥିବା ଶୌଚାଳୟ ଓ ପରିସ୍ରାଗାରର ବ୍ୟବହାର କରନ୍ତୁ।
- କଠିନ ବର୍ଜ୍ୟବସ୍ତୁ ପାଇଁ ବ୍ୟବହାରିକ ଧାର୍ଯ୍ୟ ଟିକସ ସ୍ୱଚ୍ଛସାଥି ମାନଙ୍କୁ ଠିକ୍ ସମୟରେ ପ୍ରଦାନ କରନ୍ତୁ ।
- ପଲିଥିନ ତଥା ଥର୍ମକୋଲ ବ୍ୟବହାର ନ କରି ପ୍ରଦୁର୍ଷଣ ମୁକ୍ତ ସହରାଞ୍ଚଳ ଗଠନରେ ସହାୟକ ହୁଅନ୍ତୁ ।
- ଗୃହ ନିର୍ମାଣ ପୂର୍ବରୁ ପୌରପାଳିକା ନକ୍ସା ଅନୁମୋଦନ କରାଇ ନିଅନ୍ତୁ ।
- ରାସ୍ତା ଉପରେ କିମ୍ବା ରାସ୍ତା କଡ଼ରେ ବାଲି, ଗୋଡି, ପଥର ତଥା ଭାରିଯାନ ରଖି ଯାତାୟତରେ ବ୍ୟାଘାତ ସୃଷ୍ଟି କରନ୍ତୁ ନାହିଁ ।
- ଆସନ୍ତୁ ସଭିଏଁ ମିଶି ଉଦଳା ସହରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବାରେ ସହଯୋଗ କରିବା ।

ସ୍ୱା/-
ପ୍ରିୟ ରଞ୍ଜନ ଜେନା
ନିର୍ବାହୀ ଅଧିକାରୀ
ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ

ସ୍ୱା/-
ପ୍ରମିଳା ପଣ୍ଡା
ନଗରପାଳ
ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ

**ପରିଷଦର ସମସ୍ତ କାଉନ୍ସିଲର ବୃନ୍ଦ ଏବଂ କର୍ମଚାରୀଗଣ**

## ଆମ ସହର, ଆମ ଶାସନ, ଆମ ଉନ୍ନତି

# ସ୍ୱାୟତ୍ତ ଶାସନ ଦିବସ ସମାରୋହ ୨୦୨୬ ରାଉରକେଲା

ସ୍ୱାୟତ୍ତ ଶାସନ ଦିବସ ୨୦୨୬ ଅବସରରେ ସମସ୍ତ ରାଉରକେଲାବାସିଙ୍କୁ ରାଉରକେଲା ମହାନଗର ନିଗମ ତରଫରୁ ହାର୍ଦ୍ଦିକ ଶୁଭେଚ୍ଛା।

ସ୍ୱାୟତ୍ତ ଶାସନ ଦିବସ - ଜନସେବା, ଜନସହଭାଗିତା ଓ ସଶକ୍ତ ସ୍ଥାନୀୟ ଶାସନର ଉତ୍ସବ। ଲୋକଙ୍କ ନିକଟରେ ଉନ୍ନୟନ ଓ ଜନସେବା ପହଞ୍ଚାଇବା ସହିତ ଏକ ସ୍ୱଚ୍ଛ, ସୁସ୍ଥ, ସୁନ୍ଦର ଓ ସୁସଂଗଠିତ ସହର ଗଠନରେ ରାଉରକେଲା ମହାନଗର ନିଗମ ସର୍ବଦା ନିଷ୍ଠାହପର ଭାବେ ନିୟୋଜିତ ହୋଇ ରହିଛି।

ଏହି ଅବସରରେ ସମସ୍ତେ ନିଜ ନିଜ ଦାୟିତ୍ୱକୁ ସଚେତନତାର ସହ ପାଳନ କରିବା ସହ ଅବୈଧ ଜବର ଦଖଲ ନିରାକରଣ, ବର୍ଜ୍ୟବସ୍ତୁ ପୃଥକୀକରଣ, ପ୍ଲାଷ୍ଟିକ ଓ ପଲିଥିନ୍ ବ୍ୟବହାରକୁ ସମ୍ପୂର୍ଣ୍ଣ ବର୍ଜନ, ସେପ୍ଟିକ୍ ଟାଙ୍କିର ଆଇନଗତ ଓ ସୁରକ୍ଷିତ ସଫେଇକୁ ଅନୁସରଣ କରି ସହରର ବିକାଶ ଓ ସ୍ୱଚ୍ଛତାରେ ସହଭାଗୀ ହେବାପାଇଁ ପ୍ରତିଜ୍ଞାବଦ୍ଧ ହେବା।

ଏହି ସ୍ୱାୟତ୍ତ ଶାସନ ଦିବସ - ୨୦୨୬ ଅବସରରେ ଜନସାଧାରଣଙ୍କ ସକ୍ରିୟ ସହଯୋଗ ଓ ପୌର ପ୍ରଶାସନର ସମନ୍ୱିତ ପ୍ରୟାସ ମାଧ୍ୟମରେ ଏକ ସ୍ୱଚ୍ଛ, ସୁନ୍ଦର, ସୁରକ୍ଷିତ ଓ ବିକଶିତ ସହର ଗଠନ ଆମ ସମସ୍ତଙ୍କର ଲକ୍ଷ୍ୟ ଓ ସଂକଳ୍ପ ହେଉ।

ଆୟୁକ୍ତ
ରାଉରକେଲା ମହାନଗର ନିଗମ

# ବିଜ୍ଞାପିତ ଅଞ୍ଚଳ ପରିଷଦ, ଦିଗପହଣ୍ଡି (ଗଞ୍ଜାମ)

N.A.C, Digapahandi, Gm.

୧. ଠିକ୍ ସମୟରେ ପରିଷଦର ସମସ୍ତ ଟିକସ ପୈଠ କରନ୍ତୁ ।
୨. ପଲିଥିନର ବ୍ୟବହାରରୁ ନିବୃତ ରହନ୍ତୁ।
୩. ପରିଷଦର ବିନାନୁମତିରେ ନୂତନ ଗୃହ ନିର୍ମାଣ କରନ୍ତୁ ନାହିଁ । ଗୃହ ନକ୍ସା (Building Plan ) ଅନୁମୋଦନ କରି ଗୃହ ନିର୍ମାଣ କରନ୍ତୁ। ଗୃହ ନକ୍ସା (Building Plan), ସମ୍ପତ୍ତି ଟିକସ (Property Tax), ବାଣିଜ୍ୟ ଲାଇସେନ୍ସ (Trade Licence), ବିବାହ ପଞ୍ଜିକରଣ (Marriage Registration) ଇତ୍ୟାଦି ସେବା ପାଇବା ନିମନ୍ତେ ସୁଯୋଗ ପୋର୍ଟାଲ www.sujog.odisha.gov.in ମାଧ୍ୟମରେ ଆବେଦନ କରନ୍ତୁ ।
୪. ନାଳ ନର୍ଦ୍ଦମାରେ ଅଳିଆ ଆବର୍ଜନା ପକାନ୍ତୁ ନାହିଁ । ପରିମଳ କାର୍ଯ୍ୟକ୍ରମକୁ ସୁଦୃଢ ନିମନ୍ତେ ଦୁଇଟି ଡଷ୍ଟବିନ୍ ଠିକ୍ ଭାବେ ବ୍ୟବହାର କରନ୍ତୁ ଏବଂ ଗୃହର ମଇଳାକୁ ସଚ୍ଛତା ରଥରେ ଦିଅନ୍ତୁ ଏବଂ ନିଜ ଘରର ୫ ମିଟର ପରିସର ସଫା ରଖନ୍ତୁ । ପରିମଳ କର୍ମଚାରୀ ତଥା ସ୍ୱଚ୍ଛସାଥୀ ଭଉଣୀ ମାନଙ୍କୁ ସଦା ସର୍ବଦା ସହଯୋଗ କରନ୍ତୁ ।
୫. ଖୋଲା ସ୍ଥାନରେ ମଳତ୍ୟାଗ କରନ୍ତୁ ନାହିଁ ।
୬. ନିଜ ଗୃହ ପାଇଖାନାର ମଳ Drainକୁ ଛାଡ଼ନ୍ତୁ ନାହିଁ ।
୭. ଗାଈ ଗୋରୁ ଓ ଗୃହପଳିତ ପଶୁଙ୍କୁ ସର୍ବସାଧାରଣ ରାସ୍ତାକୁ ଛାଡନ୍ତୁ ନାହିଁ ।
୮. ଦିଗପହଣ୍ଡି ସହରର ପ୍ରତ୍ୟେକ ବ୍ୟବସାୟୀଙ୍କୁ ଅନୁରୋଧ ସୁଯୋଗ ପୋର୍ଟାଲ ମାଧ୍ୟମରେ ଆବେଦନ କରି ନିଜର ଟ୍ରେଡ ଲାଇସେନ୍ସ କରାଇ ନିଅନ୍ତୁ ।
୯. ଖାଦ୍ୟ ପ୍ରସ୍ତୁତ କରି ବିକ୍ରି କରୁଥିବା ସମସ୍ତ ବ୍ୟବସାୟୀ ଖାଦ୍ୟ ଲାଇସେନ୍ସ ( Food Licence) ନିଶ୍ଚିନ୍ତ କରନ୍ତୁ । ଏଥିସହ ଜନସାଧାରଣଙ୍କ ନିମନ୍ତେ ଜଳଶୋଧନ ଯନ୍ତ୍ର (Water Purifier) ଦ୍ୱାରା ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରନ୍ତୁ, ପ୍ରସ୍ତୁତ ଖାଦ୍ୟରେ କୌଣସି ପ୍ରକାର ରଙ୍ଗ ବ୍ୟବହାର କରନ୍ତୁ ନାହିଁ ।
୧୦. ବୃକ୍ଷରୋପଣ କରନ୍ତୁ ଏବଂ ଏହାର ସଠିକ ଭାବେ ଯତ୍ନ ନିଅନ୍ତୁ । ସ୍ୱଚ୍ଛ, ସବୁଜ ସୁନ୍ଦର ପ୍ରଦୂଷଣ ମୁକ୍ତ ପରିବେଶ ଭାବେ ସହରକୁ ଗଢି ତୋଳିବାରେ ସହାୟକ ହୁଅନ୍ତି ।

"ଆମ ସ୍ୱାଭିମାନ" -ଆମ ସ୍ୱଚ୍ଛ, ସବୁଜ ଏବଂ ସୁନ୍ଦର ସହର 'ଦିଗପହଣ୍ଡି'

ସ୍ୱାକ୍ଷର
ଶ୍ରୀଯୁକ୍ତ ଅବିନାଶ ମିଶ୍ର
(ଓ.ଆର.ଏସ.)
କାର୍ଯ୍ୟନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ,
ଦିଗପହଣ୍ଡି

ସ୍ୱାକ୍ଷର
ଶ୍ରୀଯୁକ୍ତ ପ୍ରଫୁଲ୍ଲ ପଣ୍ଡା
(ଅଧକ୍ଷ)
ବିଜ୍ଞାପିତ ଅଞ୍ଚଳ
ପରିଷଦ,ଦିଗପହଣ୍ଡି

## ଶୁଭେଚ୍ଛା ସହ .....

# ପୌରପରିଷଦ, ରାଇରଙ୍ଗପୁର




**ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ -୨୦୨୬ ପାଳନ ଅବସରରେ ପୌର ପରିଷଦ, ରାଇରଂଗପୁର ସହରର ସମସ୍ତ ଜନସାଧାରଣମାନଙ୍କୁ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରିବା ସଙ୍ଗେ ସଙ୍ଗେ ରାଇରଙ୍ଗପୁର ସହରର ସର୍ବାଙ୍ଗୀନ ଉନ୍ନତି ପାଇଁ ସହରବାସୀଙ୍କ ସହଯୋଗ କାମନା କରୁଅଛୁ ।**

**ନିବେଦନ:**

୧- ରାଇରଙ୍ଗପୁର ସହରକୁ ସରସ, ସୁନ୍ଦର ଓ ସବୁଜିମା ଭରା ଏକ ଉନ୍ନତ ସହର ରୂପେ ଗଢ଼ି ତୋଳିବାରେ ସହାୟକ ହୁଅନ୍ତୁ ।
୨-ପ୍ଲାଷ୍ଟିକ୍ ଜରିର ବ୍ୟବହାର ସରକାରଙ୍କ ଦ୍ୱାରା ସଂପୂର୍ଣ୍ଣ ନିଷିଦ୍ଧ ଘୋଷଣା କରାଯାଇଥିବାରୁ ସହରର ସମସ୍ତ ଜନସାଧାରଣ ଏବଂ ଦୋକାନୀମାନଙ୍କୁ ଅନୁରୋଧ ଏହାର ବ୍ୟବହାର କରନ୍ତୁ ନାହିଁ ।
୩- ପରିଷଦ ସମ୍ପତ୍ତି ଆପଣଙ୍କର । ଏହାର ସୁରକ୍ଷା ଏବଂ ରକ୍ଷଣା ବେକ୍ଷଣରେ ସହଯୋଗ କରନ୍ତୁ।

''ପୌର ସେବା କର ପାଇଁ ପୌର କର ସେବା ପାଇଁ''

ଶ୍ରୀଯୁକ୍ତ ଅଭିଷେକ ପଟ୍ଟନାୟକ
ଅଧକ୍ଷ
ପୌରପରିଷଦ,
ରାଇରଙ୍ଗପୁର

ଶ୍ରୀମତୀ ମମିତା ଚୌଧୁରୀ,
ଉପାଧକ୍ଷା ଏବଂ
ପାରିଷଦ ବୃନ୍ଦ
ପୌରପରିଷଦ, ରାଇରଙ୍ଗପୁର

ଶ୍ରୀମତୀ ଶକୁନ୍ତଳା ହାଁସଦାଃ
(ଓ.ରା.ସେ.)
କାର୍ଯ୍ୟନିର୍ବାହା ଅଧିକାରୀ
ଏବଂ ସମସ୍ତ କର୍ମଚାରୀ ବୃନ୍ଦ
ପୌରପରିଷଦ, ରାଇରଙ୍ଗପୁର

# ବିଜ୍ଞାପିତ ଅଞ୍ଚଳ ପରିଷଦ, ଚିକିଟି, ଜିଲ୍ଲା: ଗଞ୍ଜାମ

**ଦୈନିକ ଖବର କାଗଜମାନଙ୍କୁ ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ବିଜ୍ଞାପିତ ଅଞ୍ଚଳ ପରିଷଦ, ଚିକିଟି ତରଫରୁ ସମସ୍ତ ଜନସାଧାରଣମାନଙ୍କୁ ପରିଷଦ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ।**

## ପରିଷଦ ତରଫରୁ ଆମର ସଂକଳ୍ପ

୧. ଠିକ୍ ସମୟରେ ପରିଷଦର ସମସ୍ତ ଟିକସ ପଇଠ କରନ୍ତୁ ।
୨. ବିଜୁ ଆଦର୍ଶ କଲୋନୀ ମାଧମରେ ସମସ୍ତ ବସ୍ତି ବାସିନ୍ଦାଙ୍କ ନିମନ୍ତେ ବାସପଯୋଗୀ ସୁନ୍ଦର କଲୋନୀ ସ୍ଥାପିତ କରାଯାଇଛି ।
୩. ଅତ୍ୟାଧୁନିକ ଏବଂ ସୁନ୍ଦର ଶ୍ମଶାନ ରୂପାନ୍ତିକରଣ ।
୪. ଆବାସ ଯୋଜନାରେ ବାସହୀନ ପରିବାରମାନଙ୍କୁ ବାସଗୃହ ପ୍ରଦାନ କରାଯିବ ।
୫. ସମସ୍ତ ରାସ୍ତାର ଏଲଇଡି ଲାଇଟ ଦ୍ୱାରା ଆଲୋକିକରଣ କରାଯାଇଅଛି ।
୬. ଯୋଗ୍ୟ ହିତାଧିରୀମାନଙ୍କୁ ଖାଉଟି କଲ୍ୟାଣ କାର୍ଡ ଏବଂ ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ବିକଳାଙ୍ଗ ଭତ୍ତା ବଣ୍ଟନ କରାଯାଇଅଛି ।
୭. ଗାଈ ଗୋରୁ ଓ ଗୃହପାଳିତ ପଶୁଙ୍କୁ ସର୍ବସାଧାରଣ ରାସ୍ତାକୁ ଛାଡ଼ନ୍ତୁ ନାହିଁ ।
୮. ଗ୍ରୀନ ସିଟି ମିଶନରେ ରାସ୍ତାର ଉଭୟ ପାର୍ଶ୍ୱରେ ବୃକ୍ଷରୋପଣ କାର୍ଯ୍ୟ କରାଯାଇଅଛି ।
୯. ଅଳିଆ ଆବର୍ଜନା ପଡୁଥିବା ସ୍ଥାନକୁ ସୁନ୍ଦର ଏବଂ ମନୋରମ ସେଲଫି ପଏଣ୍ଟ (Selfie Point)ପରିବର୍ତ୍ତିତ କରାଯାଇଅଛି ।
୧୦. ଘରୁ ବାହାରୁଥିବା ଅଳିଆ ଆବର୍ଜନା ଗୁଡିକୁ ଏମସିସି, ଏମଆରଏଫ (MCC, MRF) ପ୍ରଣାଳୀରେ ମୋ ଖତ ପ୍ରସ୍ତୁତ କରାଯାଇ ବହୁ ମାତ୍ରାରେ ଜନ ଆଦୃତ ହୋଇ ପାରୁଅଛି ।
୧୧. ବହୁ ମାତ୍ରାରେ ସଫା ଆପ୍ (Safa App) ବ୍ୟବହାର କରି ସେସପୁଲ ଗାଡି, ପାଣି ଟ୍ୟାଙ୍କର ଏବଂ କଲ୍ୟାଣ ମଣ୍ଡପର ସୁବିଧା ଦିଆଯାଉଅଛି ।
୧୨. ଓଦା ଏବଂ ଶୁଖିଲା ଆବର୍ଜନାକୁ ପୃଥକ ପୃଥକ କରି ଅଳିଆ ଗାଡିରେ ଅଳିଆ ପକାଇବା ଓ ମିଳିମିଶି ଆମ ସହରକୁ ସ୍ୱଚ୍ଛ ସୁନ୍ଦର କରି ଗଢି ତୋଳିବା ।
୧୩. ପୋଖରୀ ଗୁଡିକର ପୁନରୁଦ୍ଧାର କରାଯାଇ ରୂପାନ୍ତିକରଣ କରାଯାଇଛି ।

**ସହରର ସମସ୍ତ ଜନସାଧାରଣ ପରିଷଦର ବିକାଶରେ ସହଯୋଗ କରିବା ଏକାନ୍ତ କାମ୍ୟ।**

'ସ୍ୱଚ୍ଛ କର୍ମୀଙ୍କ ମୁହଁରେ ଆଣିଛି ହସ, ଚିକିଟିକୁ ସ୍ୱଚ୍ଛ ରଖିବା ଆମର ପ୍ରୟାସ"
'ସ୍ୱଚ୍ଛ ଗଞ୍ଜାମ ସୁସ୍ଥ ଗଞ୍ଜାମ
ସ୍ୱଚ୍ଛ ଚିକିଟି ସୁସ୍ଥ ଚିକିଟି'

ସ୍ୱା/-
ଶ୍ରୀଯୁକ୍ତ ହର ପ୍ରସାଦ ଚୌଧୁରୀ
ଉପ ନଗରପାଳ
ବିଜ୍ଞାପିତ ଅଞ୍ଚଳ ପରିଷଦ,
ଚିକିଟି

ସ୍ୱା/--
ଶ୍ରୀ ସିଦ୍ଧାର୍ଥ ସୋରେନ
କାର୍ଯ୍ୟ ନିର୍ବାହୀ ଅଧିରୀ,
ବିଜ୍ଞାପିତଅଞ୍ଚଳ ପରିଷଦ,
ଚିକିଟି

ସ୍ୱା/-
ଶ୍ରୀମତୀ ଦୀପା କୁମାରୀ ସାହୁ
ନଗରପାଳିକା ବିଜ୍ଞାପିତଅଞ୍ଚଳ
ପରିଷଦ, ଚିକିଟି


# ବିଶିଷ୍ଟ ସମାଜସେବୀ ମଧୁସୂଦନ ଦାସଙ୍କ ସ୍ମୃତି ଚାରଣ ସଭା ଅନୁଷ୍ଠିତ




ବାସୁଦେବପୁର,୩୦/୦୮ (ନିପ୍ର): ବାସୁଦେବପୁର ସହରରେ ଜନ୍ମ ଗ୍ରହଣ କରିଥିବା ବିଶିଷ୍ଟ ସମାଜ ସେବୀ ତଥା ଅଧ୍ୟାତ୍ମିକ ଚିନ୍ତାଧାରାର ସଫଳ ମଣିଷ ମଧୁସୂଦନ ଦାସ ଓରଫ୍ ଗଦା ଭାଇଙ୍କ ସ୍ମୃତି ଚାରଣ ସଭା ଏକ ମଧୁର ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇ ଯାଇଛି। ବିଶିଷ୍ଟ ଶିକ୍ଷାବିତ ଦୁଃଶାସନ ରାଉତ ଏହି ସଭାରେ ସଭାପତିତ୍ୱ କରିଥିଲେ। ଏହି ସଭାରେ ଶିକ୍ଷାବିତ୍ ପଣ୍ଡିତ ଦୟାନିଧି ଦାଶ, ଧାମନଗରର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ, ପୂର୍ବତନ ବିଧାୟକ ବିଷ୍ଣୁ ବ୍ରତ ରାଉତରାୟ, ବିଶିଷ୍ଟ ସାମ୍ୟବାଦୀ ନେତା ବୈଲୋଚନ ଜେନା, କବି ରତ୍ନାକର ବାରିକ୍, କବି ବିକାଶ କୁମାର ଶତପଥୀ , ଶିକ୍ଷାବିତ୍ ରତ୍ନାକର ମଲ୍ଲିକ, କବି ଭାଗୀରଥି ପଲେଇ, କବି ସୁଧାଂଶୁ ଶେଖର ମିଶ୍ର, ବ୍ରହ୍ମା କୁମାର ସୁଧାକର ଭାଇ, ଆଇନଜୀବୀ ବିଜୟ ରାୟ, ଶିଳ୍ପପତି ମହେଶ ଦାସ, ଆଇନଜୀବି ସ୍ମୃତି ରଞ୍ଜନ ପଲିତା,ଅଧ୍ୟାପକ ବିଜୟ ଅଗସ୍ତି, ସମାଜସେବୀ ଚନ୍ଦ୍ରକାନ୍ତ ଦାସ,ବଳରାମ ଜେନା, ପ୍ରଫୁଲ୍ଲ ଭାଇ,ପ୍ରଭାକର ଭାଇ, ବ୍ରହ୍ମା କୁମାର ଅନନ୍ତ ଭାଇ, ମହାତ୍ମା ଗାନ୍ଧୀ ପାଠାଗାରର ସମ୍ପାଦକ ତଥା କବି ଓ ସାମ୍ବାଦିକ ପ୍ରଦୀପ୍ତ କୁମାର ମହାନ୍ତି ପ୍ରମୁଖ ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ବିଶିଷ୍ଟ ସମାଜସେବୀ ମଧୁସୂଦନ ଦାସଙ୍କ କର୍ମମୟ ଜୀବନର ବିଭିନ୍ନ ଦିଗ ପ୍ରତି ଆଲୋଚନା କରିଥିଲେ। ଗଦା ଭାଇଙ୍କ ଜନ୍ମ ମାଟି ଓ ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ପରିସରରେ ଦୁଇଟି ସ୍ଥାନରେ ଏକାଦଶାହ ଅବସରରେ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଥିଲା। ଗଦା ଭାଇଙ୍କ ଧର୍ମପତ୍ନୀ ଜ୍ୟୋତ୍ସ୍ନାମୟୀ ଦାସ, କନ୍ୟା ସନ୍ଧ୍ୟା ଦାସ, ପୁତ୍ର ବ୍ରଜ କିଶୋର ଦାସ, ନିହାର ରଞ୍ଜନ ଦାସ, ସୌମ୍ୟ ରଞ୍ଜନ ଦାସ, କ୍ୱାଇଁ କମଳାକାନ୍ତ ଜେନା ଓ ପରିବାର ବର୍ଗ ଏହି ସଭାରେ ଯୋଗ ଦେଇଥିଲେ। ବାସୁଦେବପୁର ଶାଖା ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ଅନୁଷ୍ଠାନ ପ୍ରତିଷ୍ଠା କ୍ଷେତ୍ରରେ ଗଦା ଭାଇଙ୍କ ମୁଖ୍ୟ ଅବଦାନ ରହିଥିଲା। ଏହି କାର୍ଯ୍ୟକ୍ରମରେ ବାସୁଦେବପୁର ପ୍ରଜାପିତା ବ୍ରହ୍ମାକୁମାରୀ ଆଶ୍ରମର ମୁଖ୍ୟ ସଞ୍ଚାଳିକା ପ୍ରତିମା ଭଉଣୀ, ରତି ଭାଇ ଓ ସମସ୍ତ ଭାଇ ଭଉଣୀ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ କବି, ସାହିତ୍ୟିକ, ଶିକ୍ଷକ, ଶିକ୍ଷୟତ୍ରୀ, ଶିକ୍ଷାବିତ, ସମାଜସେବୀ, କଳାକାର, ଛାତ୍ର ଛାତ୍ରୀ, ଜନ ସାଧାରଣ ଯୋଗ ଦେଇଥିଲେ। ଏହି ଅବସରରେ ପବିତ୍ର ରକ୍ଷା ବନ୍ଧନ ଉତ୍ସବରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ଭଉଣୀ ମାନେ ଭାଇ ମାନଙ୍କ ହାତରେ ରାକ୍ଷୀ ବାନ୍ଧି ଥିଲେ।

# ଜଳେଶ୍ୱର ପୌରପାଳିକାର ଅଧକ୍ଷଙ୍କ ରିପୋର୍ଟ କାର୍ଡକୁ ନେଇ ଗର୍ଜିଲା ଜଳେଶ୍ୱର ବିଜେପି: ସଫଳତା କହି ବିଫଳତା ଲୁଚାଉଥିବା ଅଭିଯୋଗ

ଜଳେଶ୍ୱର,୩୦/୦୮ (ନିପ୍ର): ଜଳେଶ୍ୱର ପୌରପାଳିକା ଅଧକ୍ଷ ପ୍ରତୀପ କୁମାର ପ୍ରଧାନଙ୍କ ଚାରି ବର୍ଷର କାର୍ଯ୍ୟକାଳ ପୂର୍ତ୍ତି ଅବସରରେ ପ୍ରକାଶିତ 'ରିପୋର୍ଟ କାର୍ଡ'କୁ ନେଇ ଅଧକ୍ଷକଙ୍କ ଉପରେ ବର୍ଷିଛି ଭାରତୀୟ ଜନତା ପାର୍ଟି ।ଅଧକ୍ଷ ସଫଳତା ଡିଣ୍ଡିମ ପିଟି ପ୍ରକୃତ ବିଫଳତାକୁ ଲୁଚାଉଥିବା ବିଜେପି ଅଭିଯୋଗ କରିଛି। ରବିବାର ଅପରାହ୍ନ ୪ ଘଟିକା ସମୟରେ ଜଳେଶ୍ୱର ବିଜେପି କାର୍ଯ୍ୟାଳୟଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ନଗର ମଣ୍ଡଳ ସଭାପତି ଶିବ ନାରାୟଣ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ବିଜେପି ନେତୃବୃନ୍ଦ ପୌରପାଳିକାର ବିଭିନ୍ନ ପ୍ରକଳ୍ପ ଓ ଜନସାଧାରଣଙ୍କ ମୌଳିକ ସମସ୍ୟାକୁ ନେଇ ଅନେକ ପ୍ରଶ୍ନ ଉଠାଇଥିଲେ। ବସଷ୍ଟାଣ୍ଡ ଓ ଡ୍ରେନେଜ୍ ସମସ୍ୟା ।ଦୀର୍ଘ ଦିନର ଦାବି ସତ୍ତ୍ୱେ ଜଳେଶ୍ୱରରେ ଏପର୍ଯ୍ୟନ୍ତ ବସ୍ ଷ୍ଟାଣ୍ଡ ନିର୍ମାଣ ହୋଇପାରି ନ ଥିବା ବେଳେ ବର୍ଷା ଜଳ ନିଷ୍କାସନ ପାଇଁ ଡ୍ରେନେଜ୍ ମାଷ୍ଟର ପ୍ଲାନ୍ କେଉଁଠି ରହିଲା ବୋଲି ଦଳ ପ୍ରଶ୍ନ କରିଛି। ମହାନାଳ ଖନନ,ପୋଖରୀ ଖୋଳା ଏବଂ 'ମୁକ୍ତା' ଯୋଜନାରେ ଅନିୟମିତତା ହୋଇଥିବା ଅଭିଯୋଗ କରାଯାଇଛି। ଏହାସହ ସଫେଇ ନାମରେ ଜୈନିକ କାଉନସିଲରଙ୍କୁ ଦୀର୍ଘଦିନ ଦାୟିତ୍ୱ




ଦିଆଯିବା ଏବଂ କାଉନସିଲରଙ୍କ ପରିବାର ସଦସ୍ୟଙ୍କ ନାମରେ ଶ୍ରମିକ ବିଲ୍ ଉଠାଣ କରାଯାଉଥିବା ନେଇ ଦଳ ସ୍ପଷ୍ଟୀକରଣ ଦାବି କରିଛି। ବିଜୁ ଆଦର୍ଶ କଲୋନୀରେ ରାସ୍ତାଘାଟର ଅବସ୍ଥା ଶୋଚନୀୟ ଥିବା ବେଳେ ହିତାଧିକାରୀଙ୍କୁ ପଟା ମିଳିନାହିଁ। ସେହିପରି ଷ୍ଟର୍ମ ୱାଟର ପ୍ରକଳ୍ପ ସର୍ଭେ ନାମରେ ଲୋକଙ୍କୁ ଭୂଆ ବୁଲାଯାଉଥିବା ଏବଂ 'ଆଇ ଲଭ୍ ଜଳେଶ୍ୱର' ପ୍ରକଳ୍ପର ନିର୍ମାଣ ଅଟକଳ ଟଙ୍କାର ହିସାବ ସାର୍ବଜନୀନ କରିବାକୁ ଦାବି ହୋଇଛି। ଜି.କେ. ଭଟ୍ଟର ହସ୍ପିଟାଲର ବନ୍ୟାପାଣି ନିଷ୍କାସନ,ବାରମୁହାଁ ପୋଲ ସଫେଇ,ଟାଉନ୍ ହଲ୍ ନିର୍ମାଣ ଏବଂ ସ୍ଥାନୀୟ ଯୁବକଙ୍କ ନିଯୁକ୍ତି ପାଇଁ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କ୍ଷେତ୍ରରେ ପୌରପାଳିକା ସମ୍ପୂର୍ଣ୍ଣ ଫେଲ୍ ମାରିଛି। ସାମ୍ବାଦିକ ସମ୍ମିଳନୀରେ ସ୍ପଷ୍ଟ କରାଯାଇଛି ଯେ ଆଗାମୀ ପୌର ନିର୍ବାଚନରେ ବିଜେପି ବିଜୟୀ ହେଲେ ଜଳେଶ୍ୱରବାସୀଙ୍କ ଜଳ ନିଷ୍କାସନ ଓ ମୌଳିକ ସମସ୍ୟାର ସ୍ଥାୟୀ ସମାଧାନକୁ ପ୍ରାଥମିକତା ଦିଆଯିବ। ଏହି ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ବିଜେପି ନେତା ବ୍ରଜମୋହନ ପ୍ରଧାନ,ଉତ୍ତର ବାଲେଶ୍ୱର ବିଜେପି ଯୁବ ମୋର୍ଚ୍ଚା ଜିଲ୍ଲା ସଭାପତି ଫାଲଗୁନି ପାଣିଗ୍ରାହୀ,ଜିଲ୍ଲା ସମ୍ପାଦିକା ଦେବଯାନୀ ଓଣ୍ଡିଆ, ରାଜେଶ ଖଟୁଆଙ୍କ ସମେତ ୧୭ଟି ୱାର୍ଡର ବହୁ ଦଳୀୟ କର୍ମୀ ଓ ନେତୃବୃନ୍ଦ ଉପସ୍ଥିତ ଥିଲେ।

## ହଳଦିଆ ପଦର କାର୍ ସର୍ଭିସିଙ୍ଗ ସେଂଟରରେ ଅଗ୍ନିକାଣ୍ଡ

ଗଞ୍ଜାମ, ୨୯ ଅଗଷ୍ଟ (ହି.ସ.)- ବ୍ରହ୍ମପୁର ନିକଟସ୍ଥ ହଳଦିଆ ପଦର କାର ସର୍ଭିସିଙ୍ଗ ସେଂଟରରେ ଅଗ୍ନିକାଣ୍ଡ ଘଟି ଏହା ବ୍ୟାପକ ଆକାର ଧାରଣ କରିଥିଲା। ଆଜି ସକାଳୁ ସିକ୍ୟୁରିଟି ଗାର୍ଡଠାରୁ ଖବର ପାଇ ବ୍ରହ୍ମପୁର ଅଗ୍ନିଶମ ବାହିନୀ ପହଂଚି ନିଆଁକୁ ଆୟତ କରିବାକୁ ଉଦ୍ୟମ କରିଥିଲା। ଅଗ୍ନିକାଣ୍ଡ ଏତେ ବ୍ୟାପକ ଥିଲାଯେ ଘଟଣାସ୍ଥଳରେ ୧୦ଟି ଦମକଳ୍ବାହିନୀ ପହଂଚି ନିଆଁକୁ ଆୟତ କରିଥିଲେ । ନିଆଁକୁ ଆୟତ କରିବାକୁ ପ୍ରାୟ ୪ ଘଂଟା ସମୟ ଲାଗିଥିଲା। ଅଗ୍ନିକାଣ୍ଡର ସଠିକ୍ କାରଣ ଜଣାପଡିନଥିଲେ ମଧ୍ୟ ବିଦ୍ୟୁତ ସର୍ଟସର୍କିଟ ଯୋଗୁଁ ଏହି ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ଅଦ୍ୟାବଧି କ୍ଷୟକ୍ଷତିର ଆକଳନ କରାଯାଇନାହିଁ ।

# ବିଜ୍ଞାପିତ ଅଞ୍ଚଳ ପରିଷଦ, ଗୋପାଳପୁର

ଆସନ୍ତୁ ସମସ୍ତେ ମିଳିମିଶି ସଂକଳ୍ପ ନେବା :

- ଆମ ସହରକୁ ଆମେ ଗଢ଼ିବା ଓ ସୁନ୍ଦର ରଖିବା ।
- ପରିଷଦର ଟିକସ ଠିକ ସମୟରେ ପୈଠ କରି ପରିଷଦର ଆର୍ଥିକ ମେରୁଦଣ୍ଡକୁ ସୁଦୃଢ଼ କରିବା ।
- ସମୁଦ୍ରରେ ଗାଧୋଇବା ସମୟରେ ସତର୍କତା ଅବଲମ୍ବନ କରନ୍ତୁ ।
- ପରିବେଶ ଓ ସମୁଦ୍ର କୁଳକୁ ସର୍ବଦା ସଫାସୁତୁରା ରଖନ୍ତୁ ।
- ପଲିଥିନ ବ୍ୟବହାର କରିବା ନାହିଁ ।
- ଖୋଲାରେ ଶୌଚ କରନ୍ତୁ ନାହିଁ ଓ ଶୌଚାଳୟ ବ୍ୟବହାର କରନ୍ତୁ ।
- ଉପଭୋକ୍ତା ଦେୟ ଏବଂ ବ୍ୟବସାୟିକ ଅନୁଷ୍ଠାନ ପାଇଁ ଅନୁମତି ଦେୟ ପରିଷଦକୁ ପୈଠ କରନ୍ତୁ ।


ଶ୍ରୀ ଏ ଜାନକୀ ରାମ
ଅଧ୍ୟକ୍ଷ


ଶ୍ରୀମତୀ ବି ଉମା
ଉପାଧ୍ୟକ୍ଷା


ଶ୍ରୀ ମନୋଜ କୁମାର ନାହାକ
ନିର୍ବାହୀ ଅଧିକାରୀ

### ସଭ୍ୟ ସଭ୍ୟା ବୃନ୍ଦ

ଶ୍ରୀ ଏସ. ବିରେନ କୁମାର
ଶ୍ରୀ ରତନି କୁମାରୀ ନାୟକ
ଶ୍ରୀମତୀ କଳ୍ପନା ବେହେରା
ଶ୍ରୀମତୀ ନିର୍ମଳା କୁଜୁର
ଶ୍ରୀମତୀ ସୁନିତା ସାହୁ
ଶ୍ରୀମତୀ ଏମ କାମେଶ୍ୱରୀ
ଶ୍ରୀ ଜି. ମୋହନ ରାଓ
ଶ୍ରୀ ଜି. ମୋହନ ରାଓ
ଶ୍ରୀ କେ. କାଲେଶୁ

# ବାରିପଦା ପୌରପାଳିକା

## ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ - ୨୦୨୬

ଅବସରରେ ବାରିପଦାବାସୀଙ୍କୁ ପୌରପାଳିକାର

## ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା

**ଆସନ୍ତୁ ସମସ୍ତେ ମିଶି ବାରିପଦା ସହରକୁ ସ୍ୱଚ୍ଛ ଓ ସୁନ୍ଦର ଭାବେ ଗଢ଼ି ତୋଳିବା ପାଇଁ ସଂକଳ୍ପବଦ୍ଧ ହେବା ଏବଂ ଆମ ସହରର ଉନ୍ନତିରେ ନିଜକୁ ସାମିଲ କରିବା ।**

ସୀମା ଦାସ
ଉପନଗରପାଳ ଓ
ବାରିପଦା ପୌରପାଳିକା
ଓ ସମସ୍ତ
କାଉନସିଲରବୃନ୍ଦ

ଦେବୀପ୍ରସାଦ ରାଉତ,
ଓ.ପ୍ର.ସେ - ଏ
(ଜେ.ବି)
ନିର୍ବାହୀ ଅଧିକାରୀ,
ବାରିପଦା ପୌରପାଳିକା

କୃଷ୍ଣାନନ୍ଦ ମହାନ୍ତି
ନଗରପାଳ,
ବାରିପଦା
ପୌରପାଳିକା

# ବ୍ରହ୍ମପୁର ମହାନଗର ନିଗମ

**ସବୁଜ ସୁନ୍ଦର ବ୍ରହ୍ମପୁର ସହର ପାଇଁ ସର୍ବସାଧାରଣଙ୍କୁ ଅନୁରୋଧ**

### କରନ୍ତୁ:

(୧) ଆପଣଙ୍କ ଘର/ଅନୁଷ୍ଠାନର ଓଦା ବର୍ଜ୍ୟବସ୍ତୁ ଯଥା ପରିବା ଚୋପା, ବାସି ଖାଦ୍ୟ ଇତ୍ୟାଦି ଶାଗୁଆ ରଙ୍ଗର ଡଷ୍ଟବିନ୍‌ରେ ଏବଂ ଶୁଖିଲା ବର୍ଜ୍ୟବସ୍ତୁ ଯଥା କାଗଜ / ପ୍ଲାଷ୍ଟିକ୍ ଇତ୍ୟାଦିକୁ ନୀଳ ରଙ୍ଗର ଡଷ୍ଟବିନ୍‌ରେ ଅଲଗା ଅଲଗା କରି ରଖନ୍ତୁ ଏବଂ ଦୈନିକ ମହାନଗର ନିଗମ ଦ୍ୱାରା ନିୟୋଜିତ ଆବର୍ଜନା ସଂଗ୍ରହକାରୀ ଯାନରେ ପକାନ୍ତୁ ।
(୨) ବର୍ଜ୍ୟବସ୍ତୁ ସଂଗ୍ରହ ପାଇଁ ଉପଭୋକ୍ତା ଦେୟ ସ୍ୱଚ୍ଛସାଥୀଙ୍କୁ ପ୍ରଦାନ କରନ୍ତୁ ।
(୩) ବର୍ଜ୍ୟବସ୍ତୁ ଉତ୍ପାଦନକୁ କମ୍ କରନ୍ତୁ ।
(୪) ସେପଟିକ୍ ଟ୍ୟାଙ୍କ ସହିତ ଶୌଚାଳୟକୁ ସଂଯୋଗ କରନ୍ତୁ ଏବଂ ଏହାକୁ ପ୍ରତି ତିନି ବର୍ଷରେ ଥରେ ସଫା କରନ୍ତୁ ।
(୫) ଅତି କମ୍‌ରେ ନିଜର ୫ ମିଟର ପରିସର ପର୍ଯ୍ୟନ୍ତ ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖନ୍ତୁ ।

### କରନ୍ତୁ ନାହିଁ

(୧) ଗୋଟିଏ ଡଷ୍ଟବିନ୍‌ରେ ଓଦା ଏବଂ ଶୁଖିଲା ଅଳିଆ ମିଶ୍ରଣ କରନ୍ତୁ ନାହିଁ ।
(୨) ଘରୋଇ ପଚାସଢ଼ା ବର୍ଜ୍ୟବସ୍ତୁ ଏବଂ ଘରୋଇ ବର୍ଜ୍ୟବସ୍ତୁ ସହ ଅଦରକାରୀ ପଦାର୍ଥ ଯଥା କାଗଜ, ପ୍ଲାଷ୍ଟିକ୍ ଇତ୍ୟାଦି ମିଶ୍ରଣ କରନ୍ତୁ ନାହିଁ।
(୩) ବାଲକୋନି / ଝରକାରୁ ସର୍ବସାଧାରଣ ରାସ୍ତା କିମ୍ବା ଡ୍ରେନ୍‌କୁ ଅଳିଆ ପକାନ୍ତୁ ନାହିଁ ।
(୪) ଶୌଚାଳୟକୁ ନର୍ଦ୍ଦମା ସହ ସଂଯୋଗ କରନ୍ତୁ ନାହିଁ ।
(୫) ନିଜର ୫ ମିଟର ପରିସର ପର୍ଯ୍ୟନ୍ତ ଅପରିଷ୍କାର କରନ୍ତୁ ନାହିଁ ।
(୬) ପଲିଥିନ୍ ବ୍ୟାଗ୍, କପ୍, ପ୍ଲାଷ୍ଟିକ୍ ଚାମଚ, ଥରମୋକଲ ଇତ୍ୟାଦି ବ୍ୟବହାର କରନ୍ତୁ ନାହିଁ ।
(୭) ଟାୟର, ଫୁଲକୁଣ୍ଡ, ଅନ୍ୟାନ୍ୟ ପାତ୍ର ଇତ୍ୟାଦିରେ ଦିନ ଦିନ ବ୍ୟାପି ପାଣି ଜମା ହେବାକୁ ଦିଅନ୍ତୁ ନାହିଁ ।

ଶ୍ରୀ ସମୀର କୁମାର ଜେନା,
କମିଶନର
ବ୍ରହ୍ମପୁର ମହାନଗର ନିଗମ

ଶ୍ରୀମତୀ ସଂଘମିତ୍ରା ଦଳେଇ,
ମେୟର
ବ୍ରହ୍ମପୁର ମହାନଗର ନିଗମ

ଶ୍ରୀ ଇ. ବିବେକ୍ ରେଡ୍ଡୀ,
ଡେ଼ପୁଟି ମେୟର
ବ୍ରହ୍ମପୁର ମହାନଗର ନିଗମ ଓ
ସମସ୍ତ କର୍ପୋରେଟର ବୃନ୍ଦ
ବ୍ରହ୍ମପୁର ମହାନଗର ନିଗମ

# ପାରାଦ୍ୱୀପ ପୌର ପରିଷଦ, ପାରାଦ୍ୱୀପ

ସ୍ୱାୟତ୍ତ ଶାସନ ଦିବସ -୨୦୨୬ ଶୁଭେଚ୍ଛା ଓ ଅଭିନନ୍ଦନ ପାରାଦ୍ୱୀପ ସହରର ସ୍ୱଚ୍ଛ ପରିବେଶ, ସବୁଜିମା ଓ ସର୍ବାଙ୍ଗୀନ ବିକାଶ ଆମର ସଂକଳ୍ପ :-

୧. ଏକକ ବ୍ୟବହୃତ ପଲିଥିନ କିଣିବା, ବିକିବା ଓ ବ୍ୟବହାର ସଂପୂର୍ଣ୍ଣ ନିଷେଧ ।
୨. ପରିବେଶର ସୁରକ୍ଷା ପାଇଁ ବୃକ୍ଷରୋପଣ କରନ୍ତୁ ଓ ଯତ୍ନ ନିଅନ୍ତୁ।
୩. ଘରର ଆର୍ବଜନା ଏଣେତେଣେ ନପକାଇ ପୃଥକୀକରଣ କରି ପୌରପାଳିକା ଦ୍ୱାରା ପରିଚାଳିତ ଗାଡ଼ିରେ ଦିଅନ୍ତୁ।
୪. ସ୍ୱଚ୍ଛ ପରିବେଶ ଆମ ସମସ୍ତଙ୍କର ଦାୟିତ୍ୱ, ପରିମଳ କାର୍ଯ୍ୟରେ ପୌର କର୍ମଚାରୀଙ୍କୁ ସହଯୋଗ କରନ୍ତୁ।
୫. ରାସ୍ତା, ଡ୍ରେନ, ପାର୍କ, ଖେଳ ପଡିଆ ନିର୍ମାଣ ପାଇଁ ଉଦ୍ଦିଷ୍ଟ ଜାଗାକୁ ଅବରୋଧ କରନ୍ତୁ ନାହିଁ, ପାରାଦ୍ୱୀପର ଉନ୍ନତିରେ ସହଯୋଗ କରନ୍ତୁ ।
୬. ପୌର ପରିଷଦର ଦେୟ ତଥା ଗୃହ ଟିକସ, ଲାଇସେନ୍ସ ଫିସ୍, ପରିମଳ ଫିସ ଏବଂ ଦୋକାନ ଗୃହ ଭଡ଼ା ଠିକ୍ ସମୟରେ ପୈଠ କରନ୍ତୁ।

ସ୍ୱଚ୍ଛ ପାରାଦୀପ- ସୁସ୍ଥ ପାରାଦୀପ

ନିବେଦକ
ପାରାଦ୍ୱୀପ ପୌର ପରିଷଦ, ପାରାଦ୍ୱୀପ

# ପୌରପରିଷଦ ବାଲେଶ୍ୱର

## ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳନ - ୨୦୨୬

ବାଲେଶ୍ୱର ପୌରପାଳିକାର ୧୫୦ ବର୍ଷର ଜନସେବା, ଗୌରବମୟ ଇତିହାସ ଓ ପୌର ବିକାଶର ଯାତ୍ରାକୁ ସ୍ମରଣୀୟ କରିବା ଉଦ୍ଦେଶ୍ୟରେ ୧୫୦ତମ ସ୍ୱାୟତ୍ତ ଶାସନ ଦିବସ ୨୦୨୬ ଅବସରରେ ବାଲେଶ୍ୱର ପୌରପାଳିକା ସମସ୍ତ ସହରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି ଏବଂ ସହରର ସର୍ବାଙ୍ଗୀନ ବିକାଶ ପାଇଁ ଆପଣଙ୍କ ସହଯୋଗ ଆଶା କରୁଅଛି।

ନିବେଦନ :-
୧- ପୌର ସମ୍ପତ୍ତି ଆପଣଙ୍କର, ଏହାର ରକ୍ଷଣାବେକ୍ଷଣ ଆପଣଙ୍କର ଦାୟିତ୍ୱ ।
୨- ସହରର ରାସ୍ତା ଏବଂ ଡ୍ରେନ ଅବରୋଧ କରନ୍ତୁ ନାହିଁ ଏବଂ ଏଥିରେ ଅଳିଆ ପକାଇ ପରିବେଶ ଦୂଷିତ କରନ୍ତୁ ନାହିଁ।
୩- ସର୍ବ ସାଧାରଣ ସ୍ଥାନରେ ଏବଂ ରାସ୍ତାରେ ଗୃହ ପାଳିତ ପଶୁମାନଙ୍କୁ ଛାଡ଼ି ଜନସାଧାରଣଙ୍କ ଯାତାୟତରେ ଏବଂ ଯାନବାହନ ଚଳାଚଳରେ ବ୍ୟାଘାତ ସୃଷ୍ଟି କରନ୍ତୁ ନାହିଁ ।
୪-ନୂତନ ଗୃହ ନିର୍ମାଣ ପୂର୍ବରୁ ପୌରପାଳିକାରୁ ନକ୍ସା ଅନୁମୋଦନ କରାଇ ନିଅନ୍ତୁ ।
୫- ଜଳ ନିଷ୍କାସନ ସୁରକ୍ଷିତ ଭାବେ ଡ୍ରେନରେ କରନ୍ତୁ ଓ ରାସ୍ତାକୁ ସଫା ରଖନ୍ତୁ ।
୬- ଗୃହର ବର୍ଜ୍ୟବସ୍ତୁକୁ ପୃଥକ ଭାବେ ରଖି ପୌରପାଳିକାରେ **BOV** ଗାଡିକୁ ପ୍ରଦାନ କରନ୍ତୁ ।
୭- ନିୟମିତ ଭାବେ ଘର ଟିକସ, ଦୋକାନ ଲାଇସେନ୍ସ ଟିକସ, ପୌରପାଳିକା ଦୋକାନ ଗୃହ ଭଡ଼ା ପଇଠ କରି ପୌରପାଳିକାର ଅର୍ଥନୈତିକ ପ୍ରଗତିରେ ସହାୟକ ହୁଅନ୍ତୁ ।
୮- ନିଜ ବାସଗୃହ ଏବଂ ବ୍ୟବସ୍ଥାନ ପ୍ରତିଷ୍ଠାନରୁ ନିର୍ଗତ ବର୍ଜ୍ୟବସ୍ତୁର ସଫଳ ପରିଚାଳନା କରିବାରେ ସହାୟକ ହୁଅନ୍ତୁ ଏବଂ ଏକ ସ୍ୱଚ୍ଛ ସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରନ୍ତୁ ।
୯- ଯଥା ସମୟରେ ଜନ୍ମ, ମୃତ୍ୟୁ ଏବଂ ହିନ୍ଦୁ ବିବାହର ପଞ୍ଜୀକରଣ କରନ୍ତୁ ।
୧୦ - ଜନସାଧାରଣଙ୍କ ପାଇଖାନା ଟାଙ୍କି ପ୍ରତି ୩ ବର୍ଷରେ ପୌରପାଳିକାର ସେସ୍‌ପୁଲ ଗାଡ଼ି ଦ୍ୱାରା ନିୟମ ଅନୁଯାୟୀ ସଫେଇ କରନ୍ତୁ ଏବଂ +୯୧୬୨୮୯୭୧୭୮୭୪ ଏହି ନମ୍ବରରେ ସମ୍ପର୍କ କରି ବୁକିଂ କରିପାରିବେ।
୧୧-ବାଲେଶ୍ୱର ସହରକୁ ସ୍ୱଚ୍ଛ, ନିର୍ମଳ, ସ୍ୱାସ୍ଥ୍ୟକର ସୁନ୍ଦର ଓ ସୁରକ୍ଷିତ କରି ଗଢ଼ି ତୋଳିବା ପାଇଁ ପୌରପାଳିକାକୁ ସହଯୋଗ କରନ୍ତୁ ।


ଶ୍ରୀଯୁକ୍ତ ଶିରିୟାଲ୍ ଶୁଭ୍ର ପଟେଲ,
ଓ.ପ୍ର.ସେ
କାର୍ଯ୍ୟ ନିର୍ବାହୀ ଅଧିକାରୀ
ବାଲେଶ୍ୱର ପୌରପାଳିକା
ଟ୍ୱିଟର ଆଇଡି
balasoremunici1


ଶ୍ରୀ କୈଳାଶ ଚନ୍ଦ୍ର ସେଠୀ
ଉପାଧ୍ୟକ୍ଷ
ବାଲେଶ୍ୱର ପୌରପାଳିକା
ଫେସବୁକ୍ ଆଇଡି
balasoremunicipality@rediffmail.com


ଶ୍ରୀମତୀ ସବିତା ସାହୁ
ପୌରାଧ୍ୟକ୍ଷା
ବାଲେଶ୍ୱର ପୌରପାଳିକା
ଇନଷ୍ଟାଗ୍ରାମ ଆଇଡି
balasoremunicipality

# ନୀଳଗିରି ବ୍ରାହ୍ମଣ ସମିତିର ଗୁରୁତ୍ୱପୂର୍ଣ୍ଣ ବୈଠକ ଓ କର୍ମକର୍ତ୍ତା ଚୟନ



ନୀଳଗିରି,୩୦/୦୮ (ନି।ପ୍ର): ନୀଳଗିରି ବ୍ରାହ୍ମଣ ସମିତିର ଏକ ଜରୁରୀ ବୈଠକ ଦୟାନିଧି ମିଶ୍ରଙ୍କ ଆବାହକତ୍ୱରେ ମହନ୍ତମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପୂର୍ବରୁ ଗୃହୀତ ହୋଇଥିବା କାର୍ଯ୍ୟକାରୀ ସଦସ୍ୟ ମାନଙ୍କୁ ମଞ୍ଜୁର କରାଯିବ ସହ ନୀଳଗିରୀ ଉପଖଣ୍ଡ ବ୍ରାହ୍ମଣ ସମିତିର କାର୍ଯ୍ୟକର୍ତ୍ତା ଚୟନ କରାଯାଇଥିଲା। ସର୍ବସମ୍ମତି କ୍ରମେ ସଭାପତି ଭାବେ ସୂର୍ଯ୍ୟନାରାୟଣ ଷଡଙ୍ଗୀ, ଉପ ସଭାପତି ଭାବେ ଧର୍ମବ୍ରତ ମିଶ୍ର, ସମ୍ପାଦକ ନିରଞ୍ଜନ ପାଢ଼ୀ, ସହ ସମ୍ପାଦକ ଭାବରେ ଜୟନ୍ତ କୁମାର ଷଡ଼ଙ୍ଗୀ, କୋଷାଧକ୍ଷ ବ୍ରଦେଶ୍ୱର୍ ନନ୍ଦ, ସହ କୋଷାଧକ୍ଷ ସରୋଜ ନନ୍ଦ, କାର୍ଯ୍ୟକାରୀ ସଦସ୍ୟ ଭାବରେ ଅରବିନ୍ଦ ପଣ୍ଡା, ବିଦ୍ୟାଧର ମିଶ୍ର, ଦେବାଶିଷ ଦ୍ୱିବେଦୀଙ୍କ ସମେତ ଅନ୍ୟ ଛଅଜଣ ମନୋନୀତ ହୋଇଛନ୍ତି। ଉପଦେଷ୍ଟା କମିଟିର ସ୍ଥାନୀୟ ବିଧାୟକ ସନ୍ତୋଷ ଖଟୁଆ, ଦୟାନିଧି ମିଶ୍ର, ବିନୋଦ ବିହାରୀ ପଣ୍ଡା, ପ୍ରଦୀପ୍ତ ମିଶ୍ର, ଗୋପୀନାଥ ପଣ୍ଡା, ମାୟାଧର ମହାନ୍ତି, ସୁରେଶ କୁମାର ଦାସ, ରତ୍ନାକର ଶତପଥୀ, ନିରଞ୍ଜନ ବେହେରା, ସୁରଞ୍ଜନ ମହାପାତ୍ର, ରସାନନ୍ଦ ଶତପଥୀ, ଦୁଷ୍ମନ୍ତ ମିଶ୍ର, ଅଜୟ ମହାପାତ୍ର, ପ୍ରମୁଖ ମନୋନୀତ ହୋଇଛନ୍ତି।

# ବିଜ୍ଞାପିତ ଅଂଚଳ ପରିଷଦ, କୋଦଳା

ପବିତ୍ର ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ଅବସରରେ କୋଦଳା ଏନ.ଏ.ସି. ସହରବାସୀଙ୍କର ସୁଖ ସମୃଦ୍ଧି କାମନା କରିବା ସହ ଆମ ଏନ.ଏ.ସି.କୁ ସବୁଜ, ସୁନ୍ଦର ଓ ସର୍ବାଙ୍ଗୀନ ଉନ୍ନତି ସମ୍ପନ୍ନ ସହରରେ ପରିଣତ କରିବାକୁ ସବିନୟ ଅନୁରୋଧ କରୁଅଛୁ।

### ନିବେଦକ

୧. ପରିଷଦର ରାସ୍ତା, ନାଳକୁ ଅବରୋଧ କରନ୍ତୁ ନାହିଁ ଏବଂ ପରିଷଦର ଟିକସ ଠିକ୍ ସମୟରେ ପୈଠ କରନ୍ତୁ।
୨. ନିଜ ଘରର ଅଳିଆକୁ ପୃଥକିକରଣ କରି ପ୍ରଦାନ କରନ୍ତୁ।
୩. ବୁଲା ଗୋରୁ ଗାଈମାନଙ୍କୁ ରାସ୍ତା ଉପରକୁ ଛାଡ଼ନ୍ତୁ ନାହିଁ, ଘରେ ବାନ୍ଧି ରଖନ୍ତୁ।

### ଆମର ସଂକଳ୍ପ

୧. ଖୁବ୍ ଶୀଘ୍ର ଅତ୍ୟାଧୁନିକ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ।
୨. ହଜ ବନ୍ଧର ଉନ୍ନତିକରଣ ସହ ବୋଟିଂ ବ୍ୟବସ୍ଥା।
୩. ମୁଖ୍ୟ ରାସ୍ତାର ପ୍ରଶସ୍ତିକରଣ ସହ ଅନେକ କିଛି।

ସୂର୍ଯ୍ୟ ନାରାୟଣ ନାୟକ
ଅଧ୍ୟକ୍ଷ
ଓ ସମସ୍ତ ପାରିଷଦ ବୃନ୍ଦ

13001/1694/2627

# ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ -୨୦୨୬ ଅବସରରେ ଖୋରଧା ପୌର ପରିଷଦ ତରଫରୁ ଖୋରଧା ସହରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ।

ସ୍ୱଚ୍ଛ, ସୁସ୍ଥ, ସୁନ୍ଦର ଓ ବିକଶିତ ସହର ଗଠନ କେବଳ ପୌର ପରିଷଦର ଦାୟିତ୍ୱ ନୁହେଁ, ଏଥିପାଇଁ ପ୍ରଶାସନ ସହିତ ପ୍ରତ୍ୟେକ ନାଗରିକଙ୍କର ସକ୍ରିୟ ସହଯୋଗ ଓ ସଚେତନତା ଆବଶ୍ୟକ। ଏହି ଦିଗରେ ଖୋରଧା ପୌର ପରିଷଦ ପକ୍ଷରୁ ସ୍ୱଚ୍ଛତା, ପରିମଳ ବ୍ୟବସ୍ଥା, ଆବର୍ଜନା ପରିଚାଳନା, ରାସ୍ତାଘାଟର ପରିଚ୍ଛନ୍ନତା, ନାଗରିକ ସେବା ଓ ସହରର ସାମଗ୍ରିକ ବିକାଶ ପାଇଁ ନିଆଯାଉଥିବା ପଦକ୍ଷେପ ନିଶ୍ଚିତ ଭାବେ ପ୍ରଶଂସନୀୟ।

ଖୋରଧା ହେଉଛି ଓଡ଼ିଶାର ଐତିହ୍ୟ, ସ୍ୱାଭିମାନ ଓ ଗୌରବର ଏକ ଅନନ୍ୟ ପରିଚୟ । ଏହି ଐତିହାସିକ ସହରକୁ ଆଧୁନିକ ନାଗରିକ ସୁବିଧା ସହିତ ଏକ ସ୍ୱଚ୍ଛ, ସୁସ୍ଥ, ସୁନ୍ଦର, ପରିବେଶବନ୍ଧୁ ଓ ଆଦର୍ଶ ସହର ଭାବେ ଗଢ଼ି ତୋଳିବା ଆମ ସମସ୍ତଙ୍କର ସାମୂହିକ ଦାୟିତ୍ୱ ।

ପୌର ପରିଷଦର ସ୍ୱଚ୍ଛତା କର୍ମୀମାନେ ପ୍ରତିଦିନ ନିଜର କର୍ତ୍ତବ୍ୟ ଓ ଦାୟିତ୍ୱକୁ ନିଷ୍ଠାର ସହିତ ସମ୍ପାଦନ କରି ସହରକୁ ପରିଷ୍କାର ରଖିବାରେ ଯେଉଁ ଅବଦାନ ରଖୁଛନ୍ତି, ସେଥିପାଇଁ ସେମାନେ ବିଶେଷ ପ୍ରଶଂସା ଓ ସମ୍ମାନର ଅଧିକାରୀ। ସେହିପରି ପୌର ପରିଷଦର ଅଧିକାରୀ, କର୍ମଚାରୀ, ଜନପ୍ରତିନିଧ ଓ ସଚେତନ ନାଗରିକଙ୍କ ମିଳିତ ପ୍ରୟାସ ହିଁ ଖୋରଧାକୁ ଆହୁରି ଆଗକୁ ନେଇପାରିବ ।

ଆଜିର ସଫଳତା ଆସନ୍ତାକାଲିର ବଡ଼ ସଫଳତା ପାଇଁ ପ୍ରେରଣା ଦାୟକ ହେଉ । ଖୋରଧା ପୌର ପରିଷଦ ଆଗାମୀ ଦିନରେ ନାଗରିକଙ୍କୁ ଆହୁରି ଉତ୍ତମ, ସ୍ୱଚ୍ଛ, ପାରଦର୍ଶୀ ଓ ଦାୟିତ୍ୱଶୀଳ ପୌର ସେବା ପ୍ରଦାନ କରିବା ସହିତ ସହରର ସର୍ବାଙ୍ଗୀନ ବିକାଶରେ ଏକ ନୂଆ ମାଇଲଖୁଣ୍ଟ ସ୍ଥାପନ କରୁ—ଏହା ହିଁ ଆମର ଆନ୍ତରିକ କାମନା ।

ଖୋରଧା ପୌର ପରିଷଦର ସମସ୍ତ ପ୍ରୟାସ ସଫଳ ହେଉ, ଖୋର୍ଦ୍ଧା ସହର ଆହୁରି ସ୍ୱଚ୍ଛ, ସୁନ୍ଦର ଓ ସମୃଦ୍ଧ ହେଉ—ଏହି ଶୁଭକାମନା ସହିତ ପୌର ପରିଷଦ ପକ୍ଷରୁ ପୁନର୍ବାର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

“ ସ୍ୱଚ୍ଛ ଖୋରଧା — ସୁନ୍ଦର ଖୋରଧା ସମୃଦ୍ଧ ଖୋରଧା – ଆମ ସମସ୍ତଙ୍କ ଖୋରଧା

କାବେରୀ ମୁଦୁଲି, (ଓ.ପ୍ର.ସେ.)
ପୌରପରିଷଦ ଖୋରଧା

ଶ୍ରୀମତୀ କନକଲକ୍ଷ୍ମୀ ମହାନ୍ତି
ପୌରାଧ୍ୟକ୍ଷା
ପୌରପରିଷଦ ଖୋରଧା

ଶ୍ରୀ ସୌର୍ଯ୍ୟ ରଞ୍ଜନ ମହାନ୍ତି, ଉପାଧ୍ୟକ୍ଷ
ସମସ୍ତ ସଭ୍ୟ, ସଭ୍ୟାବୃନ୍ଦ ପୌରପରିଷଦ ଖୋରଧା

OIPR: 13001/13082/1/26-27/0007

ସୋମବାର, ଅଗଷ୍ଟ ୩୧, ୨୦୨୬

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା


## ଭକ୍ତି ଜ୍ଞାନ ସଂଚାର ସେବା ସମିତି, ଉଦଳା ତରଫରୁ ଆଲୋଚନାଚକ୍ର

ଉଦଳା ତା.୩୦/୦୮- ରକ୍ଷାବନ୍ଧନ ଓ ସ୍ୱଭାବକବି ଗଙ୍ଗାଧର ମେହେର ଜୟନ୍ତି ଅବସରରେ ଭକ୍ତିଜ୍ଞାନ ସଂଚାର ସେବା ସମିତି, ଉଦଳା ତରଫରୁ 'ଭାରତୀୟ ସଂସ୍କୃତିରେ ରାକ୍ଷୀ ପୂର୍ଣ୍ଣିମା ଓ ଓଡ଼ିଆ ସାହିତ୍ୟକୁ ଗଙ୍ଗାଧର ମେହେରଙ୍କ ଅବଦାନ ସମ୍ପର୍କରେ ଏକ ଆଲୋଚାଚକ୍ର ଉଦଳା ବରିଷ୍ଠ ନାଗରିକ ସଂଘ ସଭାଗୃହରେ ଅନୁଷ୍ଠିତ ହୋଇ ଯାଇଛି । ଅନୁଷ୍ଠାନର ସଭାପତି ବରିଷ୍ଠ ଶିକ୍ଷାବିତ ତଥା କବି ଡ଼କ୍ଟର ଦିଲୀପ କୁମାର ଦୀକ୍ଷିତଙ୍କ ଅଧ୍ୟକ୍ଷତାରେ ଓ ବରିଷ୍ଠ ସାରସ୍ୱତ ସାଧକ ରବିକାନ୍ତ ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିବା ବେଳେ ବିଶିଷ୍ଟ ଶିକ୍ଷାବିତ ପ୍ରଫୁଲ୍ଲ ଚନ୍ଦ୍ର ମହାଳିକ ମୁଖ୍ୟ ସମୀକ୍ଷକ ଭାବରେ ମଂଚାସୀନ ଥିଲେ । ଅନ୍ୟାନ୍ୟ ଆଲୋଚକ ମାନଙ୍କ ମଧ୍ୟରେ ଅନୁଷ୍ଠାନର ଅଧକ୍ଷ ପଣ୍ଡିତ ଲକ୍ଷ୍ମୀଧର ପୁଥାଳ, ବିଶିଷ୍ଟକବି କିଶୋରଚନ୍ଦ୍ର ଦାସବାବୁ, ଡ଼କ୍ଟର ଶ୍ୟାମସୁନ୍ଦର ପଣ୍ଡା, ଅବସରପ୍ରାପ୍ତ ପ୍ରାଧ୍ୟାପକ ଭୋଳାନାଥ ସାହୁ, ଅବସରପ୍ରାପ୍ତ ଶିଶୁ ବିକାଶ ଅଧିକାରିଣୀ ଜ୍ୟୋତ୍ସ୍ନା ରାୟ, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ପ୍ରମିଳା ଜେନା, ଅବସରପ୍ରାପ୍ତ କୃଷି ଉପ ନିର୍ଦ୍ଦେଶକ ପରେଶଚନ୍ଦ୍ର ସାହୁ, ବରିଷ୍ଠ ନାଗରିକ ସଂଘର ସଂପାଦକ ପୂର୍ଣ୍ଣଚନ୍ଦ୍ର ସାହୁ, ସହସଂପାଦକ ଉପେନ୍ଦ୍ର ନାଥ ପୁହାଣ, ପ୍ରଫୁଲ୍ଲ ଚନ୍ଦ୍ର ବାରିକ ଓ କାଶିନାଥ ଦାସ ପ୍ରମୁଖ ଏଥିରେ ଯୋଗଦାନ କରି ରକ୍ଷାବନ୍ଧନର ପୌରାଣିକ ଓ ଐତିହାସିକ ପୃଷ୍ଠଭୂମି ସହ ଭାରତୀୟ ସଂସ୍କୃତିରେ ଏହାର ମହତ୍ୱ ସମ୍ପର୍କରେ ବିଶେଷ ଆଲୋଚନା ମାନ କରିଥିଲେ । ଏଥିସହ ଆଲୋଚକ ମାନେ ସ୍ୱଭାବକବି ଗଙ୍ଗାଧର ମେହେରଙ୍କର ସାହିତ୍ୟ ସାଧନା ଓ ତାଙ୍କ କବିତା ଗୁଡ଼ିକର ମୌଳିକତା ସମ୍ପର୍କରେ ମୂଲ୍ୟବାନ ଆଲୋଚନାମାନ କରିଥିଲେ । ଆଲୋଚନା ଆରମ୍ଭରେ ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ରଜତ କୁମାର ପଣ୍ଡା ଅତିଥି ପରିଚୟ ପ୍ରଦାନ ସହ ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଶିଷ୍ଟ ସ୍ତମ୍ଭକାର ପ୍ରାଧ୍ୟାପକ ଭୋଳାନାଥ ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ପୋଲିସକୁ ବାନ୍ଧିଲା ଟାଉନ୍ ପୋଲିସ



ଭଦ୍ରକ , ୩୦/୮ (ନି.ପ୍ର): ଭଦ୍ରକ ଟାଉନ ଥାନାରେ କାର୍ଯ୍ୟରତ ପୋଲିସ ସବ୍ ଇନ୍ସପେକ୍ଟର ଗଣନାଥ ସେଠୀଙ୍କୁ ଆଜି ପୋଲିସ୍ ଗିରଫ କରିଛି । ସୂଚନା ଅନୁସାରେ ଗଣନାଥ୍ ନିଜ ସ୍ତ୍ରୀ କୁ ମାନସିକ ଓ ଶାରିରୀକ ନିର୍ଯ୍ୟାତନା ଦେଉଥିବା ଅଭିଯୋଗ ହେବା ପରେ ସେ ଟାଉନ୍ ପୋଲିସ ଦ୍ୱାରା ଗିରଫ ହୋଇଛନ୍ତି ।

## ଜାତୀୟ କ୍ରୀଡା ଦିବସ ଅବସରରେ ଭଲିବଲ ଟୁର୍ଣ୍ଣାମେଣ୍ଟ : ପୋଲିସ ଦଳ ଚମ୍ପିୟାନ




ବାରିପଦା, ୩୦/୮ (ନି.ପ୍ର): ହକିର ଯାଦୁଗର ମେଜର ଧ୍ୟାନଚାନ୍ଦଙ୍କ ସ୍ମୃତିରେ ଜାତୀୟ କ୍ରୀଡା ଦିବସ ଅବସରରେ ମା' କିଚକେଶ୍ୱରୀ ଭଲିବଲ ଏକାଡେମୀ ଓ ପୋଲିସ ଆର ଆଇ ଙ୍କ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ପୋଲିସ ପଡିଆରେ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି ଓ ଏହି ଟୁର୍ଣ୍ଣାମେଣ୍ଟରେ ୬ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ପୋଲିସ ଭଲିବଲ ଦଳ ଆଜାଦ କ୍ଲବକୁ ପରାସ୍ତ କରି ଚମ୍ପିୟାନ ହୋଇଥିଲା ଓ ରେଫେରୀ ଭାବେ ରାଜେଶ ଦାସ, ଗୌରାଙ୍ଗ ମହାନ୍ତ, ନିରଞ୍ଜନ ନାଏକ, ଚନ୍ଦ୍ରମୋହନ ଦଳେଇ, ରାଜେନ୍ଦ୍ର ନାଥ ନାଏକ, ଏନ ଆଇ ଏସ କୋଚ ମନୋରଞ୍ଜନ ଜୀଉ ଖେଳ ପରିଚାଳନା କରିଥିଲେ ଓ ଶ୍ରେଷ୍ଠ ଖେଳାଳି ଭାବେ ରଞ୍ଜନ ବେହେରା, ସଞ୍ଜୟ ମହାନ୍ତ, ବିକାଶ ଗିରି, ରଂଜିତ ପାଣ୍ଡିଆ, ସୌରଭ ରାଉତ ଓ ବୈଭବ ମହାନ୍ତି ପୁରସ୍କୃତ ହୋଇଥିଲେ । ଅତିଥି ଭାବେ ଯୋଗଦେଇ ଭଂଜପୁର ଥାନା ଅଧିକାରୀ ରଶ୍ମି ରଞ୍ଜନ ପୃଷ୍ଟି, ସରଜେଣ୍ଟ ଗୌତମ ପ୍ରଧାନ, ଭଲିବଲ ସମ୍ପାଦକ ପାର୍ଥସାରଥୀ ସ୍ୱାଇଁ, ଏଥଲେଟିକ ସମ୍ପାଦକ ଅମ୍ବିକା ରାଉତ, ହାବିଲଦାର ଓ କନଷ୍ଟେବଳ ସଂଘର ସମ୍ପାଦକ ସ୍ୱରାଜ କୁମାର ରାଜ, ଇଶା ଫାଉଣ୍ଡେସନ ସଂଯୋଜକ ଚନ୍ଦ୍ରକାନ୍ତ ଦାସ, ଭାନୁପ୍ରତାପ ଭଞ୍ଜଦେଓ, ହିମାଂଶୁ ରାଜ, କେ ବିଶ୍ୱନାଥ ରାଓ, ରଘୁନାଥ ରାଓ, ଦେବାଶିଷ ପରିଡା, ହରିହର ମଲ୍ଲିକ, ପ୍ରଭାତ ମଲ୍ଲିକ, ଲକ୍ଷ୍ମୀ ନାରାୟଣ ସାହୁ ପ୍ରମୁଖ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ଓ ଉଦଯାପନୀ ଉତ୍ସବରେ ଅତିଥି ଭାବେ ଯୋଗଦେଇ ପୋଲିସ ଆର ଆଇ ଆଲୋକ କୁମାର କାନୁନଗୋ, ହୋମଗାର୍ଡ ସରଜେଣ୍ଟ ମନୋଜ କୁମାର ସାହୁ, ସମାଜସେବୀ ଅମର କୁମାର ସେଠି ଓ ସୋମନାଥ ସିଂହ ପୁରସ୍କାର ବିତରଣ କରିଥିଲେ ଓ ପୁନିତ ପାଲ, ସୁନିତ ପାଲ, ଦିବ୍ୟଜ୍ୟୋତି ଜୀଉ, ଶାନ୍ତିଲତା ଜୀଉ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଆବର୍ଜନା ଓ ପୂତିଗନ୍ଧରେ ଫାଟିପଡୁଛି ସଜନାଗଡ -ଭାଲୁକାଶୁଣି ରାସ୍ତା: ବନ୍ୟଜନ୍ତୁ ସଂକ୍ରମଣ ହେବାର ଆଶଙ୍କା, ନାହିଁ ବନବିଭାଗର ଅଙ୍କୁଶ



ନୀଳଗିରି, ୩୦/୮ (ନି.ପ୍ର): ବନବିଭାଗର ଅଣଦେଖା ହେଉ କିମ୍ବା ଅଙ୍କୁଶ ଲଗାଇବାରେ ଅସମର୍ଥତା ପାଇଁ ହେଉ ଲଗାମଛଡ଼ା ହୋଇପଡିଛନ୍ତି କିଛି ମାଂସ ଓ ଅଣ୍ଡା ବେପାରୀ । ଫଳରେ ୧୯ନଂ ରାଜ୍ୟ ରାଜପଥ ସଜନାଗଡରୁ ଭାଲୁକାଶୁଣି ରାସ୍ତାର ଉଭୟ ପାର୍ଶ୍ୱରେ କୁଢ଼କୁଢ଼ ଆବର୍ଜନା ଏବଂ କୁକୁଡ଼ା ଛେଳିର ଦେହାବଶେଷ, କୁକୁଡ଼ା ପର ଏପରିକି ପଚାଅଣ୍ଡା ଏବଂ ଖୋଳ ପକାଯାଇଥିବାରୁ ରାସ୍ତାରେ ଯିବାଆସିବା କରୁଥିବା ପଥଚାରୀ ଦୁର୍ଗନ୍ଧ କାରଣରୁ ନାକରେ ଲୁଗାଦେଇ ଅଣନିଶ୍ୱାସି ହୋଇ ଯାଉଥିବା ପରିଲକ୍ଷିତ ହେଉଛି । ତେବେ ଅଧିକାଂଶ ସମୟରେ ଶିଆଳ ଓ କୁକୁର ଉକ୍ତ ପଚାସଢ଼ା ଖାଦ୍ୟ ଖାଇବାକୁ ଆସିଥିବାରୁ ପଥଚାରୀମାନେ ଦୁର୍ଘଟଣାର ଶୀକାର ହୋଇ ଲହୁଲୁହାଣ ହେଉଛନ୍ତି । ଏଥିପ୍ରତି ପ୍ରଶାସନର ଦୃଷ୍ଟି ଅଛି ନା ବନବିଭାଗର । ସର୍ବୋପରି ଏହି ରାସ୍ତାରେ ଦୈନନ୍ଦିନ ବଡବଡ ଅଧିକାରୀ ମାନେ ମଧ ଯିବାଆସିବା କରୁଥିଲେ ମଧ ବାବୁମାନଙ୍କ ନଜରରେ ପଡେନାହିଁ । ତେବେ ସରକାର ପରିବେଶ ପ୍ରଦୂଷଣ ଉପରେ ଗୁରୁତ୍ୱ ଦେଉଥିଲେ ହେଁ ଏଠାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି । ଗୁରୁତ୍ୱପୂର୍ଣ୍ଣ କଥା ଉକ୍ତ ରାସ୍ତାଟି କୁଳଡିହା ସଂଲଗ୍ନ ହୋଇଥିବା ସଙ୍ଗେସଙ୍ଗେ ତିନିକୋଶିଆ ଜଙ୍ଗଲ ମଧ୍ୟରେ ଅବସ୍ଥିତ । ଫଳରେ ହାତୀ, ଭାଲୁ, ଶିଆଳ, ହରିଣ ଏବଂ ଅନ୍ୟ ପ୍ରଜାତିର ବହୁ ପଶୁପକ୍ଷୀ ଉକ୍ତ ପଚାସଢ଼ା ଦେହାବଶେଷ ଖାଇ ସଂକ୍ରମଣର ଶିକାରହେବା ଆଶଙ୍କା ଦେଖାଦେଇଛି । ଏଠାରେ ବନବିଭାଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବାବେଳେ ବିଭାଗ ଏଥିପ୍ରତି ବିମୁଖ ଥିବାରୁ ଆଗାମୀଦିନରେ ମହାମାରୀ ଭଳି ମାରାତ୍ମକ ରୋଗରେ ପୀଡିତ ହେବାର ଆଶଙ୍କା ବୃଦ୍ଧି ପାଇଛି । ତେଣୁ ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେବା ସହିତ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି ।

## ଖଇରା ବ୍ଲକସ୍ତରୀୟ ଗୀତାବୃତି ପ୍ରତିଯୋଗିତା



ଖଇରା, ୩୦/୮ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ବାଣପୁର ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ପ୍ରଜ୍ଞାନ ମିଶନ ଆନୁକୂଲ୍ୟରେ ବ୍ଲକ ସ୍ତରୀୟ ଗୀତାବୃତି ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି । ପ୍ରଧାନାଚାର୍ଯ୍ୟ ଜ୍ୟୋତି ରଞ୍ଜନ ଦାଶଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନିରଞ୍ଜନ ପଣ୍ଡା, ଅନ୍ୟତମ ଅତିଥି ଭାବେ ବୁଦ୍ଧିରାମ ପାଣିଗ୍ରାହୀ, ରମାକାନ୍ତ ଶତପଥି ଓ ମହେନ୍ଦ୍ର ସେନାପତି ପ୍ରମୁଖ ଜୀବନରେ ପୁର୍ଣ୍ଣତା ନିମିତ୍ତ ଗୀତା ପଢିବା ଓ ବୁଝିବା ନିହାତି ଜରୁରୀ ବୋଲି କହିଥିଲେ । ଶିବ ପ୍ରସାଦ ବଳଙ୍କ ସଂଯୋଜନାରେ ଅନୁଷ୍ଠିତ ପ୍ରତିଯୋଗିତାରେ ପ୍ରଦ୍ୟୁମ୍ନ ନାୟକ ଓ ଅକ୍ଷୟ କୁମାର ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ବିଚାରକ ମଣ୍ଡଳୀଙ୍କ ଦ୍ୱାରା କ,ଖ,ଗ,ଘ ବିଭାଗରେ ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀଙ୍କୁ ଅତିଥି ଓ ବିଚାରକ ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ।

## ବୈଶିଙ୍ଗା ପୋଲିସର ନିଶାମୁକ୍ତ ଅଭିଯାନ ଶାଳଗାଁରେ

ବଡ଼ସାହି , ୩୦/୮ (ନି.ପ୍ର): ବଡ଼ସାହି ବ୍ଲକ ଶାଳଗାଁ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ବୈଶିଙ୍ଗା ପୋଲିସ ଦ୍ୱାରା ନିଶାମୁକ୍ତ ଓଡ଼ିଶା ଅଭିଯାନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରାରମ୍ଭରେ ଜଗନ୍ନାଥଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ଇକୋକ୍ଲବର ସଂଯୋଜକ ସନ୍ତୋଷ କୁମାର ଖଣ୍ଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ବାରିଣୀ ଦାସ ଆଇ.ଆଇ.ସି, ଲମ୍ବୋଧର ବାରିକ ଏ.ଏସ.ଆଇ, ସନ୍ତୋଷ କୁମାର ବେହେରା ପ୍ରଧାନଶିକ୍ଷକ ଉପସ୍ଥିତ ଥିଲେ । ନିଶାର କୁ ପ୍ରଭାବରେ ଆଜି ଦିନରେ ଛାତ୍ର-ଛାତ୍ରୀ ତଥା ଯୁବ ସମାଜ ବିଭିନ୍ନ ପ୍ରକାର ଅସାମାଜିକ କାର୍ଯ୍ୟକଳାପରେ ଲିପ୍ତ ରହି ପିତା-ମାତା ତଥା ପୋଲିସର ମୁଣ୍ଡ ବିନ୍ଧାର କାରଣ ହେଉଛନ୍ତି । ଆଗକୁ ଭଲ ମଣିଷ ହେବା ସହିତ ନିଜେ ତଥା ପରିବାର ଓ ଆତ୍ମୀୟ ସ୍ୱଜନ ମାନଙ୍କୁ ନିଶାମୁକ୍ତ ରହିବା ପାଇଁ ପରାମର୍ଶ ଦେବେ । ନିଶା ସେବନ ଫଳରେ ପାରିବାରିକ ହିଂସା, ଦୁର୍ଘଟଣା ଓ ଧନଜୀବନ ହାନି ବୃଦ୍ଧି ପାଉଥିବାର ଅବଗତ କରାଇଥିଲେ । ଯୁବସମାଜ ଆଗାମୀ ଦିନରେ ଦେଖୁଥିବା ସ୍ୱପ୍ନ ନଷ୍ଟ ହେବା ସହିତ ବିଭିନ୍ନ ମାରାତ୍ମକ ରୋଗରେ ଶିକାର ହେଉଛନ୍ତି । ଛାତ୍ର-ଛାତ୍ରୀମାନେ ବିଭିନ୍ନ ପ୍ଲାକାର୍ଡ ଧରି ଜନସାଧାରଣଙ୍କୁ ସଚେତନତା କରାଇଥିଲେ । ନିଶାମୁକ୍ତ ଓଡ଼ିଶା ଅଭିଯାନରେ ସମସ୍ତଙ୍କୁ ଆଇ.ଆଇ.ସି ଶପଥ ପାଠ କରାଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, କର୍ମଚାରୀ ଓ ବୈଶିଙ୍ଗାର ପୋଲିସ ବୃନ୍ଦ ଉପସ୍ଥିତ ଥିଲେ । ସର୍ବଶେଷରେ ହିତେଶ କୁମାର ପରିଡ଼ା (ଛାତ୍ର) ଧନ୍ୟବାଦ ଅର୍ପଣ କରିଥିଲେ ।

## ବସ୍ତା ଲାୟନ୍ସ କ୍ଲବର ବାର୍ଷିକ ସଂସ୍ଥାପନ ଦିବସ ପାଳିତ



ବସ୍ତା, ୩୦/୮ (ନି.ପ୍ର): ବସ୍ତା ଲାୟନ୍ସ କ୍ଲବର ବାର୍ଷିକ ସଂସ୍ଥାପନ ଦିବସ କଟିପୋଲସ୍ଥିତ ଗଣପତି ପାଇପ୍ସ କାରଖାନା ପରିସରରେ ଅନୁଷ୍ଠୀତ ହୋଇଯାଇଛି । ସଭାପତି ଲାୟନ୍ସ ସତ୍ୟ ନାରାୟଣ ଗୁପ୍ତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ସଂସ୍ଥାପନ ଅଧିକାରୀ ଭାବେ ପିଡ଼ିଜି ପ୍ରକାଶ କୁମାର ଜେନା, ମୁଖ୍ୟ ଅତିଥି ଭାବେ ଆଇପିଡିଜି ମମତା ଦାସ, ଆଞ୍ଚଳିକ ଅଧ୍ୟକ୍ଷ ଅଜୟ କୁମାର ସାହୁ, ଜୋନାଲ ଅଧ୍ୟକ୍ଷ ମିତା ମାନ୍ନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଉଦବୋଧନ ଦେଇଥିଲେ । ସମ୍ପାଦକ ଲାୟନ୍ସ ସତ୍ୟ ନାରାୟଣ କର୍ଣ୍ଣାନି ବାର୍ଷିକ ବିବରଣୀ ପାଠ କରିଥିଲେ । ନୂତନ ସଭାପତି ସତ୍ୟବ୍ରତ ମହାପାତ୍ର, ବସନ୍ତ କୁମାର ବେହେରା ସମ୍ପାଦକ, ମନୋଜ କର୍ଣ୍ଣାନି କୋଷାଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ଶେଷରେ ସୁଶୀଲ କର୍ଣ୍ଣାନି ଧନ୍ୟବାଦ ଅର୍ପଣ କରିଥିଲେ ।

## ଶିକ୍ଷା ହେଉଛି ବିକଶିତ ଭାରତର ମୂଳ ଆଧାର

ଭଦ୍ରକ , ୩୦/୮ (ନି.ପ୍ର): ଆଜି କୁଆଁସ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରି, ବିଧାୟକ ହାତପାଣ୍ଠିରୁ ପ୍ରଦତ୍ତ ଅର୍ଥରାଶିରେ ନିର୍ମିତ ଶ୍ରେଣୀଗୃହ, ଶୌଚାଳୟ, ମୁଖ୍ୟ ଫାଟକ ଓ ବିଦ୍ୟାଳୟ ପରିସରର ଚଲାପଥ ଉନ୍ନତି ଲାଗି ସମସ୍ତ ଉଦ୍ୟମ କରିବା ଛାତ୍ରଛାତ୍ରୀଙ୍କୁ ଉତ୍ତମ ଶିକ୍ଷା ସହ ସୁନ୍ଦର, ସୁରକ୍ଷିତ ଓ ସୁବିଧାଜନକ ଶିକ୍ଷା ପରିବେଶ ଯୋଗାଇଦେବା ଆମର ପ୍ରାଥମିକତା । ଭଦ୍ରକର ଶିକ୍ଷା ଭିତ୍ତିଭୂମିକୁ ଆହୁରି ମଜବୁତ କରିବା ଦିଗରେ ଏଭଳି ବିକାଶମୂଳକ ପଦକ୍ଷେପ ଜାରି ରହିବ । ଆମ ବିଦ୍ୟାଳୟର ବିକାଶ, ଆମ ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ।






## ବାଲେଶ୍ୱରରେ ଜାତୀୟ କ୍ରୀଡ଼ା ଦିବସର ତ୍ରିଦିବସୀୟ ଭବ୍ୟ ଉତ୍ସବ ଉଦ୍‌ଯାପିତ: ସାଇକେଲ ରାଲି ସହ ଯୋଗଦେଲେ ମାନ୍ୟଗଣ୍ୟ ଅତିଥି




ବାଲେଶ୍ୱର, ୩୦/୮ (ନି.ପ୍ର): ବାଲେଶ୍ୱରରେ ଚାଲିଥିବା ଜାତୀୟ କ୍ରୀଡ଼ା ଦିବସର ତିନିଦିନିଆ ଭବ୍ୟ କ୍ରୀଡ଼ା ଉତ୍ସବ ଆଜି (ଅଗଷ୍ଟ ୩୦) ସଫଳତାର ସହ ଉଦ୍‌ଯାପିତ ହୋଇଯାଇଛି । 'ଖେଳିବ ଭାରତ, ଜିତିବ ଭାରତ', "ଏକ ଘଣ୍ଟା ଖେଳ ପଡିଆରେ" ବିଷୟ ସହିତ ଆୟୋଜିତ ଏହି କ୍ରୀଡ଼ା ମହୋତ୍ସବର ଅନ୍ତିମ ଦିବସରେ ସ୍ୱାସ୍ଥ୍ୟ ଏବଂ ପରିବେଶ ସଚେତନତାକୁ ନେଇ 'ସଣ୍ଡେ ଅନ୍ ସାଇକେଲ' କ୍ୟାମ୍ପେନ ଆୟୋଜିତ ହୋଇଥିଲା । ଏହି ସ୍ୱତନ୍ତ୍ର ସାଇକେଲ ରାଲି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ହୋଇ ସହର ପରିକ୍ରମା କରିଥିଲା । ଏହି ସମାପନ ଉତ୍ସବ ବାଲେଶ୍ୱର ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ପୌରୋହିତ୍ୟରେ ଆୟୋଜନ ହୋଇଥିବା ବେଳେ ବାଲେଶ୍ୱର ସଦରର ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ମାନସ କୁମାର ଦତ୍ତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କ୍ରୀଡ଼ାବିତମାନଙ୍କୁ ଉତ୍ସାହିତ କରିବା ସହ ଜୀବନରେ କ୍ରୀଡ଼ାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ଅନ୍ୟାନ୍ୟ ବରେଣ୍ୟ ଅତିଥି ତଥା ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଖୁଣ୍ଟିଆଙ୍କ ସମେତ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଓ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୋଭା ବଢ଼ାଇଥିଲେ । ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀଯୁକ୍ତ ପୂର୍ଣ୍ଣ ଚନ୍ଦ୍ର ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ସୁଚାରୁ ପରିଚାଳନାରେ ଏହି ତିନିଦିନିଆ ଉତ୍ସବର ସମସ୍ତ କାର୍ଯ୍ୟସୂଚୀ ସଫଳତାର ସହ ସମ୍ପନ୍ନ ହୋଇଛି । ଏହି ଉଦ୍‌ଯାପନୀ ସମାରୋହରେ ସ୍ଥାନୀୟ କ୍ରୀଡ଼ାବିତ, କ୍ରୀଡ଼ା ଛାତ୍ରାବାସର ଅନ୍ତେବାସୀ, କର୍ମଚାରୀ ଏବଂ ଜନସାଧାରଣ ପ୍ରବଳ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ । ପରିଶେଷରେ ଗତ ଦୁଇ ଦିନରେ ହୋଇଥିବା ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ବିଜୟୀ କ୍ରୀଡ଼ାବିତମାନଙ୍କୁ ପୁରସ୍କୃତ କରାଯାଇଥିଲା ।

## ସୁବର୍ଣ୍ଣରେଖା ପୋଲ ଉପରୁ ନଦୀକୁ ଡେଇଁ ପଡ଼ିଲେ ଯୁବକ

ବାଙ୍ଗିରିପୋଷି, ୩୦/୮ (ନି.ପ୍ର): ସୁବର୍ଣ୍ଣରେଖା ନଦୀ ପୋଲ ଉପରୁ ନଦୀ ଭିତରକୁ ଡେଇଁ ପଡ଼ିଲେ ଯୁବକ । ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତ ଜାମଶୋଳା ସ୍ଥିତ ସୁବର୍ଣ୍ଣରେଖା ନଦୀ ପୋଲ ଉପରୁ ନଦୀ ଭିତରକୁ ଡେଇଁ ଜଣେ ଯୁବକ ନିଖୋଜ ହୋଇଯାଇଛନ୍ତି । ନିଖୋଜ ଯୁବକ ଜଣକ ମୟୂରଭଞ୍ଜଜିଲ୍ଲା ଚାନ୍ଦୁଆ ଅଞ୍ଚଳର ୩୨ ବର୍ଷୀୟ ରାସବିହାରୀ ବେହେରା ବୋଲି ଜଣାପଡ଼ିଛି । ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁସାରେ, ଯୁବକ ଜଣକ ବାଇକ୍ (ଓଡି-୧୧ଏ-ଏଚ-୧୧୬୯) ଯୋଗେ ଆସି ହଠାତ୍ ପୋଲ ଉପରେ ଗାଡ଼ିଟିକୁ ରଖି ନଦୀ ଗର୍ଭକୁ ଡେଇଁ ପଡ଼ିଥିଲେ ।

## ସତର୍କ ସଙ୍କେତ ଉପରେ ବୈତରଣୀ

ଭଦ୍ରକ, ୩୦/୮ (ନି.ପ୍ର): ବୈତରଣୀ ନଦୀରେ ଜଳସ୍ତର ବୃଦ୍ଧି ପାଇ ସତର୍କସଙ୍କେତ ଟପିଛି । ରବିବାର ସନ୍ଧ୍ୟା ୬ଟା ସୁଦ୍ଧା ନଦୀ ଆଖୁଆପଦାରେ ସତର୍କସଙ୍କେତ ସ୍ତର ୧୭.୮୩ମିଟର ଅତିକ୍ରମ କରି ୧୮.୦୧ ମିଟରରେ ପ୍ରବାହିତ ହେଉଛି । ଜଳସ୍ତର ଘଣ୍ଟାପ୍ରତି ୧ ମି.ମି. ବେଗରେ ବୃଦ୍ଧି ପାଉଛି । ବ୍ଲକ ଅଞ୍ଚଳରେ ଗତ ୨୪ ଘଣ୍ଟା ମଧ୍ୟରେ ୧୦ ମି.ମି. ବର୍ଷା ହୋଇଛି । ଗତ ୨୪ ଘଣ୍ଟା ମଧ୍ୟରେ ନଦୀର ଉପରମୁଣ୍ଡ ଚମ୍ପୁଆରେ ୨୧.୦ ମି.ମି., ସ୍ୱାମୀପାଟଣାରେ୨୮.୮ ମି.ମି., କେଉଁଝରରେ ୧୨.୪ମି.ମି., ଆନନ୍ଦପୁରରେ ୧୩.୦ ମି.ମି. ଓ ଆଖୁଆପଦାରେ ୮.୦ ମି.ମି. ବର୍ଷା ରେକର୍ଡ କରାଯାଇଛି ।


❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida